NITIDIN ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
10 APRIL 2026
ଶୁକ୍ରବାର
୧୦ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 322 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୨୨ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

### ଗାଧୋଇବା ହେଲା କାଳ

# ପୋଖରୀରେ ବୁଡ଼ି ୩ ନାବାଳିକା ମୃତ

**ନବରଙ୍ଗପୁର,୯।୪/ଏନ୍ଏନ୍ଏସ୍:**

ଗାଧୋଇବା ହେଲା କାଳ। ପୋଖରୀରେ ବୁଡ଼ି ଦୁଇ ଭଉଣୀ ସମେତ ୩ ଜଣ ନାବାଳିକାଙ୍କ ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୁର୍ସି ଗ୍ରାମର ଉପରପାରାରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତ ତିନି ନାବାଳିକାଙ୍କ ମଧ୍ୟରେ ଅଛନ୍ତି ଗାଁର ରାଜମନ ଗଣ୍ଡଙ୍କ ଦୁଇ ଝିଅ ଏବଂ ବାଲସାଇ ଗଣ୍ଡଙ୍କ ଜଣେ ଝିଅ। ରାଜମନ ଗଣ୍ଡଙ୍କ ଦୁଇ ଝିଅ ହେଉଛନ୍ତି ସନ୍ଧ୍ୟା ଓ ସନ୍ଧିତା। ସେହିପରି ବାଲସାଇ ଗଣ୍ଡଙ୍କ ଝିଅ ନାଁ ହେଉଛି ଭୂମିକା।ମୃତକମାନଙ୍କ ମଧ୍ୟରୁ ୨ ଜଣଙ୍କ ବୟସ ୬ ବର୍ଷ ହୋଇଥିବା ବେଳେ ଜଣଙ୍କୁ ୫ ବର୍ଷ ହୋଇଥିଲା ବୋଲି ଜଣାପଡ଼ିଛି। ସେମାନେ ସ୍କୁଲରୁ ଫେରି ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଛି। ଗୁରୁବାର ଦିନ ପ୍ରାୟ ୧୧ ସମୟରେ ତିନି ଜଣ ସାଙ୍ଗ ହୋଇ ଘର ନିକଟରେ ଥିବା ପୋଖରୀକୁ ଗାଧୋଇ ବାକୁ ଯାଇଥିଲେ। ତେବେ ପୋଖରୀ କୂଳରେ ପୋଷାକ ରଖି ପାଣି ଭିତରକୁ ଯାଇ ଆଉ ଫେରି ନଥିଲେ। ଏନେଇ ପାଖରେ ଥିବା ଅନ୍ୟ ଜଣେ ଶିଶୁ ଘରକୁ ଆସି ଜଣାଇବା ପରେ ଗ୍ରାମବାସୀ ପାଣି ଭିତରୁ ତିନି ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଉମରକୋଟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅଧିକ ତଦନ୍ତ କରୁଛି।

### ଓଏସ୍ଏସ୍ଟିଇଟି ପରୀକ୍ଷା ଫଳ ପ୍ରକାଶିତ

# ପାସ୍ ହାର ୭୨.୩୮ ପ୍ରତିଶତ

**କଟକ,୯।୪/ଏନ୍ଏନ୍ଏସ୍:**

ଓଏସ୍ଏସ୍ଟିଇଟି-୨୦୨୫ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ମୋଟ୍ ପାସ୍ହାର ୭୨.୩୮ ପ୍ରତିଶତ ହୋଇଥିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ପକ୍ଷରୁ ସୂଚନା ପ୍ରଦାନ କରଯାଇଛି। ସୂଚନାଯୋଗ୍ୟ ଗତ ଜାନୁଆରୀ୨୧ ତାରିଖରେ ଓଏସ୍ଏସ୍ଟିଇଟି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ପାଇଁ ୫୬ହଜାର ୪୫୬ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ଉଭୟ ପେପର-୧ ଓ ପେପର-୨ରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଥିଲେ। ତେବେ ଗୁରୁବାର ଏହାର ଫଳ ପ୍ରକାଶ ପାଇଥିବାବେଳେ ପାସ ହାର ୭୨.୩୮ ପ୍ରତିଶତ ରହିଛି ବୋଲି ବୋର୍ଡ଼ ସଭାପତି ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଗୁରୁବାର ଅପରାହ୍ନ ୪ ଟା ପରଠାରୁ ବୋର୍ଡ଼ ୱେବସାଇଟରେ ରେଜଲ୍ଟ ଉପଲବ୍ଧ ହୋଇଛି। ପାସ କରିଥିବା ପରୀକ୍ଷାର୍ଥୀମାନେ ବୋର୍ଡ଼ ୱେବ୍ସାଇଟରୁ ସେମାନଙ୍କର ଡିଜିଟାଇଜଡ ସାର୍ଟିଫିକେଟ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁମାନେ ପରୀକ୍ଷାରେ ଉତୀର୍ଣ୍ଣ ହୋଇନାହାନ୍ତି, ସେମାନେ ବୋର୍ଡ଼ ୱେବ୍ସାଇଟରୁ ସେମାନଙ୍କ ଓଏମ୍ଆର ଉତର ଖାତା ଡାଉନଲୋଡ୍ କରିପାରିବେ।

### ୬୦୦ କୋଟିର ବିଦ୍ୟୁତ୍ ଭିତ୍ତିଭୂମି ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# ରାଜଧାନୀରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ

**ଭୁବନେଶ୍ୱର ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ**

**୩ ଗ୍ରୀଡ୍ ସବ୍ଷ୍ଟେସନ୍, ୮ ଟ୍ରାନ୍ସମିସନ୍ ଲାଇନ୍ ଉଦ୍ଘାଟିତ**

**୨୦୩୦ ସୁଦ୍ଧା ଭୁବନେଶ୍ୱରର ବିଦ୍ୟୁତ୍ ଶକ୍ତି ଚାହିଦା ହେବ ଦୁଇଗୁଣ: ସିଏମ୍**





**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:**

ଭୁବନେଶ୍ୱରର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବାଲିଅନ୍ତା ଠାରେ ୬୦୦ କୋଟିର ବିଦ୍ୟୁତ୍ ଭିତ୍ତିଭୂମି ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ୩ଟି ନୂତନ ଗ୍ରୀଡ୍ ସବ୍ଷ୍ଟେସନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିସନ ଲାଇନ୍ ଉଦ୍ଘାଟନ କରିଛନ୍ତି। ଏହି ନୂତନ ଜିଆଇଏସ୍ ଗ୍ରୀଡ୍ ସବଷ୍ଟେସନ ଓ ସଂଲଗ୍ନ ଟ୍ରାନ୍ସମିସନ ଲାଇନଗୁଡ଼ିକ ରାଜଧାନୀରେ ନିରବଚ୍ଛିନ୍ନ, ଉଚ୍ଚ ଗୁଣସ୍ତରୀୟ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏହା ଫଳରେ ଶିଳ୍ପ, ବ୍ୟବସାୟ, ଆଇଟି ଏବଂ ନଗରୀୟ ଜୀବନର ସମଗ୍ର ବିକାଶ ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ଏହି ୩ଟି ନୂତନ ଗ୍ରୀଡ୍ ସବ୍ଷ୍ଟେସନ - ବାଲିଅନ୍ତା, ସତ୍ୟନଗର, ଏବଂ କଟକର ଏସ୍.ସି.ବି. ମେଡିକାଲ୍‌ରେ ସ୍ଥାପନ କରାଯାଇଛି। ଯାହାଦ୍ୱାରା ଅଞ୍ଚଳର ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ଲାଭାନ୍ୱିତ ହେବେ। ଏହା ସହିତ ଭୁବନେଶ୍ୱରକୁ ଏକ ବିକଳ୍ପ ବିଦ୍ୟୁତ୍ ଉତ୍ସ ସହିତ ସଂଯୋଗ ମଧ୍ୟ ▶▶ ୬

### ୩ ନଦୀର ହେବ ପୁନରୁଦ୍ଧାର

ପ୍ରାଚୀ, ଧନୁଆ, ଦୟା ନଦୀର ପୁନରୁଦ୍ଧାର ହେବ। ଭୁବନେଶ୍ୱରର ପାର୍ଶ୍ୱବର୍ତ୍ତୀ ନଦୀଗୁଡ଼ିକର ପୁନରୁଦ୍ଧାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ୩୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଭୁବନେଶ୍ୱର-ଜୟଦେବ ଅଞ୍ଚଳରେ ଥିବା ଧନୁଆ ନଦୀର ପୁନରୁଦ୍ଧାର ପାଇଁ ଦ୍ୱିତୀୟ ଫେଜ୍‌ରେ ୭୫ କୋଟି ଟଙ୍କା ଅନୁମୋଦନ ହୋଇସାରିଛି। ଏଥିସହିତ ସଂଜୀବନୀ ଯୋଜନାରେ ଦୟା ନଦୀର ପୁନରୁଦ୍ଧାର ପାଇଁ ୧୭୦ କୋଟି ଟଙ୍କା ଏବଂ ଦୟା ପଶ୍ଚିମ କେନାଲ ପୁନରୁଦ୍ଧାର ଓ ଉନ୍ନତିକରଣ କରିବା ପାଇଁ ୪୦୦ କୋଟି ଟଙ୍କା ଅନୁମୋଦନ ହୋଇଛି। ଖୁବ ଶୀଘ୍ର ସମସ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ଘୋଷଣା କରିଥିଲେ। ନଦୀର ପୁନରୁଦ୍ଧାର ପାଇଁ ଆମ ସରକାର ବଜେଟରେ ଆର୍ଥିକ ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ନଦୀଗୁଡ଼ିକରେ ପୁନର୍ବାର ଜଳସ୍ରୋତ ପ୍ରବାହ ଠିକ୍ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

### ହଳଦିଆରେ ବିଶାଳ ସମାବେଶକୁ ମୋଦୀଙ୍କ ସମ୍ବୋଧନ

# ପଶ୍ଚିମବଙ୍ଗବାସୀଙ୍କୁ ଦେଲେ ୬ ଗ୍ୟାରେଣ୍ଟି

● ଆଇନ ପୁନର୍ବାର ଶାସନ କରିବ ● ପ୍ରତି ଦୁଷ୍କର୍ମ ମାମଲାର ଫାଇଲ୍ ଖୋଲାଯିବ

**ହଳଦିଆ,୯।୪/ଏଜେନ୍ସି:**



ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ପଶ୍ଚିମବଙ୍ଗବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ୬ଟି ପ୍ରତିଶ୍ରୁତି ବା ଗ୍ୟାରେଣ୍ଟି ଦେଇଛନ୍ତି। ବେଙ୍ଗଲର କ୍ଷମତାସୀନ ଟିଏମସିକୁ ମଧ୍ୟ ମୋଦୀ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିଛନ୍ତି। "ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ହେଲେ ଚାଷୀ ଏବଂ ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ପ୍ରତି ବିଶେଷ ଧ୍ୟାନ ଦିଆଯିବ।" ଗୁରୁବାର ପଶ୍ଚିମବଙ୍ଗର ହଳଦିଆ ଠାରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପରି କିଛି ବୟାନ୍ ଦେଇଛନ୍ତି। ମୋଦୀ ସରକାର ଟିଏମ୍ସି ସରକାରକୁ 'ନିର୍ମମ' ବା (ନିଷ୍ଠୁର) ବୋଲି କହିଥିଲେ ଏବଂ ଆଇନ ଶୃଙ୍ଖଳା ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଜିର ଏହି ନିର୍ବାଚନୀ ସଭାରେ ସେ ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ବିକାଶ, ସୁରକ୍ଷା, ପ୍ରଶାସନିକ ସୁବ୍ୟବସ୍ଥା ଏବଂ ଜନ କଲ୍ୟାଣ ଉପରେ ଧ୍ୟାନ କେନ୍ଦ୍ରିତ କରି ୬ ଟି ପ୍ରମୁଖ ଗ୍ୟାରେଣ୍ଟି ବା ପ୍ରତିଶ୍ରୁତି ଦେଇଛନ୍ତି। ମୋଦୀ ପଶ୍ଚିମବଙ୍ଗରେ ଏକ 'ଡବଲ-ଇଞ୍ଜିନ୍' ସରକାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ମଧ୍ୟରେ ମୋଦୀ କହିଛନ୍ତି ଯେ, ବିଧାନସଭା ନିର୍ବାଚନ ପରେ ଯଦି ବିଜେପି ରାଜ୍ୟରେ ସରକାର ଗଠନ ▶▶ ୬

### ତିନି ରାଜ୍ୟରେ ସରିଲା ବିଧାନସଭା ନିର୍ବାଚନ, କିଛି ସ୍ଥାନରେ ହିଂସାକାଣ୍ଡ

# ଆସାମରେ ସର୍ବକାଳୀନ ୮୫% ଭୋଟିଂ

**ଗୁଆହାଟୀ, ଥିରୁଅନନ୍ତପୁରମ୍, ପୁଡୁଚେରୀ, ୯।୪/ଏଜେନ୍ସି:**



**କେରଳମ୍‌ରେ ୭୮% ଓ ପୁଡୁଚେରୀରେ ୯୦% ମତଦାନ**

ଗୁରୁବାର ଦେଶର ଦୁଇଟି ରାଜ୍ୟ ଆସାମ, କେରଳମ୍ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଆଜି ସକାଳ ୭ଟା ବେଳକୁ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ୬ଟାରେ ଶେଷ ହୋଇଛି। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ବିଳମ୍ବିତ ସନ୍ଧ୍ୟା ୮ଟା ସୁଦ୍ଧା ଆସାମରେ ୮୫.୩୮%, କେରଳମ୍‌ରେ ୭୮.୦୧% ଏବଂ ପୁଡୁଚେରୀରେ ୮୯.୮୧% ମତଦାନ ରେକର୍ଡ କରାଯାଇଛି। ଆସାମରେ ଏଥର ୮୫%ରୁ ଅଧିକ ଭୋଟିଂ ହୋଇଛି ଯାହାକି ଆସାମ୍ ଇତିହାସରେ ସର୍ବବୃହତ୍ ଭୋଟିଂ ପ୍ରତିଶତ। ସେହିପରି କେରଳମ୍‌ରେ ମଧ୍ୟ ଦୀର୍ଘ ୪୯ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ୭୮% ଭୋଟିଂ ହୋଇଥିବାର ଦେଖିବାକୁ ମିଳିଛି। ତେବେ ଏହାରି ମଧ୍ୟରେ ଆସାମ ଏବଂ ପୁଡୁଚେରୀରେ କିଛି ମାତ୍ରାରେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ହିଂସାକାଣ୍ଡ ସଂଘଠିତ ହୋଇଥିବା ସୂଚନା ମିଳିଛି। ଆସାମର ଶ୍ରୀଭୂମି ଜିଲ୍ଲାର ପଥରକାଣ୍ଡିରେ କଂଗ୍ରେସ ଏବଂ ଭାଜପା ସମର୍ଥକଙ୍କ ମଧ୍ୟରେ ନିର୍ବାଚନୀ ହିଂସା ଘଟି ପ୍ରାୟ ୩୦ଜଣ ଆହତ ହୋଇଥିବା ବେଳେ ଏହି ଘଟଣାରେ ୭ଜଣଙ୍କୁ ଗିରଫ କରାଯାଇଛି। ପୁଡୁଚେରୀରେ କଂଗ୍ରେସ-ବିଜେପି କର୍ମୀ ମୁହାଁମୁହିଁ ହୋଇଛନ୍ତି। ସୂଚନାନୁସାରେ ମନ୍ନାଦିପେଟ୍ ପୋଲିଂ ବୁଥରେ କଂଗ୍ରେସ ଓ ବିଜେପି ସମର୍ଥକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି, ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍ ଲାଠିଚାର୍ଜ କରିଥିଲା।

ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଏନ. ରଙ୍ଗାସ୍ୱାମୀ ବାଇକ୍ ଚଢ଼ି ଭୋଟ୍ ଦେବାକୁ ଆସିଥିବା ଦେଖିବାକୁ ▶▶ ୬

● ଆଜାଦନଗର ବୋମା ବିସ୍ଫୋରଣ ଘଟଣା

# ଏନ୍ଆଇଏର ତନାଘନା

### ଏୟାରଫିଲ୍ଡ ଥାନାରୁ ଦସ୍ତାବିଜ ସଂଗ୍ରହ

**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:**

ରାଜଧାନୀ ଭୁବନେଶ୍ୱରସ୍ଥ ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାର ତଦନ୍ତ ଏନ୍ଆଇଏ ଟିମ୍ ଆରମ୍ଭ କରିଛି। ଏନଆଇଏର ତିନିଜଣିଆ ଟିମ ଏୟାରଫିଲ୍ଡ



ଥାନାରେ ପହଞ୍ଚି ପୁଲିସ ତଦନ୍ତର ସମସ୍ତ ଦସ୍ତାବିଜ ସଂଗ୍ରହ କରିଛନ୍ତି। ସମ୍ପୃକ୍ତ ଟିମ୍ ଏୟାରରଫିଲ୍ଡ ଥାନାରେ ପହଞ୍ଚି ବୋମା ବିସ୍ଫୋରଣ ଘଟଣାର ତଦନ୍ତକାରୀ ଅଧିକାରୀଙ୍କ ନିକଟରୁ ସମସ୍ତ ତଥ୍ୟ ହାସଲ କରିଛି। ଆଜି ପର୍ଯ୍ୟନ୍ତ ବୋମା ବିସ୍ଫୋରଣ ଘଟଣାରେ ମିଳିଥିବା ସୁରାକ, ଫୋରେନସିକ ରିପୋର୍ଟ, ଘଟଣା ସ୍ଥଳରୁ ମିଳିଥିବା ବିସ୍ଫୋରଣ ସମୟର ସିସିଟିଭିର ହାର୍ଡଡିସ୍କକୁ ନିଜ ▶▶ ୬

# ତାତିରୁ ନାହିଁ ତ୍ରାହି: ଶନିବାରଠୁ ଅସହ୍ୟ ଖରା

**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:**



ଦିନରେ ଖରା, ଅପରାହ୍ନରେ କାଳବୈଶାଖୀ ତାଣ୍ଡବ। ଲଗାତାର କିଛି ଦିନ ଧରି କୁଆପଥର ମାଡ଼, ଝଡ଼ ବର୍ଷା ଲାଗି ରହିଥିବା ବେଳେ ମାଡ଼ିଆସୁଛି ସାଂଘାତିକ ଖରା। ଆସନ୍ତା ଶନିବାରଠୁ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି। ରାଜ୍ୟରେ ଆସନ୍ତାକାଲି ଅର୍ଥାତ ଶୁକ୍ରବାର କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିବ। ତେବେ ୧୧ ତାରିଖରୁ ଉପକୂଳ ଏବଂ ଆଖପାଖ ଅଞ୍ଚଳରେ ପ୍ରବଳ ଖରା ଓ ଗରମ ନେଇ ପାଣିପାଗ କେନ୍ଦ୍ର ଆଲର୍ଟ ଜାରି କରିଛି।

ପ୍ରକାଶ ଯେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାର ୨୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କେନ୍ଦ୍ରାପଡ଼ା,ଗଞ୍ଜାମ, ବୌଦ୍ଧ, ଅନୁଗୁଳ, କନ୍ଧମାଳ, ନୟାଗଡ଼, କଟକ, ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, ଯାଜପୁର, ଭଦ୍ରକ ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରକୁ କାଳବୈଶାଖୀ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ ୩୦ରୁ ୪୦ କିମି ପବନ ବହିବାର ସମ୍ଭାବନା ରହିଛି। ସେହିପରି ଭଦ୍ରକ, ▶▶ ୬

# ପଞ୍ଝୁଦଣ୍ଡରେ ପିଟାପିଟି

**ବ୍ରହ୍ମପୁର,୯।୪/ଏନ୍ଏନ୍ଏସ୍:**

ଗଞ୍ଜାମ ଜିଲ୍ଲାର କୋଣ ଅନୁକୋଣରେ ଚାଲିଛି ପରମ୍ପରା ଓ ଆଧାତ୍ମିକ ଚେତନାର ଜ୍ୱଳନ୍ତ ପ୍ରତୀକ ଦଣ୍ଡ ନାଚ। ଏହାକୁ ଶୃଙ୍ଖଳିତ ଓ ଲୋକାଭିମୁଖୀ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ନିୟମାବଳୀ ପ୍ରଣୟନ କରାଯାଇଛି। ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ ସଚେତନତା ମଧ୍ୟ ସୃଷ୍ଟି କରାଯାଇଛି। ଏସବୁ ସତ୍ତ୍ୱେ ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ସୁନ୍ଦରାପଲ୍ଲୀ ଗ୍ରାମରେ ଗତକାଲି ଚାଲିଥିବା ପଞ୍ଝୁ ଦଣ୍ଡରେ ପରମ୍ପରା ଭୁଲି ଦଣ୍ଡୁଆ ଦଣ୍ଡୁଆ ମଧ୍ୟରେ ବାନା ବାଡିରେ ବାଡାବାଡ଼ି ହୋଇଥିବା ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁବା ଘଟଣା ଭକ୍ତମାନଙ୍କୁ ମାନସିକ ଆଘାତ ଦେଇଛି। ଏହି ଗ୍ରାମରେ ଗୋଲିଆ, ମୋରାବାଇ, କବିସୂର୍ଯ୍ୟନଗର ପରିଡ଼ା ପାର୍ଟି, ହିଞ୍ଜିଳି କାଟୁ ସାନ ପାର୍ଟି ଓ ପୁରୁଷୋତ୍ତମପୁର ଗୌଡ଼ ପାର୍ଟି ମଧ୍ୟରେ ପଞ୍ଝୁ ଦଣ୍ଡ ବୁଧବାର ଦିନ ଅନୁଷ୍ଠିତ ହୋଇଥିଲା। ଗାଁ ମଧ୍ୟରେ ହିଞ୍ଜିଳିକାଟୁ ସାନପାର୍ଟି ଓ ପୁରୁଷୋତ୍ତମପୁର ଗୌଡ଼ପାର୍ଟି ନାଚ ପାଇଁ କମିଟି ସ୍ଥିର କରିଥିବା ବେଳେ ଗାଁ ବାହାରେ ଗୋଲିଆ, ମୋରାବାଇ ▶▶ ୬

### ଆଗକୁ ଅଧିକ ଭୟଙ୍କର ଯୁଦ୍ଧ !

# ପ୍ରତି କ୍ଷଣ ମୋଡ଼ ବଦଳାଉଛି ସ୍ଥିତି

**ତେହରାନ୍, ତେଲ ଅଭିଭ୍, ୱାଶିଂଟନ୍, ୯।୪/ଏଜେନ୍ସି:**



ଆମେରିକା ଏବଂ ଇରାନ୍ ଉଭୟ ଦେଶ ସ୍ୱୀକାର କରିଛନ୍ତି ଯେ, ସେମାନଙ୍କ ମଧ୍ୟରେ ୧୪ ଦିନିଆ ଯୁଦ୍ଧ ବିରତି ହୋଇଛି। କିନ୍ତୁ ଏହାସତ୍ତ୍ୱେ ଆମେରିକା ସେନା ଏବେ ବି ଇରାନ୍ ସୀମାରେଖାରେ ଡେରା ପକାଇଛନ୍ତି। ଏହାରି ମଧ୍ୟରେ ଆମେରିକା ଚେତାବନୀ ମଧ୍ୟ ଦେଇଛି ଯେ, ଇରାନ୍ ସହ ଯୁଦ୍ଧକୁ ସାମୟିକ ବିରତି ଦିଆଯାଇଛି। ଯଦି ଇରାନ୍, ଆମେରିକାର ସର୍ତ୍ତରେ ରାଜି ନହୁଏ ତେବେ ଏହା ପୁନର୍ବାର ଇରାନ୍ ଉପରେ ଆକ୍ରମଣ କରିବାକୁ ବାଧ୍ୟ ହେବ। ଏହାକୁ ଦୃଷ୍ଟିରେ ରଖି ଇରାନ୍ ମଧ୍ୟ ନିଜ ପ୍ରତିଆକ୍ରମଣ କ୍ଷମତାକୁ ଦ୍ରୁତଗତିରେ ବ୍ୟାପକ କରିବାରେ ଲାଗିଛି। ତେବେ ଏସବୁ ମଧ୍ୟରେ ଇସ୍ରାଏଲ୍ ମଧ୍ୟ ମନମାନି କରିବା ଜାରି ରଖିଛି। ଆମେରିକା-ଇରାନ୍ ଯୁଦ୍ଧବିରତିରେ ଲେବାନନ୍‌କୁ ସାମିଲ କରାଯାଇନଥିବା ଦର୍ଶାଇ ବୁଧବାର ରାତିରେ ଇସ୍ରାଏଲ୍, ହିଜ୍‌ବୁଲ୍ଲାର ସଶସ୍ତ୍ର ଗୋଷ୍ଠୀଙ୍କୁ ଟାର୍ଗେଟ୍ କରି ଲେବାନନ୍ ଉପରେ କରିଥିବା ଆକ୍ରମଣରେ ମୃତ୍ୟୁସଂଖ୍ୟା ୨୫୪ ଏବଂ ଆହତଙ୍କ ସଂଖ୍ୟା ୧୧୬୫ରୁ ଅଧିକ ରହିଥିବା ଜଣାପଡ଼ିଛି।

ଇସ୍ରାଏଲ୍‌ର ଏହି ଆକ୍ରମଣରେ ଲେବାନନ୍‌ରେ ଥିବା ହିଜ୍‌ବୁଲ୍ଲା ନେତା ନାଇମ୍ କାସିମ୍‌ଙ୍କ ବ୍ୟକ୍ତିଗତ ପରାମର୍ଶଦାତା ତଥା ପୁତୁରା ୟୁସୁଫ୍ ହର୍ଷିଙ୍କର ମୃତ୍ୟୁ ହୋଇଥିବା ଇସ୍ରାଏଲ୍ ସେନା (ଆଇଡିଏଫ୍) ଦାବି କରିଛି। ଆଇଡିଏଫ୍ ଅନୁସାରେ ବେରୁତ୍‌ର ତଲ୍ଲେତ ଖାୟାତ ଅଞ୍ଚଳରେ ଥିବା ହିଜବୁଲ୍ଲାର ଆଡ୍ଡା ଉପରେ ହୋଇଥିବା ଆକ୍ରମଣରେ ଏକ ବହୁତଳ କୋଠା ଧ୍ୱଂସ ହୋଇଛି। ପ୍ରକାଶ, ଦକ୍ଷିଣ ଲେବାନନରେ ପ୍ରାୟ ୧୦ଟି ଅସ୍ତ୍ରଶସ୍ତ୍ର ଡିପୋ, ରକେଟ୍ ଲଞ୍ଚର୍ ଏବଂ ହିଜବୁଲ୍ଲା ମୁଖ୍ୟାଳୟ ଉପରେ ହୋଇଥିବା ଆକ୍ରମଣରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଥା ମଧ୍ୟ ଶୁଣୁନଥିବା ନେଇ କୁହାଯାଉଛି। ସୁତରାଂ ପରିସ୍ଥିତି ଏବେ ଏପରି ହୋଇଛି ଯେ ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସାମିଲ ଥିବା ୩ ପକ୍ଷ (ଇରାନ୍, ଇସ୍ରାଏଲ୍ ଏବଂ ଆମେରିକା) ପରସ୍ପର କେହି କାହାକୁ ବିଶ୍ୱାସ କରୁନାହାନ୍ତି। ସୁତରାଂ ଯୁଦ୍ଧର ସ୍ଥିତି ଏବେ ପ୍ରତିକ୍ଷଣ ମୋଡ଼ ବଦଳାଉଛି, ଯାହାକି ଆଗାମୀ ଦିନରେ ପୁନଃ ଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ▶▶ ୬

**୩ ପକ୍ଷ; କେହି କାହାକୁ ବିଶ୍ୱାସ କରୁନାହାନ୍ତି: ଅଧିକ ଦିନ ତିଷ୍ଠିବନି ଯୁଦ୍ଧବିରତି**

**ଇସ୍ରାଏଲ୍ ଆକ୍ରମଣରେ ୨୫୪ ମୃତ**

**ହର୍ମୁଜ୍‌ରେ ଦିନକୁ ମାତ୍ର ୧୫ଟି ଜାହାଜ ଯାଇପାରିବ, ସୁରକ୍ଷିତ ଯାତ୍ରା ପାଇଁ ସ୍ୱତନ୍ତ୍ର ମାର୍ଗ: ଇରାନ୍**

### ଆଜିଠୁ ଆମେରିକା-ଇରାନ ଯୁଦ୍ଧବିରତି ଆଲୋଚନା

**ବୁଝାମଣାରେ ଲେବାନନ୍ ମଧ୍ୟ ସାମିଲ**

ପାକିସ୍ତାନରେ ଆସନ୍ତା କାଲି ଠାରୁ ଅନୁଷ୍ଠିତ ହେବାକୁ ଥିବା ଆମେରିକା-ଇରାନ ଯୁଦ୍ଧବିରତି ଆଲୋଚନାରେ ତିନୋଟି ଦେଶର କିଛି ପ୍ରମୁଖ ନେତାମାନେ ସାମିଲ ହେବେ। ତେବେ ଏହି ସମ୍ଭାବ୍ୟ ନେତାମାନଙ୍କ ମଧ୍ୟରେ ପାକିସ୍ତାନ ପକ୍ଷରୁ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍, ସେନା ପ୍ରମୁଖ ଅସିମ୍ ମୁନିର, ବିଦେଶ ମନ୍ତ୍ରୀ ଈଶାକ୍ ଡାର୍ ଏବଂ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଆସିମ୍ ମଲିକ୍ ରହିଛନ୍ତି। ସେହିପରି ଆମେରିକା ପକ୍ଷରୁ ଉପରାଷ୍ଟ୍ରପତି ଜେଡି ଭାନ୍ସ, ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟକୋଫ୍, ବରିଷ୍ଠ ପରାମର୍ଶଦାତା ଜାରେଡ୍ କୁଶନର, ସୈନ୍ୟ ଅଧିକାରୀ ବ୍ରାଡେ କୁପର ସାମିଲ ହେବେ। ଇରାନ୍ ପକ୍ଷରୁ ସଂସଦ ଅଧ୍ୟକ୍ଷ ମହମ୍ମଦ ବାଘେର ଗାଲିବାଫ୍, ବିଦେଶ ମନ୍ତ୍ରୀ ଅବ୍ବାସ ଅରାଘାଚୀ, ଉପବିଦେଶ ମନ୍ତ୍ରୀ ମଜିଦ୍ ତଖ୍ତ ଖାଞ୍ଚି ପ୍ରମୁଖ ଏହି ବୈଠକରେ ଯୋଗଦେବେ। ଗୁରୁବାର ପାକିସ୍ତାନର ପ୍ରତିନିଧି ଜାତିସଂଘ ସୁରକ୍ଷା ପରିଷଦରେ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ବୁଝାମଣାରେ ଲେବାନନ୍ ମଧ୍ୟ ସାମିଲ ଅଛି। ତଥାପି ଲେବାନନ୍ ରାଷ୍ଟ୍ରପତି ଜୋସେଫ ଆଉନ୍ କହିଛନ୍ତି ଯେ ଇସ୍ରାଏଲ ସହ ସିଧାସଳଖ ଆଲୋଚନା ହିଁ ବର୍ତ୍ତମାନର ଏକମାତ୍ର ସମାଧାନ।

# ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ମୃତ

**ପୁରୀ,୯।୪/ଏନ୍‌ଏନ୍‌ଏସ୍:** ଜୀବନ ନେଲା ମୁକୁଳା ଡ୍ରେନ୍। ମୁକୁଳା ଡ୍ରେନ୍ ?ରେ ପଡ଼ି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ପୁରୀ ପୋଲିସ ଲାଇନ୍ ହାଇସ୍କୁଲ ନିକଟରେ ଘଟିଛି ଏଭଳି ଅଘଟଣ। ତେବେ ମୃତ ବ୍ୟକ୍ତିଙ୍କର ପରିଚୟ ମିଳିପାରିନାହିଁ। ଖବର ପାଇ କୁମ୍ଭାରପଡ଼ା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପୁରୀ ହସ୍ପିଟାଲକୁ ପଠାଇଛି। ମୃତ ବ୍ୟକ୍ତିଙ୍କ ଘର କେଉଁଠି ଏବଂ ଡ୍ରେନ୍‌ରେ କିଭଳି ପଡ଼ି ତାଙ୍କର ମୃତ୍ୟୁ ହେଲା ସେନେଇ ତଦନ୍ତ କରୁଛି ପୋଲିସ। ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପକାଇବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ଜିଲ୍ଲା ପ୍ରଶାସନ କିନ୍ତୁ ଏ ଦିଗରେ ଆଦୌ ଧ୍ୟାନ ଦେଉନାହିଁ। ଯାହା ଫଳରେ ଅନେକ ଜୀବନ ମୁକୁଳା ଡ୍ରେନ୍‌ରେ ଚାଲିଯାଉଛି। ସେହିପରି ଆଗକୁ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆସୁଛି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, ଯାତ୍ରୀଙ୍କ ସମାଗମ ହେବ ପୁରୀରେ। ଏଣୁ ଯାତ୍ରୀଙ୍କ ସୁରକ୍ଷା ପାଇଁ ତୁରନ୍ତ ପ୍ରଶାସନ ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ପାଇଁ ଦାବି ହୋଇଛି।

# ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ନିଯୁକ୍ତିରେ ଖଣ୍ଡପଡ଼ାରେ ଖୁସିର ଲହରୀ



**ଖଣ୍ଡପଡ଼ା,୯।୪/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ବରିଷ୍ଠ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ପୁରୀ ଜିଲ୍ଲା ଅଧୀନ ସାକ୍ଷୀଗୋପାଳସ୍ଥିତ ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ଗୁରୁବାର ଦାୟିତ୍ୱ ଗ୍ରହଣ କରିବା ପରେ ସମଗ୍ର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଖୁସିର ଲହରୀ ଖେଳିଯାଇଛି। ପ୍ରଫେସର ଶ୍ରୀ ଆଚାର୍ଯ୍ୟ ଦିର୍ଘ ବର୍ଷ ଧରି ଆନ୍ଧ୍ରପ୍ରଦେଶ ରାଜ୍ୟର ତିରୁପତିସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସୁଚାରୁ ରୂପେ କାର୍ଯ୍ୟ କରି ବିଭିନ୍ନ ମହଲରେ ବେଶ ପ୍ରଶଂସାର ପାତ୍ର ହୋଇପାରିଥିଲେ। ଏବେ ସେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ଗୁରୁ ଦାୟିତ୍ୱ ଗ୍ରହଣ କରିବା ପରେ ଖଣ୍ଡପଡ଼ା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଶ୍ରୀ ଆଚାର୍ଯ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ପ୍ରକାଶଥାଉକି ପ୍ରଫେସର ଆଚାର୍ଯ୍ୟଙ୍କ ପ୍ରଚେଷ୍ଟାକ୍ରମେ ତାଙ୍କ ଜନ୍ମସ୍ଥାନ ଖଣ୍ଡପଡ଼ା ବ୍ଲକ ଅଧୀନ ନଟବରପୁରଶାସନ ଶାସନ ଗ୍ରାମରେ ଏକ ବେଦ ପାଠଶାଳା ପ୍ରତିଷ୍ଠା କରାଯାଇଥିବା ଜଣାଯାଇଛି।

# ତହସିଲ୍ ପକ୍ଷରୁ ଜବରଦଖଲ ଉଚ୍ଛେଦ



**ନିଶ୍ଚିନ୍ତକୋଇଲି,୯।୪/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ଅସୁରେଶ୍ୱର ବଜାରର ବହୁ ଦୋକାନ ସମେତ ୫ଟି ବାସଗୃହକୁ ଉଚ୍ଛେଦ କରାଯାଇଥିବାର ଜଣାଯାଇଛି। ଖବରରୁ ପ୍ରକାଶ ଯେ କଟିକଟା-ଜୟପୁର ରାସ୍ତା ବାମ ପାର୍ଶ୍ୱରେ ଥିବା ଅସୁରେଶ୍ୱର ବଜାର ନିକଟସ୍ଥ ୧୦ ନମ୍ବର କେନାଲଠାରୁ ନୃସିଂହ ଅବତାର ପୂଜା ମଣ୍ଡପ ପର୍ଯ୍ୟନ୍ତ ବହୁ ଗୁଡ଼ିଏ ଦୋକାନ ଗୃହ ସମେତ ୫ ଟି ପରିବାରର ବାସଗୃହକୁ ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ଦୀର୍ଘ ଦିନ ହେବ ଦୋକାନୀମାନେ ଓ କିଛି ପରିବାର ଲୋକମାନେ ଗୋଚର କିସମର ଜାଗା ଜବରଦଖଲ କରି ଦୋକନ ଗୃହ ଓ ବାସଗୃହ ନିର୍ମାଣ କରିଥିଲେ। ଏପରିକି ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ ଜାଗାକୁ ଜବରଦଖଲ କରି ସ୍ଥାୟୀ ଘର ନିର୍ମାଣ କରିଥିଲେ। ଫଳରେ ରାସ୍ତାରେ ଯାତାୟାତ ପାଇଁ ବହୁ ସମସ୍ୟା ଉପୁଜୁଥିଲା ବେଳେ ରାଜସ୍ୱ କାର୍ଯ୍ୟାଳୟ ମଧ୍ୟ ସଠିକ୍ ଭାବେ ନିର୍ମାଣ କରାଯାଇପାରୁନଥିଲା। ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଥିଲା। ଏନେଇ ଜବରଦଖଲକାରୀମାନଙ୍କୁ ସ୍ୱଇଚ୍ଛାରେ ଜବରଦଖଲରୁ ହଟିଯିବା ପାଇଁ ନୋଟିସ ମଧ୍ୟ କରାଯାଇଥିଲା। ହେଲେ ଜବରଦଖଲକାରୀମାନେ ସେମାନଙ୍କର ଘରକୁ ନଭାଙ୍ଗିବାରୁ ମଙ୍ଗଳବାର ଦିନ ନିଶ୍ଚିନ୍ତକୋଇଲି ଅତିରିକ୍ତ ତହସିଲଦାର ଶିବରାମ ସ୍ୱାଇଁଙ୍କ ନେତୃତ୍ୱରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରିଣୀ ଅନିତା ସାହୁ ଓ ନିଶ୍ଚିନ୍ତକୋଇଲି ଥାନା ପୋଲିସ ସହାୟତାରେ ଦୁଇଟି ଜେସିବି ମେସିନ ଦ୍ୱାରା ଉକ୍ତ ଦୋକାନ ଗୃହ ସହ ୫ଟି ପରିବାରର ବାସଗୃହ ଭଙ୍ଗାଯାଇଛି।

# ଚୋରି ଘଟଣାର ତଦନ୍ତ

**ନୟାହାଟ,୯।୪/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ବିଳମ୍ବିତ ରାତିରେ ବଡତୋଟା ଛକରେ ଏକ ଗୁଆମସଲା ଦୋକାନ ଭାଙ୍ଗି ଚୋରି ହେବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ବଡ଼ତୋଟା ଛକରେ ଥିବା ନୃସିଂହ ଚରଣ ସ୍ୱାଇଁଙ୍କ ଗୁଆ ମସଲା ଦୋକାନ ତାଲା ଭାଙ୍ଗି ନଗଦ ୫ହଜାର ଟଙ୍କା ଓ ଡାଲି ଏକ ପ୍ୟାକେଟ, ଅମୂଲ ୫କେଜି ସୋରିଷ ତେଲ ୧୨ ବୋତଲ, ଓଜନ କଣ୍ଟା , ସିଗାରେଟ୍ ୧୨ ପ୍ୟାକେଟ ଆନୁମାନିକ ୩୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହେବା ଫାଣ୍ଡିରେ ଅଭିଯୋଗ ହେବା ପରେ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଭୁବନେଶ୍ୱରରୁ ଆସିଥିବା ପୋଲିସ ଅନୁସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାର ତଦନ୍ତ କରିଥିଲେ। ସେହିପରି ଗତ ୫ତାରିଖରେ ଶୋହଣା ଗ୍ରାମର ଘୋଡ଼ାଦାଣ୍ଡି ତ୍ରିଲୋଚନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ନଗଦ ୫ହଜାର, ପାଣି ମଟର, ୫୦କେଜି ଚାଉଳ ବସ୍ତା, ସାଉଣ୍ଡ ବକ୍ସ ଚୋରି ଘଟଣାର ପୋଲିସ ଅନୁସନ୍ଧାନ କୁକୁର ଦ୍ୱାରା ଘଟଣାର ତଦନ୍ତ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ଅପରାଧୀମାନଙ୍କୁ ପୋଲିସ ଠାବ କରିଥିବା ବେଳେ ସେମାନେ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଫାଣ୍ଡି ଅଧିକାରୀ ଶ୍ରୀ ମଲିକ ପ୍ରକାଶ କରିଛନ୍ତି।

## ବାହାର ରତ୍ନଭଣ୍ଡାର

# ଦ୍ୱିତୀୟ ଦିନରେ ୬ଘଣ୍ଟା ଗଣତିମଣତି

**ପୁରୀ,୯।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କର ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ଆଜି ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଦ୍ୱିତୀୟ ଦିନରେ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଜାରୀ ରହିଛି ଶ୍ରୀମନ୍ଦିର ରତ୍ନ ଭଣ୍ଡାରରେ (ବାହାର ରତ୍ନଭଣ୍ଡାର) ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ପ୍ରକ୍ରିୟା। ଆଜି ରତ୍ନଭଣ୍ଡାର ଅଳଙ୍କାର ଆଦିର ଗଣତି କାର୍ଯ୍ୟ ପାଇଁ ପ୍ରାଧିକୃତ ସଦସ୍ୟ ମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷ ଠାରେ ଧାର୍ଯ୍ୟ ସମୟରେ ଉପସ୍ଥିତ ହେବାପରେ ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି କୌଣସି ପ୍ରକାର ଚାପର ବଶବର୍ତ୍ତୀ ନହୋଇ ନିଷ୍ଠାର ସହ ଗଣତି କାର୍ଯ୍ୟ ମାର୍ଗଦର୍ଶିକା ପ୍ରକାରେ ପୂର୍ବଦିନ ପରି ସମ୍ପାଦନ ନିମନ୍ତେ ଜାରୀ ରଖିବାକୁ ଶ୍ରୀମନ୍ଦିର ବଣିଆ ସେବକ, ତଢ଼ାଉ କରଣ, ଦେଉଳ କରଣ ଙ୍କୁ ସମ୍ବୋଧିତ କଲାପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ , ଡ଼.ଅରବିନ୍ଦ ପାଢୀ ଙ୍କ ଏବଂ ରତ୍ନ ଭଣ୍ଡାର ଉଚ୍ଚସ୍ତରୀୟ କମିଟି ସଦସ୍ୟ ଙ୍କ ନେତୃତ୍ୱରେ ଛତିଶା ନିଯୋଗ ନାୟକ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ,ଅଧିକୃତ ବରିଷ୍ଠ ଅଧିକାରୀ, ରତ୍ନ ଭଣ୍ଡାର ସବ କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ଘ.୧୦.୫୫ ମିନିଟ ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଶ୍ରୀମନ୍ଦିର ରତ୍ନ ଭଣ୍ଡାରକୁ ପ୍ରବେଶ ପୂର୍ବରୁ ପ୍ରାଧିକୃତ ସମସ୍ତ ସଦସ୍ୟ ବୃନ୍ଦ ପାରମ୍ପରିକ ପୋଷାକ ପରିଧାନ ପରେ ମୁଖ୍ୟ ପ୍ରଶାସକ ସଦସ୍ୟ ମାନଙ୍କୁ ଗଣତି ପ୍ରକ୍ରିୟା ଶୃଙ୍ଖଳା ର ସହ ପରମ୍ପରା ପ୍ରକାରେ ସଂପାଦନ ସମ୍ପର୍କରେ ପୁନଃ ସତର୍କ କଲାପରେ ମୁଖ୍ୟ ପ୍ରଶାସକ ସମସ୍ତ ସହଯୋଗୀ ସଦସ୍ୟ ବୃନ୍ଦଙ୍କ ସହ ଶ୍ରୀମନ୍ଦିରର ଆରାଧ୍ୟ ଦେବୀ ମା ' ବିମଳା, ମା' ଭୁବନେଶ୍ୱରୀ, ମା' ବେଢ଼ାକାଳୀ, ଶେଷରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ଦର୍ଶନ ଆଶିଷ ଆଣିବା ପରେ ବେହରଣ ଦ୍ୱାରା ନିକଟରେ ସୁରକ୍ଷା ଦୃଷ୍ଟିରୁ ସ୍ଥାପିତ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ ହୋଇ ଗଣତି ପ୍ରକ୍ରିୟାରେ ସାମିଲ ସଦସ୍ୟମାନେ ଭିତରକୁ ପ୍ରବେଶ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୧୨ଟା ୫ ମିନିଟରେ ବାହାର ରତ୍ନଭଣ୍ଡାର ଖୋଲାଯାଇଥିଲା। ଭଣ୍ଡାର ମେକାପ ଯୋଗାଉଥିବା ଅଳଙ୍କାର ଆଦିର ଗଣତି ପ୍ରକ୍ରିୟାରେ ସାମିଲ ବଣିଆ ସଦସ୍ୟ, ଜେମୋଲୋଜିଷ୍ଟ ଏବଂ ଓଜନମାପ ଅଧିକାରୀ ସଦସ୍ୟ ବୃନ୍ଦଙ୍କ ଯାଞ୍ଚ ପୂର୍ବକ ସଠିକ୍ ଢଙ୍ଗରେ ସମସ୍ତ ପ୍ରକ୍ରିୟା ସଂପାଦନ ସହ ଗଣତି ଅଳଙ୍କାର ଗୁଡ଼ିକର ଫଟୋଗ୍ରାଫି, ଭିଡିଓଗ୍ରାଫି, ଥ୍ରୀଡ଼ି ସ୍କାନିଙ୍ଗ ସହ ଇ-କାଟାଲଗ୍ କରାଯାଇଥିଲା। ଆଜିର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନ ଭଣ୍ଡାର ଦ୍ୱାର ସନ୍ଧ୍ୟା ୬ଟା ୧୦ମିନିଟ୍‌ରେ ବନ୍ଦ କରାଯାଇ ମୁଦ ଦିଆଯାଇଥିଲା। ଉକ୍ତ ପ୍ରକ୍ରିୟାର ସମସ୍ତ ରେକର୍ଡିଂ ଡାଟା ଚିପ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗ ରୁମରେ ସୁରକ୍ଷିତ ଭାବେ ରଖାଯାଇଥିଲା। ଆଜି ପ୍ରାୟ ୬ ଘଣ୍ଟା ଧରି ଗଣତି ମଣତି ହୋଇଥିଲା। ସବୁଠାରୁ ବଡ କଥା ହେଉଛି ଭିତର ଚନ୍ଦନ ଯାତ୍ରା ସମୟରେ ସେବାୟତଙ୍କ ସହ ଆଲୋଚନା କରାଯାଇ ଗଣତି ମଣତି ସମ୍ଭାବନା ରହିଛି ବୋଲି କହିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ସରକାରଙ୍କ ମାର୍ଗଦର୍ଶିକା ପ୍ରକାରେ ସମସ୍ତ ନିୟମ ପାଳନ ପୂର୍ବକ ଆଜିର ଦ୍ୱିତୀୟ ପର୍ଯ୍ୟାୟ ଦ୍ୱିତୀୟ ଦିନର ଗଣତି ପ୍ରକ୍ରିୟା ନିର୍ବିଘ୍ନରେ ଶେଷ ହୋଇଥିବାରୁ ସମସ୍ତ ସେବକ ନିୟୋଜିତ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ଓ ପୋଲିସର ସଂପୃକ୍ତ କର୍ମଚାରୀଙ୍କ ସମେତ ସମସ୍ତ ଭକ୍ତ ଗଣ ଏବଂ ଗଣମାଧ୍ୟମ ବନ୍ଧୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଏବଂ ଧନ୍ୟବାଦ୍ ଅର୍ପଣ କରିଥିଲେ ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ ପାଢୀ।



## ପୁଲିସ ସହାୟତା କେନ୍ଦ୍ର ନିକଟରେ ବେଆଇନ୍ ପଥର ଖନନ

# ସ୍ପେସାଲ୍ ଟିମ୍ ଦ୍ୱାରା ୫ ଟ୍ରକ୍, ୧ ଜେସିବି ଓ ପାୱାର ଟିଲର୍ ଜବତ

**ଡେଲାଙ୍ଗ,୯।୪/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ଅଞ୍ଚଳର ସ୍ଥାନରେ ବେଆଇନ୍ ମାଙ୍କଡା ପଥର ଖନନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଯାହାଫଳରେ ପୁରୀ ଏସପିଙ୍କ ନିର୍ଦ୍ଦେଶକ୍ରମେ ସ୍ପେସାଲସ୍କ୍ୱାର୍ଡ ମଙ୍ଗଳବାର କୁଆପଦା ସନ୍ନିକଟ ପଥର ଖଣିରେ ଚଢାଉକରି ୫ଟି ଟ୍ରକ୍, ୧ଟି ଜେସିବି ଓ ୨ଟି ପାୱାର ଟିଲର ଜବତ କରିଥିବା ବେଳେ ଗାଡି ଚାଳକମାନଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡିଛି। ଘଟଣା ଅନୁଯାୟୀ ଘୋରଡିଆ ପୋଲିସ ସହାୟତା କେନ୍ଦ୍ରଠାରୁ ମାତ୍ର ୭ଶହ ମିଟର ଦୂରରେ ମାଙ୍କଡା ପଥର ଖନନ କରାଯାଉଥିବା ନେଇ ସ୍ପେସାଲସ୍କ୍ୱାର୍ଡ ଖବର ପାଇଥିଲା। ପରେ ମାଙ୍କଡା ପଥର ଖନନ କରାଯାଉଥିବା ସ୍ଥାନରେ ଏହି ଟିମ୍ ଚଢଉ କରିଥିଲା। ପଥର ଖନନରେ ନିୟୋଜିତ ହୋଇଥିବା ମେସିନ୍ ଓ ଟ୍ରକ ଗୁଡିକୁ ଜବତ କରାଯାଇଛି। ଘୋରଡିଆ ପୋଲିସ ସହାୟତା କେନ୍ଦ୍ର ଠାରୁ ମାତ୍ର ଅନତି ଦୂରରେ ପଥର ଖନନ କରାଯାଉଥିବା ବେଳେ ସହାୟତା କେନ୍ଦ୍ର ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ କେମିତି ଜାଣିପାରିଲେନି ତାହା ସାଧାରଣରେ ପ୍ରଶ୍ନ ବାଚି ସୃଷ୍ଟିକରିଛି। ଅନ୍ୟପଟେ ଡେଲାଙ୍ଗ ଥାନାର ରେଙ୍ଗଲ, ଗୋଡିପୁଟ-ମାଟିଆପଡା, ଜମୁନା-ଝାରପଡା, ବରପଦା ଅଞ୍ଚଳର ଦିବାଆଲୋକରେ ବେଧଡକ ବେଆଇନ୍ ମାଙ୍କଡା ପଥର ଖନନ କରାଯାଉଛି। ସୂଚନାଥାଉକି ମାର୍ଚ୍ଚ ୨୭ ତାରିଖରେ ବରପଦା ମୌଜାର ତାଳେଶ୍ୱର ଦେବଙ୍କ ମନ୍ଦିର ନିକଟରେ ବେଆଇନ୍ ଖଣି ଖନନ ନେଇ ଖଣି ମାଫିଆଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଯାହା ଫଳରେ ଖଣିରେ୨ଟି ଜେଜିବି ପୋଡି ଘଟଣା ଘଟିଥିଲା। ବେଆଇନ୍ ଖଣି ଖନନ ଯୋଗୁ ଜଙ୍ଗଲ ଜମି ନଷ୍ଟ ହେଉଥିବା ବେଳେ ଖଣି ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ରାସ୍ତା ଓ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ



**ଫୁଲନଖରା,୯।୪/ଏନ୍‌ଏନ୍‌ଏସ୍:** କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ଼ ଅନ୍ତର୍ଗତ ଫୁଲନଖରା ଛକରୁ ନୂଆକାଚରାମାଳ ଜୟାଗଡ଼ା ୫ଶହ ମିଟର ଦୈର୍ଘ୍ୟ ସିମେଣ୍ଟ କଂକ୍ରିଟ ରାସ୍ତା ଓ ପୁରୁଣାକାଚରାମାଳ ନିକଟ ପୁରୀ ମେନ କେନାଲଠାରୁ ଗ୍ରାମଦେବତୀଙ୍କ ପର୍ଯ୍ୟନ୍ତ ନୂତନ ରାସ୍ତାକୁ ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଉଦଘାଟନ କରିଛନ୍ତି। ଏତଦ ସହିତ ଫୁଲନଖରା ବଜାରଠାରୁ ନୂଆକାଚରାମାଳ ସର୍ଭିସ ରୋଡ଼ର ଆଲୋକୀକରଣ ବ୍ୟବସ୍ଥାକୁ ମଧ୍ୟ ବିଧାୟକ ଲୋକାର୍ପଣ କରିଛନ୍ତି। ଏହି ଉପଲକ୍ଷେ ସ୍ୱାଧୀନଚେତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ପୋରେଟର ମମତା ମହାନ୍ତି, ସିଏମସି ସହକାରୀ ଯନ୍ତ୍ରୀ ଗୀତାରାଣୀ ସାହୁ, ନିହାରରଞ୍ଜନ ପଣ୍ଡା, ପ୍ରମୋଦ ଓଝା, ଗୁଣନିଧି ପଟ୍ଟନାୟକ, ବଦ୍ରିନାରାୟଣ ପଟ୍ଟନାୟକ, ଠାକୁରପ୍ରସାଦ ଦାସ, ପ୍ରସନ୍ନ ପ୍ରଧାନ, ପ୍ରଶାନ୍ତ ଦଳାଇ ଓ ଦୀପ୍ତିରଞ୍ଜନ ଜେନା ଅତିଥିରୂପେ ଯୋଗଦେଇଥିଲେ। ମୁରବି, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ ଏହି ରାସ୍ତା ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ିରହିବା ସହିତ ଜଳ ନିଷ୍କାସନ ହୋଇନପାରିବାରୁ ବର୍ଷା ଦିନେ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ।

# ରାମଲୀଳା ଯାତ୍ରାର ଅନ୍ତିମ ଦିବସରେ ଶ୍ରୀରଘୁନାଥ ଜିଉଙ୍କ ରାଜ୍ୟାଭିଷେକ



**ମୁଣ୍ଡମୁହାଣ,୯।୪/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱ ଉପକଣ୍ଠ ମୁଣ୍ଡମୁହାଣ ଗ୍ରାମର ପଣ୍ଡିତ ପ୍ରଭାକର ମହାପାତ୍ରଙ୍କ ରଚିତ ୮୧ତମ ଐତିହାସିକ ରାମ ନାଟକ ରାମ ଅଭିଷେକ ଯାତ୍ରାର ଅନ୍ତିମ ଦିବସ ବେଶ୍ ମନମୁଗ୍ଧକର ହୋଇଥିଲା। ପଣ୍ଡିତ ପ୍ରଭାକର ମହାପାତ୍ର ୧୯୪୨ ମସିହାରେ ରାମଲୀଳା ପାଣ୍ଡୁଲିପି ଆରମ୍ଭ କରି ୧୪୪୫ ମସିହାରେ ସ୍ଥାନୀୟ ମୁଣ୍ଡମୁହାଣ ଗ୍ରାମର ଯୁବକମାନଙ୍କୁ ନେଇ ଏକ ସଂଗଠନ ଗଢି ଏହି ଗୀତି ନାଟକ ଆରମ୍ଭ କରିଥିଲେ। ପଣ୍ଡିତ ପ୍ରଭାକର ମହାପାତ୍ରଙ୍କ ଏହି ଗୀତିନାଟକ ୧୮ ଟି ସ୍ଥାନରେ ପରିବେଷଣ କରାଯାଇଥିଲା। ସେଥି ମଧ୍ୟରୁ ସର୍ବ ପ୍ରଥମେ ଗଢିଉଠିଥିବା ମୁଣ୍ଡ ମୁହାଣର ଐତିହାସିକ ରାମ ନାଟକ ଅନନ୍ୟ। ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କାପତି ରାବଣକୁ ନିଧନ କରିସାରିବା ପରେ ସୀତା ମାତାଙ୍କୁ ପୁଷ୍ପକ ବିମାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରନ୍ତି। ବାଟରେ ବିଭିନ୍ନ ସ୍ଥାନ ସୀତାମାତାଙ୍କୁ ଦେଖାଇଥାନ୍ତି ଏବଂ ଶେଷରେ ଋଷି ଭରଦ୍ୱାଜଙ୍କ ଆଶ୍ରମରେ ଆସି ବିଶ୍ରାମ କରନ୍ତି। ଭରଦ୍ୱାଜଙ୍କ ଆଶ୍ରମରୁ ଶ୍ରୀ ହନୁମାନ ବାର୍ତ୍ତା ଦେଇ ଅଯୋଧ୍ୟା ପ୍ରେରଣ କରିବା ସମୟରେ ବାଟରେ ଗୁହ୍ୟକ ଶବର ସହ ଦେଖାହୁଅନ୍ତି। ଅନ୍ୟପଟେ ଭରତ ମହାରାଜା ଶ୍ରୀରାମଙ୍କ ଆଗମନକୁ ପ୍ରତୀକ୍ଷା କରି ସମସ୍ତ ଅଯୋଧ୍ୟାପୁରୀ ସାଜସଜ୍ଜା କରିଦେଇଥାନ୍ତି। ପରେ ବିଭୀଷଣଙ୍କ ସିଂହାସନ ରୋହଣ, ସୀତାଙ୍କ ଅଗ୍ନି ପରୀକ୍ଷା ହୁଏ। ଶେଷରେ ବିଭୀଷଣଙ୍କ ଅନୁରୋଧ କ୍ରମେ ଶ୍ରୀରାମ, ଲକ୍ଷଣ, ସୀତା, ବାନର ସେନା ପୁଷ୍ପକ ଯାନରେ ବସି ଅଯୋଧ୍ୟା ଗମନ କରନ୍ତି। ଏହି ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର ଥିଲା। ବିଭିନ୍ନ ଭୂମିକାରେ, ଭରତ ବାରିକ(ରାମ), ସୁନୀଲ ମଙ୍ଗରାଜ (ଲକ୍ଷ୍ମଣ), ଅନିଲ୍ ପରିଡ଼ା(ଭରତ), ବେଣୁଧର ପ୍ରଧାନ(ଶତ୍ରୁଘ୍ନ), ମୁରଲୀ ପ୍ରଧାନ(ସୀତା), ଶଙ୍କର୍ଷଣ ମଙ୍ଗରାଜ(ହନୁମାନ), ରବିନାରାୟଣ ମହାପାତ୍ର(ଭରଦ୍ୱାଜ), ରବୀନ୍ଦ୍ର ବାରିକ (କୌଶଲ୍ୟା), ଦାଶରଥି ସ୍ୱାଇଁ(ବିଭୀଷଣ) ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଦୀର୍ଘସମୟ ବାନ୍ଧି ରଖିଥିଲା।

# ଷ୍ଟେସନରୁ ଚୋରି ଶିଶୁପୁତ୍ର ରଣପୁରରୁ ଉଦ୍ଧାର

**ଭୁଷଣ୍ଡପୁର,୯।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ରେଳଷ୍ଟେସନରୁ ୪ମାସର ଶିଶୁପୁତ୍ର ଚୋରି ଅଭିଯୋଗ ଘଟଣା ନିଖୋଜ ଶିଶୁପୁତ୍ର ୨୪ଘଣ୍ଟା ମଧ୍ୟରେ ନୟାଗଡ ରଣପୁରରୁ ଉଦ୍ଧାର।ସ୍ୱାମୀ, ସ୍ତ୍ରୀ ଓ ଶିଶୁପୁତ୍ର ପ୍ଲାଟଫର୍ମରେ ବିଶ୍ରାମ ନେଉଥିବା ସମୟରେ ମା' କୋଳରୁ ଶିଶୁପୁତ୍ର ହୋଇଛି ଚୋରି ଏନେଇ ନିରାକାରପୁର ରେଳବାଇ ପୋଲିସରେ ଅଭିଯୋଗ ହୋଇଥିଲା। ତେବେ ନିଖୋଜ ଶିଶୁପୁତ୍ରକୁ ଉଦ୍ଧାର କରିଛି ରେଳବାଇ ପୋଲିସ। ନିଖୋଜ ଶିଶୁପୁତ୍ର ଚୋରି ଘଟଣାରେ ଅଭିଯୁକ୍ତ ପ୍ରଶାନ୍ତ ପ୍ରଧାନ, ଶାଳୀ ଚିନୁଲତା ପରିଡା ଓ ସ୍ତ୍ରୀ ମିନୁଲତା ପରିଡାଙ୍କ ରହିଥିଲା ସଂପୃକ୍ତି। ସୂଚନାରୁ ପ୍ରକାଶ ଯେ ନୟାଗଡ଼ ଜିଲ୍ଲା ରଣପୁର ଥାନା କଳାମାଟିଆ ଗ୍ରାମର ପ୍ରଶାନ୍ତ ପ୍ରଧାନ ତାଙ୍କ ଶାଳୀ ଚିନୁଲତା ପରିଡା ଓ ତାଙ୍କର ୪ମାସର ଶିଶୁପୁତ୍ର ଟ୍ରେନ୍ ଯୋଗେ ତାମିଲନାଡୁ ଯିବାର ଥିଲା। ରାତିରେ ନିରାକାରପୁର ଷ୍ଟେସନ ଆସି ପ୍ଲାଟ୍‌ଫର୍ମରେ ଟ୍ରେନ୍ ସମୟକୁ ଅପେକ୍ଷାକରି ରହିଥିଲେ। ସମସ୍ତେ ନିରାକାରପୁର ଷ୍ଟେସନର ୩ନମ୍ବର ପ୍ଲାଟଫର୍ମରେ ବିଶ୍ରାମ ନେଉଥିଲେ। ପୂର୍ବରୁ ପ୍ରଶାନ୍ତ ବିବାହିତ ତା'ର ସ୍ତ୍ରୀ ଅଛି ହେଲେ ଶାଳୀ ସହିତ ସମ୍ପର୍କକୁ ଲୁଚାଇବାକୁ ଯାଇ ରଚିଥିଲା ନାଟକ। ଶାଳୀର ଏକ ଶିଶୁପୁତ୍ର ହେବା ପରେ ଘରେ କଳହ ଉପୁଜିଥିବାରୁ ପ୍ରଶାନ୍ତ ଏହି ଶିଶୁପୁତ୍ର ଅପହରଣ ନାଟକ ବାଜି କରିଥିଲା। ରେଳବାଇ ପୋଲିସ ପ୍ରଶାନ୍ତ ଓ ତାର ପ୍ରଥମ ସ୍ତ୍ରୀକୁ ଖୋର୍ଦ୍ଧା ରୋଡ ରେଳବାଇ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ସେପଟେ ପ୍ରଶାନ୍ତ ନିଜ ଶାଳୀ ସହ ସମ୍ପର୍କକୁ ଲୁଚାଇବାକୁ ଏସବୁ କରିଥିବାର ସ୍ୱୀକାର କରିଛି। ସେପଟେ ପ୍ରଶାନ୍ତ ଶାଳୀକୁ ମାରପିଟ କରୁଥିବାର କହିଛନ୍ତି ଚିନୁଲତା ପରିଡା। ଅନ୍ୟପଟେ ନିଜ ଭଉଣୀର ଏଭଳି ସମ୍ପର୍କ ବିଷୟରେ ଜାଣିବା ପରେ ସମସ୍ତେ ଏକାଠି ରହିବେ ବୋଲି କହିଛନ୍ତି। ଖୋର୍ଦ୍ଧା ରୋଡ଼ ଜିଆର୍‌ପି ପୋଲିସ ଅଭିଯୁକ୍ତ ପ୍ରଶାନ୍ତକୁ କୋର୍ଟଚାଲାଣ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି।

# ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ କାର୍ଯ୍ୟକାରିଣୀ ବୈଠକ

**କୋଣାର୍କ,୯।୪/ଏନ୍‌ଏନ୍‌ଏସ୍:** ବୁଧବାର କୋଣାର୍କ ଚନ୍ଦ୍ରଭାଗା ଠାରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପୁରୀ ଜିଲ୍ଲା ଅନୁସୂଚୀତ ଜାତି ବିଭାଗ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ସଭାପତି ଗୋବିନ୍ଦ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ଅନୁସୂଚୀତ ଜାତି ବିଭାଗ ଅଧ୍ୟକ୍ଷ ମାନସ ମଲ୍ଲିକ, ରାଜ୍ୟ ସମ୍ପାଦକ ପ୍ରତାପ କୁମାର କାଣ୍ଡି, କାକଟପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ, ପିସିସି ସମ୍ପାଦିକା ଅନିମା ମିଞ୍ଜ, ଅନୁସୂଚୀତ ଜାତି ବିଭାଗ କୋଷାଧ୍ୟକ୍ଷ କାର୍ତ୍ତିକ ମଲ୍ଲିକ, ସଧାରଣ ସମ୍ପାଦକ ବିକାଶ ମଲ୍ଲିକ, ମିଡ଼ିଆ ସେଲ ଅଧ୍ୟକ୍ଷ ଇମ୍ରାନ ଖାଁ, କୋଣାର୍କ ନଗର କଂଗ୍ରେସ ସଭାପତି ସ୍ୱାଧୀନ କୁମାର ନାୟକ, ଗୋପ ବ୍ଲକ ସଭାପତି ଭାସ୍କର ଶେଠ୍, ପୁରୀ ଜିଲ୍ଲା ସମ୍ପାଦକ ସୁବାସ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରୁ ଏକ ନିଶା ନିବାରଣ ଅଭିଯାନ ଆରମ୍ଭ ହୋଇ ପ୍ରଥମ ପର୍ଯ୍ୟାୟରେ ୧୩ ଟି ଜିଲ୍ଲା ପରିଭ୍ରମଣ କରି ଜନ ସଚେତନା ସୃଷ୍ଟି କରିବ। ଏହାକୁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଆସନ୍ତା ୧୪ ତାରିଖରେ ଶୁଭ ଆରଂଭ କରିବା ନେଇ ସ୍ଥିରୀକୃତ କରାଯାଇଛି। ପୁରୀ ଜିଲ୍ଲା ସମେତ ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ ଓ ଅନୁଗୋଳ ଆଦି ଜିଲ୍ଲା ପରିଭ୍ରମଣ କରି ଭୁବନେଶ୍ୱରରେ ସମାପ୍ତି ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ପୁରୀ ଜିଲ୍ଲାର ସମସ୍ତ ନୂତନ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ଧାକୁଲେଇ ଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ଫୁଲନଖରା,୯।୪/ଏନ୍‌ଏନ୍‌ଏସ୍:** ସିଏମସି ୫୮ନମ୍ବର ୱାର୍ଡ଼ ଅନ୍ତର୍ଗତ ପ୍ରତାପନଗରୀଠାରେ ଚୈତ୍ର ପୂର୍ଣ୍ଣମୀଠାରୁ ୮ଦିନ ଧରି ଚାଲିଥିବା ମା'ଧାକୁଲେଈଙ୍କ ପ୍ରସିଦ୍ଧ ବାଣଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।

ଯାତ୍ରା ଆୟୋଜନକାରୀ ମା' ଧାକୁଲେଈ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନ ସମାରୋହରେ ଭୁବନେଶ୍ୱର-କଟକ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ, ସିଏମସି କମିସନର କୀରଣଦୀପ କୌର ସହୋତା, ଡେପୁଟୀ କମିସନର ଜୁବୁଲୀ ବେହେରା, ଏସିପି ଅମିତାଭ ମହାପାତ୍ର, ସଦର ଆଇଆଇସି ତୁଷାରକାନ୍ତ ସେଠୀ, ଅତିରିକ୍ତ ଆଇଆଇସି ପ୍ରଶାନ୍ତକୁମାର ପାଣି, ଗୋପାଳପୁର ମଣ୍ଡଳ ବିଜେପି ସଭାପତି ନିହାରଂଜନ ପଣ୍ଡା, ଆଞ୍ଚଳିକ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ସ୍ୱାଧିନଚେତା ମହାନ୍ତି, କଟକ ସଦର ପ୍ରେସ୍ ସଭାପତି ସୁରେନ୍ଦ୍ର ମହାପାତ୍ର, କମିଟି ସହ ସମ୍ପାଦକ ବାଦଲ କୁମାର ଜେନା, ନୂଆଗଡ଼ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବିକ୍ରମକେଶରୀ ଶତପଥି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳର ମୁରବି, କଳାକାର, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# କୋଟିପତି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଗିରଫ

**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ଜଳସେଚନ ମଣ୍ଡଳର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତିଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି । ଚଢ଼ଉରେ ଶ୍ରୀ ମହାନ୍ତିଙ୍କଠୁ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି । ସମ୍ପତ୍ତି ନେଇ ସେ ସନ୍ତୋଷଜନକ ଉତ୍ତର ଦେଇନପାରିବାରୁ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି । ତଦନ୍ତ ସମୟରେ ଭୁବନେଶ୍ୱରରେ ଏକ ବହୁତଳ ବିଶିଷ୍ଟ ଆଡମ୍ବରପୂର୍ଣ୍ଣ ଘର, ୧.୭୧ ଏକର ଜମିରେ ୪୦୦୦ ବର୍ଗଫୁଟ୍ ଅଞ୍ଚଳରେ ଥିବା ଦୁଇ ମହଲା ବିଶିଷ୍ଟ ଫାର୍ମହାଉସ, ୮ଟି ଦାମୀ ପ୍ଲଟ୍, ବ୍ୟାଙ୍କ ଡିପୋଜିଟ୍ ୧.୮୧ କୋଟି ଟଙ୍କା, ନଗଦ ୬.୨୩ ଲକ୍ଷ ଟଙ୍କା, ୩୫୦ ଗ୍ରାମ ସୁନା, ୧୩.୪୭ ଲକ୍ଷ ଟଙ୍କାର ଫ୍ଲାଇଟ ଟିକେଟ, ଘର କରଣା ସାମଗ୍ରୀ ୩୫.୫୭ ଲକ୍ଷ ଟଙ୍କା ଜବତ କରିଛି ଭିଜିଲାନ୍ସ । ଏହାବ୍ୟତୀତ ୩ଟି ବାଇକ, ୨ଟି ଚାରିଚକିଆ ଗାଡ଼ି ଭିଜିଲାନ୍ସ ଜବତ କରିଛି ।

# ଖରାଛୁଟି ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:** ଖରାଛୁଟି ଆରମ୍ଭ ହେବା ପୂର୍ବରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବଣ୍ଟାଯିବ ୟୁନିଫର୍ମ । ୟୁନିଫର୍ମ ବଣ୍ଟନ ପ୍ରକ୍ରିୟା ଶେଷ ପାଇଁ ସମସ୍ତ ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଓସେପା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଶିଶୁବାଟିକାରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ ୟୁନିଫର୍ମ ବଣ୍ଟନ କରାଯିବ । ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ୨୦୨୫-୨୬ ବର୍ଷ ପାଇଁ ଚୟନ ହୋଇଥିବା ସମାନ ଏଜେନ୍ସି ଏବଂ ସପ୍ଲାଏର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ୟୁନିଫର୍ମ ଯୋଗାଇବେ । ଗତବର୍ଷ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ବଣ୍ଟନରେ ଅହେତୁକ ବିଳମ୍ବ ପରେ ଏବେ ଆଗୁଆ ସତର୍କ ହୋଇଛି ଓସେପା । ବିଭିନ୍ନ ଗଣମାଧ୍ୟରେ ପୋଷାକ ବଣ୍ଟନ ବିଳମ୍ବ ନେଇ ଖବର ପ୍ରସାରଣ ପରେ ତତ୍ପରତା ପାଇଥିଲା । ବିଶେଷ କରି ଗତ ବର୍ଷ ୟୁନିଫର୍ମ ଯୋଗାଣ ପାଇଁ ଏଜେନ୍ସି ଓ ସପ୍ଲାଏୟର ଚୟନରେ ବିଳମ୍ବ ହୋଇଥିବାରୁ ଏଥର ସେହି ଏଜେନ୍ସି ଓ ସପ୍ଲାଇୟରଙ୍କୁ ପୋଷାକ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ୧୦ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ

# ମାଓ ପ୍ରଭାବିତ ଜିଲ୍ଲାରେ 'ଗ୍ରାମୋଦୟ' ଯୋଜନାର ସଫଳ ରୂପାୟନ ପାଇଁ ନିର୍ଦ୍ଦେଶ

### ସମୟସୀମା ମଧ୍ୟରେ ସରକାରୀ ସେବା ଯୋଗାଇଦେବାକୁ ଗୁରୁତ୍ୱ

**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ୧୦ଟି ଜିଲ୍ଲା ଯଥା - ବରଗଡ଼, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ାର ଜିଲ୍ଲାପାଳମାନଙ୍କୁ 'ଗ୍ରାମୋଦୟ' କାର୍ଯ୍ୟକ୍ରମକୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏହି ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୧୯ ମାର୍ଚ୍ଚ ୨୦୨୬ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକର ଆଲୋଚନା ଅନୁଯାୟୀ, 'ଗ୍ରାମୋଦୟ' ଯୋଜନାର ଲକ୍ଷ୍ୟ ହେଉଛି ମାଓବାଦୀ ପ୍ରଭାବିତ ଗ୍ରାମଗୁଡିକରେ ସରକାରୀ ଯୋଜନା ଏବଂ ମୌଳିକ ସୁବିଧାସୁଯୋଗ ସୁଚାରୁରୂପେ ପହଞ୍ଚାଇବା ସହିତ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ଦୂରତା ହ୍ରାସ କରି ବିଶ୍ୱାସ ବୃଦ୍ଧି କରିବା । ଏଥିନିମନ୍ତେ ସମ୍ପୃକ୍ତ ଜିଲ୍ଲାମାନଙ୍କୁ ସମୟସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି । ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ୩୯ଟି ବ୍ଲକ୍‌ର ୪୮୪ଟି ଗ୍ରାମରେ ରହୁଥିବା ବାସହୀନ



ପରିବାରଙ୍କୁ ୧୫ ମେ ୨୦୨୬ ମଧ୍ୟରେ ସର୍ଭେକ୍ଷଣ ମାଧ୍ୟମରେ ଚିହ୍ନଟ କରି 'ବସୁନ୍ଧରା ଯୋଜନା' ଅନ୍ତର୍ଗତ ଭୂମି ପ୍ରଦାନ ଓ ଜମିପଟ୍ଟା ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଏହି ସବୁ ଅଞ୍ଚଳରେ ଇ - ଡିଷ୍ଟ୍ରିକ୍ଟ ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ବାସସ୍ଥାନ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଆଦିକୁ ସମୟସୀମା ଭିତରେ ପ୍ରାଥମିକତା ଆଧାରରେ ପ୍ରଦାନ କରିବାକୁ ଏହି ଚିଠିରେ ନିର୍ଦ୍ଦେଶ ରହିଛି । 'ଗ୍ରାମୋଦୟ' ଯୋଜନାର ଅଗ୍ରଗତି ସମ୍ପର୍କିତ ସମସ୍ତ ଡାଟା ସଂରକ୍ଷଣ ଏବଂ ଜିଲ୍ଲାପାଳମାନଙ୍କ ଦ୍ୱାରା ସମୟୋପଯୋଗୀ ସମୀକ୍ଷା ମାଧ୍ୟମରେ ନିୟମିତ ନିରୀକ୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ମାଓବାଦୀ ପ୍ରଭାବିତ ଅଞ୍ଚଳରେ ରାଜସ୍ୱ ବିଭାଗର ଖାଲି ପଦବୀଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାମାନଙ୍କୁ ବିଭିନ୍ନ ସଫଳତା କାହାଣୀ, ଫଟୋ ଓ ଭିଡିଓ ସଂଗ୍ରହ କରି ବିଭାଗର ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବା ସହ ପ୍ରଚାରପ୍ରସାର ନିମନ୍ତେ ପ୍ରେରଣ କରିବାକୁ କୁହାଯାଇଛି । ସେହିପରି ଏହି ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଅଧିକ ଫଳପ୍ରଦ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କ ଠାରୁ ଉପାଦେୟ ପ୍ରସ୍ତାବ ମଧ୍ୟ ଆହ୍ୱାନ କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ଏହି ପଦକ୍ଷେପମାନଙ୍କ ମାଧ୍ୟମରେ ମାଓପ୍ରବଣ ଅଞ୍ଚଳର ସାମଗ୍ରିକ ଉନ୍ନତିକୁ ସୁଦୂରପ୍ରସାରୀ କରିବା ସହ ଲୋକାଭିମୁଖି ସୁଶାସନକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ସଚିବ ଗୁରୁତ୍ୱାରୋପ କରିଛନ୍ତି ।

## ମିଶନ ଶକ୍ତି ମହିଳାଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଶୁଭାରମ୍ଭ

# ୫ ଜିଲ୍ଲାର ୫,୦୦୦ ଏସ୍‌ଏଚ୍‌ଜି ସଦସ୍ୟା ନେବେ ପ୍ରଶିକ୍ଷଣ

**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:** ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ମିଶନ ଶକ୍ତି ପକ୍ଷରୁ ପ୍ରଥମ ଥର ପାଇଁ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ବିଜୟା କିଶୋର ରାହତକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀମତୀ ପରିଡ଼ା କହିଥିଲେ ଯେ, ମହିଳା ସଶକ୍ତିକରଣ କେବଳ ଆର୍ଥିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ, ବରଂ ସେମାନଙ୍କର ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ମଧ୍ୟ ଏକ ପ୍ରମୁଖ ଲକ୍ଷ୍ୟ । ଏହି ପ୍ରଶିକ୍ଷଣ ଦ୍ୱାରା ମହିଳାମାନେ ଆତ୍ମବିଶ୍ୱାସର ସହ ସମାଜରେ ବିଚରଣ କରିପାରିବେ ଏବଂ ନିର୍ଭୟରେ ବିଭିନ୍ନ ଆର୍ଥିକ କାର୍ଯ୍ୟକଳାପରେ ସାମିଲ ହୋଇପାରିବେ । ଏଥିସହ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ଶ୍ରୀମତୀ




ରାହତକର କହିଥିଲେ ଯେ, ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ନିଜ ସୁରକ୍ଷା ପାଇଁ ସଜାଗ ରହିଲେ ହିଁ ଦେଶର ଅର୍ଥନୀତିରେ ସେମାନଙ୍କର ଅବଦାନ ଅଧିକ ସୁଦୃଢ଼ ହେବ । ଜାତୀୟ ମହିଳା କମିଶନ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ଜିଲ୍ଲା ଯଥା- ଖୋର୍ଦ୍ଧା, କଟକ, ପୁରୀ, କେନ୍ଦୁଝର ଏବଂ ଗଞ୍ଜାମର ୫,୦୦୦ ଏସଏଚଜି ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯିବ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ମିଶନ ଶକ୍ତି ବିଭାଗର କମିସନର ତଥା ଶାସନ ସଚିବ ମାନସୀ ନିମ୍ଭାଲ ଏବଂ ଅତିରିକ୍ତ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ୨୩ ଯାଏଁ ପାଳିତ ହେବ 'ପୋଷଣ ପକ୍ଷ'

**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:** ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାରା ଆଜି ୮ମ ପୋଷଣ ପକ୍ଷ-୨୦୨୬ ର ଭବ୍ୟ ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ. ମୃଣାଳିନୀ ଦର୍ସ୍ୱାଲ ଉପସ୍ଥିତ ରହି 'ସୁପୋଷିତ ଓଡ଼ିଶା' ଗଠନ ଦିଗରେ ରାଜ୍ୟର ସଫଳ ପଦକ୍ଷେପଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ଏପ୍ରେଲ ୯ ରୁ ୨୩ ରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ଏହି ପୋଷଣ ପକ୍ଷରେ ଶିଶୁର ଜୀବନର ପ୍ରଥମ ୬ ବର୍ଷରେ ମସ୍ତିଷ୍କ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଏହି ଅଭିଯାନ ମୁଖ୍ୟତଃ ପାଞ୍ଚଟି ପ୍ରମୁଖ ଦିଗ ଉପରେ ପର୍ଯ୍ୟବେସିତ, ଯଥା: ମା' ଓ ଶିଶୁ ପାଇଁ ଉତ୍ତମ ପୋଷଣ, ୦-୩ ବର୍ଷର ଶିଶୁଙ୍କ ପାଇଁ ପ୍ରାରମ୍ଭିକ ଉଦ୍ଦୀପନା, ୩-୬ ବର୍ଷର ଶିଶୁଙ୍କ ପାଇଁ ଖେଳ ଆଧାରିତ ଶିକ୍ଷା, ମୋବାଇଲ ଓ ଲ୍ୟାପଟପ୍ ଭଳି ସ୍କ୍ରିନ୍ ସମୟ କମାଇବାରେ ଅଭିଭାବକଙ୍କ ଭୂମିକା ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ସଶକ୍ତିକରଣ । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ଯେଉଁଠାରେ ବିଭିନ୍ନ ସହଯୋଗୀ ବିଭାଗର ଅଧିକାରୀମାନେ ସାମିଲ ହେବା ସହ ସମଗ୍ର ଓଡ଼ିଶାର ଅଙ୍ଗନବାଡ଼ି କର୍ମୀ, ରାଜ୍ୟ ଓ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ଭାରତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଆଗାମୀ ୧୫ ଦିନ ଧରି ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରି ଶିଶୁର ସର୍ବାଙ୍ଗୀନ ବିକାଶକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ହୋଇଛନ୍ତି ।

## କିସ୍ ଛାତ୍ରଛାତ୍ରୀଙ୍କୁ ଅନନ୍ତ ଅମ୍ବାନୀଙ୍କ ଉପହାର

# ଛାତ୍ରବୃତ୍ତି, ଚାକିରି ଓ ଏକ୍ସପୋଜର ସୁଯୋଗ

**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:** ନିଜ ଜନ୍ମଦିନରେ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, ଚାକିରି ଓ ଏକ୍ସପୋଜର ସୁଯୋଗ ଭଳି ଅନେକ ଘୋଷଣା କରିଛନ୍ତି ଅନନ୍ତ ଅମ୍ବାନୀ । ଆଜି ନିଜ ଜନ୍ମଦିନ ପାଳନ ଅବସରରେ ଅନନ୍ତ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ରିଲାଏନ୍ସ ଗ୍ରୁପରେ ଚାକିରି ସୁଯୋଗ ସହ ଚଳିତ ଶିକ୍ଷାବର୍ଷରେ କିସ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, କେଜିରୁ ପିଜିସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟପ୍ପରମାନଙ୍କୁ ଅନନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶାଳ ବନ୍ୟପ୍ରାଣୀ କେନ୍ଦ୍ର 'ବନତାରା' ପରିଦର୍ଶନ କରିବାର ସୁଯୋଗ ଆଦି ଘୋଷଣା କରିଛନ୍ତି । ଅନନ୍ତଙ୍କ ଘୋଷଣା ଅନୁସାରେ ପ୍ରତିବର୍ଷ କିସର ୩୦ଜଣ ସ୍ନାତକଙ୍କୁ ରିଲାଏନ୍ସ ଗ୍ରୁପର ବିଭିନ୍ନ କମ୍ପାନୀରେ ଚାକିରି ପ୍ରଦାନ କରାଯିବ । ଏହା ଜନଜାତି ଯୁବକ ଯୁବତୀଙ୍କ ପାଇଁ ସ୍ଥାୟୀ କ୍ୟାରିୟର ପଥ ଖୋଲିବ । ଏହି ଘୋଷଣା ଦ୍ୱାରା ହଜାର ହଜାର ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ । ସେହିପରି ଶିକ୍ଷାଗତ ଜ୍ଞାନକୁ ଆହୁରି ବୃଦ୍ଧି କରିବା ନିମନ୍ତେ କିସ୍‌ର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନନ୍ତ ଅତିରିକ୍ତ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରିଛନ୍ତି । ଏହି ଘୋଷଣା ଦ୍ୱାରା ହଜାର ହଜାର ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ । ଏହା ସହ ସେମାନଙ୍କ ଶୈକ୍ଷିକ ଅଭିବୃଦ୍ଧି, ଦକ୍ଷତା ବିକାଶ ଓ ଭବିଷ୍ୟତର ଜୀବିକା ନିର୍ବାହରେ ସହାୟକ ହେବ । ଅନନ୍ତଙ୍କ ଜନ୍ମଦିନ ପାଳନର ଅଂଶ ସ୍ୱରୂପ କିସ ଛାତ୍ରଛାତ୍ରୀ ଏକ ବିଶାଳ କେକ୍ କାଟି ଉତ୍ସବ ପାଳନ କରିଥିଲେ । ଅନନ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଖୁସି ଓ ଦୀର୍ଘ ଜୀବନ କାମନା କରି ଶ୍ରୀବାଣୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ କିସ ପିଲାମାନେ ଦୀପ ଜାଳି ପ୍ରାର୍ଥନା କରିଥିଲେ ଓ ଶ୍ରୀବାଣୀକ୍ଷେତ୍ର ବେଦପାଠଶାଳା ଛାତ୍ରଛାତ୍ରୀମାନେ ବେଦପାଠ ଜରିଆରେ ଅନନ୍ତଙ୍କୁ ଶୁଭକାମନା




'ବନତାରା' ଲୋଗୋ ଦ୍ୱାରା ଅନୁପ୍ରାଣିତ ମାନବ ଅକ୍ଷର ଗଠନ

ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ କିସ ଭୁବନେଶ୍ୱର କ୍ୟାମ୍ପସ ସମେତ ବଲାଙ୍ଗୀର, କଳାହାଣ୍ଡି, ବାରିପଦା ଓ ବାଲେଶ୍ୱର ଆଦି କ୍ୟାମ୍ପସରେ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଛାତ୍ରଛାତ୍ରୀ 'ବନତାରା' ଲୋଗୋ ଦ୍ୱାରା ଅନୁପ୍ରାଣିତ ମାନବ ଅକ୍ଷର ଗଠନ କରିଥିଲେ । ପରେ ସନ୍ଧ୍ୟାରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଅନନ୍ତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ରାତ୍ରଭୋଜନର ଆୟୋଜନ କରାଯାଇଥିଲା । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶ୍ରୀ ସାମନ୍ତ ମଧ୍ୟ ଅନନ୍ତଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ଶ୍ରୀ ସାମନ୍ତ କହିଲେ, କିସ୍ ପିଲାଙ୍କ ପାଇଁ ଅନନ୍ତ ଯେଉଁ ସବୁ ଘୋଷଣା କରିଛନ୍ତି ତାହା ଦ୍ୱାରା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ଓ ଭବିଷ୍ୟତ ସମ୍ଭାବନାକୁ ବହୁ ପରିମାଣରେ ମଜବୁତ କରିବ । ଏଭଳି ସମର୍ଥନ ସାଧାରଣ ଜନଜାତି ପୃଷ୍ଠଭୂମିରୁ ଆସୁଥିବା ପିଲାମାନଙ୍କ ପାଇଁ ଯଥେଷ୍ଟ ଗୁରୁତ୍ୱ ରଖିବା ସହ ସୁଯୋଗର ନୂତନ ଦ୍ୱାର ଖୋଲିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।





ବାଲିଅନ୍ତା ଠାରେ ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ ଓ ଟ୍ରାନ୍ସମିସନ ଲାଇନ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

## ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା

# ୨୦୨୫-୨୬ରେ ୮୯.୫ ପ୍ରତିଶତ ଅର୍ଥ ଖର୍ଚ୍ଚ

**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:** ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ୨୦୨୫-୨୬ ବର୍ଷର କାର୍ଯ୍ୟର ସଫଳତା ଏବଂ ୨୦୨୬-୨୭ ବର୍ଷ ପାଇଁ ନୂତନ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ବୈଠକ ଆରମ୍ଭରେ କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ ବିଭାଗୀୟ ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ । ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୮୯.୪୫ ପ୍ରତିଶତ ଅର୍ଥ ବିନିଯୋଗ କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ୮ମ ସ୍ଥାନରେ ଥିବା ବେଳେ, ନୂତନ ଜ୍ଞାନକୌଶଳ ଓ ସାମଗ୍ରୀ ବ୍ୟବହାର କରି ରାସ୍ତା ନିର୍ମାଣ କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି । ପୂର୍ବବର୍ଷର ସଫଳତାକୁ ଆଧାର କରି ଆହୁରି ଉଚ୍ଚ ଲକ୍ଷ୍ୟ ରଖିବା ସହିତ ଚଳିତ ବର୍ଷରେ ନିଜ ପ୍ରଦର୍ଶନକୁ ନିଜେ ଅତିକ୍ରମ କରିବା ପାଇଁ ଅଧିକ

> **ପୂର୍ବବର୍ଷର ସଫଳତାକୁ ଆଧାର କରି ଆହୁରି ଉଚ୍ଚ ଲକ୍ଷ୍ୟ ରଖନ୍ତୁ: ମନ୍ତ୍ରୀ**

ସଂକଳ୍ପ ଓ ପ୍ରୟାସ ସହ କାମ କରିବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ନାଏକ ମତ ପ୍ରକାଶ କରିଥିଲେ । ସମୟର ଉପଯୁକ୍ତ ବ୍ୟବହାର ଏବଂ ବିଭାଗୀୟ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ବର୍ଷା ଦିନ ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଉ , ଯେପରି ବର୍ଷା ଛାଡ଼ିବା ମାତ୍ରେ କାମ ଦ୍ରୁତ ଗତିରେ ଆରମ୍ଭ ହୋଇପାରିବ । ଏହି ବୈଠକରେ 'ମିଶନ ପାୱାର' ମାଧ୍ୟମରେ ଅପହଞ୍ଚ ଗାଁଗୁଡ଼ିକୁ ପକ୍କା ରାସ୍ତାରେ ଯୋଡ଼ିବା ପାଇଁ ଆଲୋଚନା ମଧ୍ୟ କରାଯାଇଛି । କେଉଁ ଜିଲ୍ଲାରେ କେତେ 'ଅନକନେକ୍ଟେଡ୍ ହାବିଟେସନ୍ସ' ରହିଛି ତାହାର ସବିସ୍ତୃତ ସମୀକ୍ଷା କରାଯାଇଛି ଏବଂ ଲକ୍ଷ୍ୟ ହାସଲ ପାଇଁ ସମୟସୀମା ମଧ୍ୟ ନିର୍ଦ୍ଧାରିତ କରାଯାଇଛି । ଆଗାମୀ ମାସଗୁଡ଼ିକରେ ସଂଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଧ୍ୟାନ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା ହୋଇଥିଲା । ଆବଶ୍ୟକତାମୂଳକ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବା ସହ ଉନ୍ନୟନର ଲାଭ ସମସ୍ତ ଅଞ୍ଚଳରେ ସମାନ ଭାବରେ ପହଞ୍ଚିବା ସୁନିଶ୍ଚିତ କରିବାକୁ ମନ୍ତ୍ରୀ ଶ୍ରୀ ନାଏକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ରାଜ୍ୟର ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ଯୋଜନା ଉପରେ ସମୀକ୍ଷା କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ, ନୂତନ ରାସ୍ତା ନିର୍ମାଣ ଭଳି ପୁରୁଣା ରାସ୍ତାର ମରାମତି ଓ ସୁଦୃଢ଼ିକରଣ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । ଉନ୍ନତ ଭିତ୍ତିଭୂମି ହିଁ ସରକାରଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ମଜବୁତ କରିଥାଏ । ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ସର୍ବେଶ୍ୱର ସିଂହ ଏବଂ ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ କୁମାର ଜେନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତିରେ ରାଜ୍ୟର ସମସ୍ତ ସର୍କଲ ଏବଂ ଡିଭିଜନ ହେଡ ନିଜ ନିଜ ଅଞ୍ଚଳର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।



## ଓଡ଼ିଶା ଇତିହାସ କଂଗ୍ରେସର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୯।୪/ଏନ୍‌ଏନ୍‌ଏସ୍:** ଜାତୀୟ ଅଭିଲେଖାଗାର ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ଠାରେ ଓଡ଼ିଶା ଇତିହାସ କଂଗ୍ରେସର ୫୬ତମ ପ୍ରତିଷ୍ଠା ଦିବସ ନବନିର୍ବାଚିତ ସଭାପତି ଡକ୍ଟର ସୁବାସଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତାଭାବେ ପ୍ରଫେସର ଅମଳ କୁମାର ମିଶ୍ର, ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ସହକାରୀ ନିର୍ଦ୍ଦେଶକ ଡକ୍ଟର ସତ୍ୟନାରାୟଣ ମିଶ୍ର ଯୋଗଦେଇଥିଲେ। ଏହି ପ୍ରତିଷ୍ଠା ଦିବସରେ ବହୁ ଐତିହାସିକ, ଗବେଷକ ପ୍ରମୁଖ ଯୋଗଦେଇଥିଲେ। ଡକ୍ଟର ପାରେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

### ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଓ ସର୍ବୋଚ୍ଚ ଯନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ

# ଜଳସେଚନ ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୪/ଏନ୍‌ଏନ୍‌ଏସ୍:** ରାଜ୍ୟର ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଚାଷୀଙ୍କୁ ନିରନ୍ତର ଜଳ ଯୋଗାଇଦେବା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବା ଲକ୍ଷ୍ୟରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ସାଗର ମହାନ୍ତି ବିଭିନ୍ନ ଜିଲ୍ଲା ଗସ୍ତକରି ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଥିଲେ। ମୁଖ୍ୟ ଶାସନ ସଚିବ ବଡ଼ମ୍ବା ବ୍ଲକସ୍ଥିତ ପଦ୍ମନାଭପୁର ଚେକ୍ ଡ୍ୟାମ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଚେକ୍ ଡ୍ୟାମ୍‌ର ନବୀକରଣରେ ବ୍ୟୟ ଏବଂ ଏହାର ଜଳସେଚନ କ୍ଷମତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୯୦ ପ୍ରତିଶତ ବ୍ୟୟ ଅଟକଳ ଶେଷ କରିବାକୁ ମାସିକ ଲକ୍ଷ୍ୟଧାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରି ସେ ପାଣିପଞ୍ଚାୟତ ଗଠନ ଏବଂ ୱାଟର ୟୁଜର୍ସ ଆସୋସିଏସନ୍ ପଞ୍ଜିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଚେକ୍ ଡ୍ୟାମ୍‌ର ସୁରକ୍ଷା ପାଇଁ ଅଫ୍ଲକ୍ସ ବନ୍ଧର ଟର୍ଫିଂ ଏବଂ ଅପ୍-ଷ୍ଟ୍ରିମ୍ ସ୍ଲୋପ୍‌ର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନରସିଂହପୁର ବ୍ଲକସ୍ଥିତ ହାଡୁଆ ଜଳସେଚନ ପ୍ରକଳ୍ପର ସମୀକ୍ଷା ସମୟରେ କଂକ୍ରିଟ ଗ୍ରାଭିଟି ଡ୍ୟାମ୍ ଓ ସ୍ପିଲ୍‌ୱେ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ କହିଛନ୍ତି। ଏହା ବ୍ୟତୀତ ପ୍ରକଳ୍ପ ଅଞ୍ଚଳରେ ଏକ ସ୍କାଡା କଣ୍ଟ୍ରୋଲ୍ ରୁମ୍, ପର୍ଯ୍ୟଟକଙ୍କ ପାଇଁ ସୌନ୍ଦର୍ଯ୍ୟକରଣ ଏବଂ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ପରିଦର୍ଶନ ଏବଂ ସମୀକ୍ଷା ସମୟରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ସାଗର ମହାନ୍ତି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ୍‌ର ବିଭିନ୍ନ ପ୍ରକଳ୍ପର ଯାଞ୍ଚ କରିଥିଲେ। ମୁଖ୍ୟ ଯନ୍ତ୍ରୀ ପାଟଣାଗଡ଼ ବ୍ଲକ୍‌ର ସୁବର୍ଣ୍ଣରେଖା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଉପର ଲାନ୍ଥ ଜଳସେଚନ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ନଦୀ ବନ୍ଧର ଖାଲି ସ୍ଥାନକୁ ତୁରନ୍ତ ବନ୍ଦ କରି କାର୍ଯ୍ୟ ଶେଷ କରିବାକୁ ସେ କ୍ଷେତ୍ରୀୟ କର୍ମଚାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହାସହ ମାୟାବତୀ ନଦୀ ଉପରେ ନିର୍ମିତ ବେରହାମପୁରା ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ସେତୁର ମଧ୍ୟ ସେ ଯାଞ୍ଚ କରିଥିଲେ। ନଦୀ ଜଳକୁ ସଞ୍ଚୟ କରି ଜଳସେଚନ ଏବଂ ପାନୀୟ ଜଳ ଯୋଗାଣ ପାଇଁ ସେତୁର ଭେଣ୍ଟଗୁଡ଼ିକରେ ଶଟର୍ ଲଗାଇବା ପାଇଁ ସେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ସମୟରେ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଏବଂ ପାଟଣାଗଡ଼ର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ କ୍ଷେତ୍ର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅରୁନ୍ଧତୀ ଜୁଏଲର୍ସ 'ପ୍ରିଫର୍ଡ ରିଟେଲର୍ସ ଅଫ୍ ଇଣ୍ଡିଆ-୨୦୨୬' ସମ୍ମାନରେ ସମ୍ମାନିତ

**ଭୁବନେଶ୍ୱର,୯।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ୍ ଅରୁନ୍ଧତୀ ଜୁଏଲର୍ସର ନିରନ୍ତର ଯାତ୍ରାରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ଅରୁନ୍ଧତୀ ଜୁଏଲର୍ସ ସର୍ବଭାରତୀୟ ସ୍ତରରେ ଅଳଙ୍କାର ଶିଳ୍ପର ସର୍ବୋଚ୍ଚ ସଂସ୍ଥା ଜିଜେସି ଦ୍ୱାରା ମର୍ଯ୍ୟାଦାଜନକ 'ପ୍ରିଫର୍ଡ ରିଲେର୍ସ ଅଫ୍ ଇଣ୍ଡିଆ-୨୦୨୬' ସମ୍ମାନରେ ସମ୍ମାନିତ ହୋଇଛି। ମୁମ୍ବାଇସ୍ଥିତି ଜିଲ କନ୍‌ଭେନ୍‌ସନ୍ ସେଣ୍ଟର୍‌ରେ ଆୟୋଜିତ ସମାରୋହରେ ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶତକ ବ୍ରହ୍ମାନନ୍ଦ ମେହେର ଏବଂ ନିର୍ଦ୍ଦେଶକ ଅରୁନ୍ଧତୀ ମେହେରା ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ମୁହୂର୍ତ୍ତ କେବଳ ବ୍ରାଣ୍ଡ୍ ପାଇଁ ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଏକ ଗୌରବର ବିଷୟ। ଏହି ଭବ୍ୟ ଉତ୍ସବରେ ଜିଜେସି ଅଧ୍ୟକ୍ଷ ରାଜେଶ ରୋକଡେ, ଆଇଡିସି ପରିଚାଳନା




ନିର୍ଦ୍ଦେଶକ ଗୌରବ ଇସାର ଏବଂ ଜିଜେସି ଉପାଧ୍ୟକ୍ଷ ଅବିନାଶ ଗୁପ୍ତାଙ୍କ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ପ୍ରତିଷ୍ଠିତ ଜୁଲଲାରୀ ଉଦ୍ୟୋଗୀ ଉପସ୍ଥିତ ଥିଲେ। ଏହି ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ଅରୁନ୍ଧତୀର ସଫଳତା ଜାତୀୟ ସ୍ତରରେ ଖୁବ୍ ପ୍ରଶଂସିତ ହୋଇଥିଲା। ଏହି ଅବସରରେ ସମସ୍ତ ଓଡ଼ିଶାବାସୀ ଓ ଅରୁନ୍ଧତୀ ପରିବାରକୁ କୃତଜ୍ଞତା ଜଣାଇ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଆମ ପ୍ରତି ଓଡ଼ିଶାବାସୀଙ୍କ ଥିବା ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଏକ ଅତୁଟ ବିଶ୍ୱାସର ସୁନ୍ଦର ପ୍ରତିଫଳନ। ସେହି ବିଶ୍ୱାସ ଓ ଭରସା ହିଁ ଅରୁନ୍ଧତୀର ବିକାଶର ପ୍ରକୃତ ମୂଳଦୁଆ। ଏହି ସଫଳତାର ଶ୍ରେୟ ସେ ନିଜର ସମସ୍ତ ସହକର୍ମୀ ଏବଂ ଅଗଣିତ ଶୁଭେଚ୍ଛୁଙ୍କୁ ଦେଇଛନ୍ତି, ଯେଉଁମାନଙ୍କ ନିଷ୍ଠା ଓ ପରିଶ୍ରମ ବିନା ଏହା ସମ୍ଭବ ହୋଇନଥାନ୍ତା। ଏହି ସମ୍ମାନ ଏକ ପୁରସ୍କାରଠାରୁ ବହୁ ଊର୍ଦ୍ଧ୍ୱରେ, ଏହା ହେଉଛି ଉତ୍କୃଷ୍ଟ କାରିଗରୀ ଓ ଗ୍ରାହକଙ୍କ ସହିତ ଯୋଡ଼ି ରହିବାର ଏକ ଦୃଢ଼ ପ୍ରତିଶ୍ରୁତି ଅରୁନ୍ଧତୀ ଜୁଏଲର୍ସ ନିଜର ଶୁଦ୍ଧତା, ସ୍ୱଚ୍ଛତା ଓ ନିରନ୍ତର ସେବାକୁ ବଜାୟ ରଖିବା ସହିତ ଆଗାମୀ ଦିନରେ ଓଡ଼ିଶା ନାମକୁ ଜାତୀୟ ସ୍ତରରେ ଆହୁରି ଉଜ୍ଜ୍ୱଳ କରିବା ପାଇଁ ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି।

### ଓଡ଼ିଆ ସାହିତ୍ୟ ସମାରୋହ ଉଦ୍‌ଘାଟିତ

# ଡକ୍ଟର କମ୍ବୁପାଣି ସାମନ୍ତ ପାଇଲେ 'ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ'

**ଭୁବନେଶ୍ୱର,୯।୪/ଏନ୍‌ଏନ୍‌ଏସ୍:** ନିଜ ମାତୃଭାଷାକୁ ସଂସ୍କୃତ ସାହିତ୍ୟର ସମକକ୍ଷ କରିବାର ଉଚ୍ଚାଙ୍ଗ ସାଧକ ତଥା ଆପଣା କାବ୍ୟ ଓ ସଂଗୀତ ଦ୍ୱାରା ଚଷାଠାରୁ ଯୋଷା ପର୍ଯ୍ୟନ୍ତ ଓଡିଆ ଜନଜୀବନକୁ ସଞ୍ଚରି ଯାଇଥିବା କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ବାସ୍ତବରେ ଓଡିଶାର ସାରସ୍ୱତ ଅସ୍ମିତା ବୋଲି ମତ ପ୍ରକାଶ ପାଇଛି। ଗତକାଲି ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ' ପକ୍ଷରୁ ଗୀତଗୋବିନ୍ଦ ସଦନରେ ଆୟୋଜିତ ତ୍ରିଦିବସୀୟ ଓଡିଆ ସାହିତ୍ୟ ସମାରୋହର 'ଭଞ୍ଜନିକୁଞ୍ଜ' ଶୀର୍ଷକ ଉଦ୍ଘାଟନ ଦିବସରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଆଧୁନିକ ଓଡିଶାରେ ଭଞ୍ଜକବିଙ୍କ ରଚନାବଳୀର ଅନୁଶୀଳନ, ଚିନ୍ତନ ଓ ଚର୍ଚ୍ଚାର ଉପାଦେୟତା ସଂପର୍କରେ ବକ୍ତବ୍ୟ ରଖି ଭୁବନେଶ୍ୱର ଭଞ୍ଜଭାରତୀର ଏହି ସାଧୁ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ବରେଣ୍ୟ ଅତିଥି ତଥା ଓଡିଶା ସାହିତ୍ୟ ଅକାଦମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଭଞ୍ଜୀୟ ସାହିତ୍ୟ ସୃଷ୍ଟିର କାଳଜୟୀ ପ୍ରଭାବ ଓ ପ୍ରକର୍ଷ ଉପରେ ବକ୍ତବ୍ୟ ରଖି ଅନୁଷ୍ଠାନର ସମୃଦ୍ଧି କାମନା କରିଥିଲେ। ସଭାର ବରେଣ୍ୟବକ୍ତା ତଥା ପରିଚିତ ଗୀତିକାର ମୋତିଲାଲ ପତି କବି ଉପେନ୍ଦ୍ରଙ୍କ ସାହିତ୍ୟରେ ସଂଗୀତିକତା ଓ ଶାବ୍ଦିକ ମୂର୍ଚ୍ଛନାର



ଅବତାରଣା କରିଥିଲେ। ସଭାର ସଭାପତି ଓ ମୁଖ୍ୟ ଆଲୋଚକ ତଥା ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ବୈଶିଷ୍ଟ୍ୟରେ ବୈଦେହୀ ଚରିତ୍ରର ମହତ୍ତ୍ୱକୁ ଉପସ୍ଥାପିତ କରିବା ସହିତ ଭଞ୍ଜ ହିଁ ଓଡିଆ ଅସ୍ମିତାର ପ୍ରତୀକ ବୋଲି କହିଥିଲେ। ଏହି ଅବସରରେ ଭଞ୍ଜନଗର ନିବାସୀ ବର୍ଷୀୟାନ୍ ଭଞ୍ଜ ସାହିତ୍ୟ ଗବେଷକ ଓ ପ୍ରାବନ୍ଧିକ ଡକ୍ଟର କମ୍ବୁପାଣି ସାମନ୍ତଙ୍କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତିସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ 'ନାଦବ୍ରହ୍ମ' ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ, ପ୍ରଫେସର ଜଗନ୍ନାଥ କୁଅଁର ଓ ସାଥୀଙ୍କ ଦ୍ୱାରା ଭଞ୍ଜସଂଗୀତ ପରିବେଷିତ ହୋଇଥିଲା। ଭଞ୍ଜଭାରତୀର ସଦସ୍ୟା ଉତ୍କଳଲକ୍ଷ୍ମୀ ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ସୁଶ୍ରୀ ଅନନ୍ୟା ମିଶ୍ର ସଂଯୋଜନା ଓ ସଦସ୍ୟ ଗତିକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ସୁରେଶ୍ୱର ପାଣିଗ୍ରାହୀ, ସଂପାଦିକା ଶୁଭଶ୍ରୀ ମିଶ୍ର, କୋଷାଧ୍ୟକ୍ଷା ଶୈଳଜା ମିଶ୍ର, ସଦସ୍ୟ ଦିଲୀପ ଦାସ, ଡକ୍ଟର ନୀଳମାଧବ ପ୍ରଧାନ, ଅସୀମା ତ୍ରିପାଠୀ, ଗିରିଜାପ୍ରସାଦ ମିଶ୍ର, ବିନାୟକ ରଥ, ସନ୍ତୋଷ ବେହେରା, ଆଶୁତୋଷ ମହାସୁଆର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବହୁସଂଖ୍ୟାରେ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଏହି ସମାରୋହ ଆଗାମୀ ଏପ୍ରିଲ୍ ୧୧ ତାରିଖ ଯାଏଁ ଚାଲିବ।

# ଓଡ଼ିଶା ଲେଖକ ସମବାୟ ସମିତିର 'ଓଡ଼ିଆ ପକ୍ଷ' ପାଳନ

**ଭୁବନେଶ୍ୱର,୯।୪/ଏନ୍‌ଏନ୍‌ଏନ୍:** ପୁସ୍ତକ ହେଉଛି ମଣିଷର ପ୍ରକୃତ ବନ୍ଧୁ। ପୃଥିବୀର ବହୁ ମନିଷୀମାନେ ତାଙ୍କ ଜୀବନରେ ପୁସ୍ତକର ଅବଦାନକୁ ସ୍ୱୀକାର କରିବାକୁ ଭୁଲିନାହାନ୍ତି। ପୁସ୍ତକ ହିଁ ସୃଷ୍ଟି କରେ ମଣିଷ ମନରେ ଜାଗରଣ। ସଭ୍ୟତା ଓ ସଂସ୍କୃତି ହେଉଛି ପୁସ୍ତକମାନଙ୍କର ଦାନ ବୋଲି ମତବ୍ୟକ୍ତ କରିଛନ୍ତି ଆଲୋଚକବୃନ୍ଦ। ରାଜ୍ୟ ସରକାରଙ୍କ 'ଓଡ଼ିଆ ପକ୍ଷ' ପାଳନ ଅବସରରେ 'ଓଡ଼ିଶା ଲେଖକ ସମବାୟ ସମିତି' ତରଫରୁ ଏପ୍ରିଲ୍ ୯ ତାରିଖରେ 'ଆସ ବହିଟିଏ କିଣିବା' ଅଭିଯାନରେ ଭାଗନେଇ ସାହିତ୍ୟ ସଭାରେ ପୁସ୍ତକ ହିଁ ଅମୂଲ୍ୟ ସମ୍ପଦ ଶୀର୍ଷକରେ ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଆୟୋଜନ କରିଥିଲା। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୀବନରେ ଜନ୍ ରସ୍କିନ୍, ଲିଓ ଟଲଷ୍ଟୟଙ୍କ ପୁସ୍ତକ ତଥା ରାମାୟଣ, ମହାଭାରତ ଓ ଭଗବତ ଗୀତାର ପ୍ରଭାବ କିପରି ତାଙ୍କ ଜୀବନରେ ପଡ଼ିଛି ତାହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପୁସ୍ତକକୁ ନେଇ ବିଶ୍ୱରେ ବହୁ ଘଟଣା ଘଟିଥିବାର ପ୍ରମାଣ ଅତିଥିମାନେ ଦର୍ଶାଇଥିଲେ। ଓଡ଼ିଆ ପକ୍ଷର ଆସ ବହିଟିଏ କିଣିବା ଅଭିଯାନ ପାଇଁ ଓଡ଼ିଶା ଲେଖକ ସମବାୟ ସମିତିର ପୁସ୍ତକ ବିକ୍ରୟ କାର୍ଯ୍ୟ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିଲା। ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ପ୍ରଥମେ ପୁସ୍ତକ କ୍ରୟ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦିନସାରା ଆଗ୍ରହୀ ପାଠକଗଣ ପୁସ୍ତକ କ୍ରୟକରି ନିଜର ଫଟୋ ଉଠାଇ ସରକାରଙ୍କର ପୋର୍ଟାଲ୍‌ରେ ପଠାଇ ପ୍ରମାଣପତ୍ର ପାଇଥିଲେ। ଅପରାହ୍ନ ୫ଟାରେ ସଭାକାର୍ଯ୍ୟ ଆରମ୍ଭ ହୋଇ ଗାଳ୍ପିକ ରାମନାରାୟଣ ମିଶ୍ରଙ୍କ ପୁସ୍ତକ 'ପାହାଡ଼ି କନ୍ୟା ସୁନା' ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା। ସଭାରେ ପୁସ୍ତକ କିଣିବା, ପଢ଼ିବା ଓ ପୁସ୍ତକ ଉପରେ ଆଲୋଚନା ଉପରେ ସମସ୍ତ ସଭ୍ୟସଭ୍ୟା ଗୁରୁତ୍ୱ ଦେଇଥିଲେ। ଭାଷା ଓ ସାହିତ୍ୟର ପ୍ରଗତି ପାଇଁ ସମସ୍ତ ଉତ୍କଳବାସୀ ନିରବଚ୍ଛିନ୍ନ ଭାବେ ପ୍ରଚେଷ୍ଟା କଲେ ଲେଖକ, ପାଠକ ଓ ପ୍ରକାଶକମାନେ ନିଜ ନିଜ ବାଟରେ ଉପକୃତ ହେବେ ବୋଲି ସଭାପତି ମତବ୍ୟକ୍ତ କରିଥିଲେ।

ଏହି ସଭାରେ ବିଶିଷ୍ଟ ଗବେଷକ ପ୍ରବୀର ପଟ୍ଟନାୟକ ବୁଦ୍ଧଧର୍ମ ଗବେଷଣା ଉପରେ ତଥ୍ୟ ଉପସ୍ଥାପନା କରିଥିଲେ। ଅନ୍ୟ ସଭ୍ୟସଭ୍ୟାଙ୍କ ମଧ୍ୟରେ ଡକ୍ଟର ଅଭୟ କୁମାର ନାୟକ, ରାମ ନାରାୟଣ ମିଶ୍ର, ଡକ୍ଟର ଆରତି କର, ମିନତି ଷଡ଼ଙ୍ଗୀ, ନିଶାକର ରାଉତ, ଡକ୍ଟର ସିଦ୍ଧାର୍ଥ କାନୁନଗୋ, ବିରଜା ପ୍ରସାଦ ଶତପଥୀ, ଡ. ନଗେନ୍ଦ୍ର ନାଥ ମିଶ୍ର, ସୁନୀଲ କୁମାର ମହାପାତ୍ର, ଅକ୍ଷୟ କୁମାର ମିଶ୍ର, ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ପ୍ରଭାତ କୁମାର ନନ୍ଦ ପ୍ରମୁଖ ଭାଗ ନେଇଥିଲେ। ପ୍ରାରମ୍ଭରେ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ସମ୍ପାଦକ ସୁକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅମୀୟ କୁମାର ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାରଙ୍କ ସହ ଯୋଗସୂତ୍ର କରିଥିଲେ।

# ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ଅକାଳ ବିୟୋଗରେ ନୀରବ ପ୍ରାର୍ଥନା



**ଭୁବନେଶ୍ୱର,୯।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାଶିଳ୍ପୀ ସଦାନନ୍ଦ ତ୍ରିପାଠୀଙ୍କ ଦେହାବସାନ ୨ ଏପ୍ରିଲ ୨୦୨୬ରେ ଘଟିଛି। ଓଡ଼ିଆ ଗଳ୍ପଜଗତର ଜଣେ ଅପ୍ରତିଦ୍ୱନ୍ଦ୍ୱୀ କଥାକାର ଥିଲେ ସ୍ୱର୍ଗତ ତ୍ରିପାଠୀ। ତାଙ୍କର ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ୯ .୪.୨୦୨୬ ସନ୍ଧ୍ୟାରେ ବୁଦ୍ଧମନ୍ଦିରସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁ ବିଶିଷ୍ଟ ସାହିତ୍ୟିକ ଯୋଗଦାନ କରି ସଦାନନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅଶ୍ୱିନୀ କୁମାର ମିଶ୍ର, ପ୍ରାକ୍ତନ ସଚିବ, ଓଡିଶା ସାହିତ୍ୟ ଏକାଡେମୀ ପ୍ରାରମ୍ଭରେ ସଦାନନ୍ଦ ତ୍ରିପାଠୀଙ୍କ ସ୍ମୃତି ଚାରଣ କରିଥିଲେ। ପରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଆବାହକ ଡ. ଗୌରହରି ଦାସ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ଏହାପରେ ବିଶିଷ୍ଟ ଗାଳ୍ପିକ ଓ ଔପନ୍ୟାସିକ ଡ଼. ଅରବିନ୍ଦ ରାୟ, ବରିଷ୍ଠ ଗାଳ୍ପିକ ଓ ଔପନ୍ୟାସିକ ଡ. ଅଜୟ ସ୍ୱାଇଁ, କଥାକାର ସହଦେବ ସାହୁ, କଥାକାର ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଗାଳ୍ପିକା ଓ ଔପନାସିକା ଡ. କବିତା ବାରିକ,ଲେଖକ ଓ ପ୍ରକାଶକ ବନୋଜ ତ୍ରିପାଠୀ, ଲେଖକ ଓ ବୈଜ୍ଞାନିକ ଡ଼. କାର୍ତ୍ତିକ ସ୍ୱାଇଁ, ବିଶିଷ୍ଟ ଗାଳ୍ପିକ ରବି ପଣ୍ଡା, କବି ଓ ଲେଖକ ଉମାକାନ୍ତ (ଅରୂପ) ରାଉତ, କବି ଡ. ରକ୍ଷକ ନାୟକ, ଗାଳ୍ପିକ, ଔପନ୍ୟାସିକ ଓ ପ୍ରକାଶକ ପ୍ରକାଶ ମହାପାତ୍ର, କବି ଓ ସମାଲୋଚକ କ୍ଷୀରୋଦ ପରିଡ଼ା, ଲେଖକ ଅରୁଣ ସାହୁ, ବିଶିଷ୍ଟ ପ୍ରାବନ୍ଧିକ ଓ ସମାଲୋଚକ ଡ଼. ଅସିତ ମହାନ୍ତି, ଲେଖକ ଓ ଔପନ୍ୟାସିକ କ୍ଷୀରୋଦ ଦାସ, ଗାଳ୍ପିକା ଓ କବି ମୌସୁମୀ ଦାସ୍, ଗାଳ୍ପିକ ଡ଼ା. ମଣିରାମ ଜେନା, ଯୁବ କଥାକାର ଦେବବ୍ରତ ଦାସ, ଗାଳ୍ପିକ ଓ ସମ୍ପାଦକ ଅବିନାଶ ସାହୁ, ଗାଳ୍ପିକ ଓ ସମ୍ପାଦକ ଶ୍ରୀ ଗୋବିନ୍ଦ, ଗାଳ୍ପିକ ଡ. ଆଭାସ ବରାଳ ଏବଂ ବହୁତ ସଦାନନ୍ଦପ୍ରେମୀ ବ୍ୟକ୍ତି ଯୋଗଦାନ କରି ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ବିଷୟରେ ସ୍ମୃତିଚାରଣ କରିଥିଲେ।

ଏହି ସଭାକୁ ଡ. ଅରବିନ୍ଦ ରାୟ, ବନୋଜ ତ୍ରିପାଠୀ ଏବଂ ମୌସୁମୀ ଦାସ୍ ପରିଚାଳନା ଏବଂ ସଂଯୋଜନା କରିଥିଲେ। ଏହି ଅବସରରେ ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ଉପରେ ଏକ ସ୍ମରଣିକା ଉନ୍ମୋଚନ କରା ଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ନାମରେ ଏକ ଟ୍ରଷ୍ଟ ଗଠନ କରାଯିବା ପାଇଁ ନିର୍ଣ୍ଣୟ କରାଗଲା।

# କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୯।୪/ଏନ୍‌ଏନ୍‌ଏସ୍:** କର୍କଟ ବିଶ୍ୱର ସବୁଠାରୁ ମାରାତ୍ମକ ରୋଗମାନଙ୍କ ମଧ୍ୟରୁ ଅନ୍ୟତମ। ପ୍ରତିବର୍ଷ ଏହି ରୋଗରେ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହେବା ସହ ଅନେକ ଲୋକ ପ୍ରାଣ ହରାଉଛନ୍ତି। ଗତ କିଛି ବର୍ଷ ଧରି ମୁଣ୍ଡ ଏବଂ ବେକ କର୍କଟ ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ବିଶେଷକରି ଭାରତରେ ଏହି ପ୍ରକାର କର୍କଟ ରୋଗ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ମୁଖ, ଗଳା, ସ୍ୱରପେଟି, ନାକ ଭିତର ଭାଗ ଓ ଲାଳ ଗ୍ରନ୍ଥିରେ ହେଉଥିବା କର୍କଟ ଭାରତରେ ଅଧିକ ମାତ୍ରାରେ ବଢ଼ିଛି। ଏହା ଅନେକ ସମୟରେ ପ୍ରତିରୋଧଯୋଗ୍ୟ ହେଲେ ମଧ୍ୟ ସଚେତନତାର ଅଭାବ ଏବଂ ବିଳମ୍ବିତ ଚିକିତ୍ସା ଯୋଗୁଁ ଅଧିକାଂଶ ରୋଗୀଙ୍କ ଠାରେଏହାର ଚିକିତ୍ସା ଜଟିଳ ହୋଇପଡୁଛି। 'ହେଡ୍ ଆଣ୍ଡ୍ ନେକ୍ କ୍ୟାନ୍‌ସର୍' ସଚେତନତା ମାସ ପାଳନ ଅବସରରେ 'ବାଗଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର' ପକ୍ଷରୁ ଏକ ବିଶେଷ କ୍ୟାନ୍‌ସର୍ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ସମାଜରେ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବା, କ୍ୟାନ୍‌ସର୍‌ର କାରକ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ସୁସ୍ଥ ଜୀବନଶୈଳୀ ଅନୁସରଣ ପାଇଁ ପ୍ରେରିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଭାରତରେ ତମାଖୁ ସେବନ (ଧୂମପାନ କିମ୍ବା ଚୋବାଇବା), ଗୁଟ୍‌ଖା, ପାନମସଲା, ଖଇନି, ସୁପାରୀ ଭଳି ପଦାର୍ଥ ଦୈନିକ ଜୀବନର ଅଂଶ ହୋଇପଡ଼ିଥିବାରୁ ଏହାକୁ ଛାଡ଼ିବା କଷ୍ଟକର ହେଉଛି, ଯାହା ଏହି କର୍କଟର ପ୍ରମୁଖ କାରଣ ପାଲଟିଛି। ମଦ୍ୟପାନ ସହ ତମାଖୁ ସେବନ ଏହାକୁ ଅଧିକ ବିପଦପୂର୍ଣ୍ଣ କରୁଛି। ଏହାସହ ହ୍ୟୁମାନ୍ ପାପିଲୋମା ଭାଇରସ୍ ମଧ୍ୟ କିଛି ପ୍ରକାର କର୍କଟର କାରଣ ଭାବେ ଚିହ୍ନଟ ହେଉଛି। ବାଗଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ରର 'ହେଡ୍ ଆଣ୍ଡ୍ ନେକ୍' ବିଭାଗର ବିଶେଷଜ୍ଞମାନଙ୍କ ମତାନୁସାରେ, ପ୍ରାରମ୍ଭିକ ଚିହ୍ନଟ ଓ ସମୟୋପଯୋଗୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ଅନେକ ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ। ଏହି କର୍କଟର ଆରମ୍ଭିକ ଲକ୍ଷଣ ସହଜରେ ଦେଖାଯାଏ। ମୁଖର ଘା ଠିକ୍ ନହେବା, ସ୍ୱର କର୍କଶ ହେବା, ଖାଇବାରେ ଅସୁବିଧା, ଗଳାରେ ଗଣ୍ଠି ହେବା ଓ ମୁଖରେ ଲାଲ୍ କିମ୍ବା ଧଳା ଦାଗ ଦେଖାଯିବାକୁ କେବେ ମଧ୍ୟ ଅଣଦେଖା କରିବା ଉଚିତ୍ ନୁହେଁ। ସଚେତନତାର ଅଭାବ ଓ ସଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ଅଭାବରୁ ଅଧିକାଂଶ ରୋଗୀ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସଠିକ୍ ସମୟରେ ଏହି କର୍କଟ ଚିହ୍ନଟ ହେଲେ ସଫଳତାର ସହ ଚିକିତ୍ସା କରାଯାଇପାରିବ।

ପ୍ରତିରୋଧ ହେଉଛି ସବୁଠାରୁ ସର୍ବୋତ୍ତମ ଉପାୟ। ଦୈନନ୍ଦିନ ଜୀବନରେ ତମାଖୁ ଓ ସୁପାରୀ ସେବନ ବନ୍ଦ କରିବା ସହ ସୁସ୍ଥ ଜୀବନଶୈଳୀ ଅନୁସରଣ କରିବା ଆବଶ୍ୟକ। ସମସ୍ତଙ୍କ ଏକତ୍ର ପ୍ରୟାସରେ ଆମେ ଏହି କର୍କଟର ପ୍ରଭାବ କମାଇପାରିବା ବୋଲି ବାଗଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ରର ହେଡ୍ ଆଣ୍ଡ ନେକ୍ ବିଭାଗର ବିଶେଷଜ୍ଞମାନେ କହିଛନ୍ତି। ଆଧୁନିକ ଚିକିତ୍ସା ପ୍ରଣାଳୀରେ ସର୍ଜରୀ, ରେଡିଏସନ୍ ଓ ଇମ୍ୟୁନୋଥେରାପି ସହିତ ବହୁ ଉନ୍ନତ ପଦ୍ଧତି ଉପଲବ୍ଧ ଅଛି। ଏହା ପାଇଁ ଏକ ମଲ୍ଟିଡିସିପ୍ଲିନାରୀ ଟିମ୍ ଆବଶ୍ୟକ, ଯାହା ରୋଗୀଙ୍କ ଜୀବନକୁ ଉନ୍ନତ କରିବାରେ ସହାୟକ ହୁଏ। ଏହି ସଚେତନତା କାର୍ଯ୍ୟକ୍ରମରେ ଶ୍ରୀ ଶଙ୍କରା କର୍କଟ କେନ୍ଦ୍ରର ହେଡ୍ ଆଣ୍ଡ ନେକ୍ ବିଭାଗର ଡ. ଘନଶ୍ୟାମ ମଣ୍ଡଳ, ଡ. ନୀଳମଣି ମହାନ୍ତି, ଡ. ବୈଭବ ସିଂହ, ଡ. ରାଇସା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବେଶ ସଚେତନତା କାର୍ଯ୍ୟକ୍ରମ 'ପରିବେଶ ଆମର ବନ୍ଧୁ'

**ଭୁବନେଶ୍ୱର,୯।୪/ଏନ୍‌ଏନ୍‌ଏସ୍:** ବୁଧବାର କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପରିବେଶ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଏକ ଆଲୋଚନାଚକ୍ର 'ପରିବେଶ ଆମର ବନ୍ଧୁ' ଆୟୋଜିତ ହୋଇଯାଇଛି। ଏଥିରେ ଭାରତୀୟ ତୈଳ ନିଗମର ପୂର୍ବତନ ପରିଚାଳକ ହେମନ୍ତ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ସଚେତନତା ବୃଦ୍ଧି ନିମନ୍ତେ ପ୍ରାକୃତିକ ସମ୍ପଦ ଯଥା ଜଳ, ସ୍ଥଳ ଏବଂ ଜଙ୍ଗଲକୁ ସୁରକ୍ଷା ଦେବା ତଥା ଉକ୍ତ ବିଷୟରେ ଜ୍ଞାନ ଆହରଣ କରିବା ଦ୍ୱାରା ପ୍ରଦୂଷଣ ହ୍ରାସ ହେବା ସହ ବୃକ୍ଷ ରୋପଣ, ପ୍ଲାଷ୍ଟିକ୍ ବର୍ଜନ ପରି ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଏକ ଧାରଣୀୟ ବିକାଶ ସମସ୍ତଙ୍କର ଧ୍ୟେୟ ହେବା ସପକ୍ଷରେ ମତ ରଖିଥିଲେ। ଅନ୍ୟତମ ବକ୍ତା




ସେବା ନିବୃତ୍ତ ଜଙ୍ଗଲ ବିଭାଗର ସର୍ବୋଚ୍ଚ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ଛାତ୍ରଛାତ୍ରୀମାନଙ୍କୁ ବକ୍ତୃତା ଛଳରେ ବୃକ୍ଷର ସଂଜ୍ଞା ବୁଝାଇବାକୁ ଯାଇ ସମାଜ ପ୍ରତି ଏହାର ଅବଦାନ ସହ ଗଛଟିଏ ଜୀବଜନ୍ତୁଙ୍କ ସହ କିପରି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭରଶୀଳ ତା'ର ଉଦାହରଣ ପ୍ରଦାନ ସହ ଜଙ୍ଗଲ, ବୃକ୍ଷରୋପଣ ଏବଂ ତାର ସୁରକ୍ଷା କିପରି ଜନସମାଜର ଏକ ସୁସ୍ଥ ଜୀବନ ନିମନ୍ତେ ପ୍ରେରଣା ଦିଏ ଏହା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ୟ ଅତିଥି ସେବା ନିବୃତ୍ତ ଗ୍ରୀଡ୍‌କୋର ଲୋକସଂପର୍କ ଅଧିକାରୀ ଦେବାନନ୍ଦ ସାମଲ ଆମ ପୃଥିବୀ ଆମ ଦାୟିତ୍ୱ, ପ୍ଲାଷ୍ଟିକ୍‌ର ସର୍ବନିମ୍ନ ବ୍ୟବହାର ଏବଂ ପରିବେଶ ପ୍ରତି ସଚେତନତା ସୃଷ୍ଟି ସହ ଅନ୍ୟମାନଙ୍କୁ ଏ ଦିଗରେ ପ୍ରବର୍ତ୍ତାଇ ପାରିଲେ ଏକ ସୁସ୍ଥ ସୁନ୍ଦର ପୃଥିବୀର ପରିକଳ୍ପନା କରି ସୁସ୍ଥଜୀବନ ସମ୍ଭବ ହେବ ବୋଲି ମତ ପୋଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ତଥା ସଭାପତି ଡଃ. ଚିତ୍ତରଞ୍ଜନ ମିଶ୍ର ପିଲାମାନଙ୍କୁ ଗାଁରୁ ସହର ପର୍ଯ୍ୟନ୍ତ ବାୟୁ ପ୍ରଦୂଷଣର ବିଭିନ୍ନ କାରଣ ଓ ନିରାକରଣ କିପରି ସମ୍ଭବ, ଏ ଦିଗରେ ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ନ ରହିଲେ ଭବିଷ୍ୟତ ପ୍ରଶ୍ନବାଚୀ ହୋଇଯିବା ଆଶଙ୍କା ପ୍ରକାଶ କରିବା ସହ ସମସ୍ତଙ୍କୁ ପରିବେଶ ବନ୍ଧୁ ହେବା ନିମନ୍ତେ ପ୍ରବର୍ତ୍ତାଇଥିଲେ।

ଅନୁଷ୍ଠାନର ଅଧ୍ୟକ୍ଷ ଡଃ. ତ୍ରିବିକ୍ରମ ଷଡଙ୍ଗୀ ବୁଦ୍ଧ ଓ ଚରକଙ୍କ ଉଦାହରଣ ଛଳରେ ସଚେତନତା ସୃଷ୍ଟି ଦିଗରେ ଉଦାହରଣ ପ୍ରଦାନ ସହ ସାକ୍ଷର ସଚେତନ ସୁସ୍ଥ ପରିବେଶଣ ସମ୍ଭାବନାକୁ ଆଗେଇ ନେବା ଉପରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପାଧ୍ୟକ୍ଷ ଡଃ. ରୁଦ୍ର ମୋହନ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ଉପସ୍ଥିତ ସମସ୍ତ ଧରିତ୍ରୀ ମା' ଉପରେ ହାତରଖି ଶପଥପାଠ କରିବା ସହ 'ପରିବେଶ ସୁରକ୍ଷା ଜୀବନ ରକ୍ଷା' ସ୍ଲୋଗାନ ଦେଇଥିଲେ।

# ଓଡ଼ିଶା ଉଠା ଜଳସେଚନ ନିଗମର ସମୀକ୍ଷା ବୈଠକ

**ଭୁବନେଶ୍ୱର,୯।୪/ଏନ୍‌ଏନ୍‌ଏସ୍:** ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଉଠା ଜଳସେଚନ ନିଗମର କାର୍ଯ୍ୟକଳାପକୁ ନେଇ ଜଳସମ୍ପଦ ବିଭାଗର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଜଳସେଚନ ବ୍ୟବସ୍ଥାର ଅଗ୍ରଗତି ଓ ଆଗାମୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏଥିରେ ନିଗମର ପରିଚାଳନା ନିର୍ଦ୍ଦେଶକ ବିଚିତ୍ର କୁମାର ସାମଲ, ଅତିରିକ୍ତ ଶାସନ ସଚିବ ଲିନା କୁମାରୀ ସେସ୍ ଏବଂ ସମସ୍ତ ଜିଲ୍ଲାର ଉଠାଜଳସେଚନ ଅଧିକାରୀ ଉପସ୍ଥିତ ରହି କ୍ଷେତ୍ରସ୍ତରୀୟ ତଥ୍ୟ ପ୍ରଦାନ କରିଥିଲେ। ବୈଠକରେ ଉଭୟ ରବି ଓ ଖରିଫ ଋତୁରେ ଚାଷଜମିକୁ ପର୍ଯ୍ୟାପ୍ତ ଜଳସେଚନ ପାଇଁ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ଉପରେ ଆଲୋଚନା ହୋଇଥିଲା। ଏଥି ନିମନ୍ତେ ଅଚଳ ହୋଇ ପଡ଼ିରହିଥିବା ଗୋଷ୍ଠୀ ଭିତ୍ତିକ ଉଠା ଜଳସେଚନ ପ୍ରକଳ୍ପ, ପାରମ୍ପରିକ ଓ ସୌରଶକ୍ତି ଚାଳିତ ଗଭୀର ନଳକୂପ ଏବଂ ଅଗଭୀର ନଳକୂପଗୁଡ଼ିକର ପୁନରୁଦ୍ଧାର ସମ୍ପର୍କରେ ବୈଠକରେ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଅନୁଦାନର ସଠିକ୍ ବିନିଯୋଗ ତଥା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ମାସିକ ଭିତ୍ତିକ ବ୍ୟୟ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରକଳ୍ପଗୁଡ଼ିକର ସଠିକ୍ ପରିଚାଳନା ଏବଂ ପ୍ରକୃତ ସମୟର ଅଗ୍ରଗତି ଅନୁଧ୍ୟାନ କରିବା ପାଇଁ ଏକ ସୁଦୃଢ଼ ଅନଲାଇନ୍ ଡାଟାବେସ୍ ପ୍ରସ୍ତୁତ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ନିତିଦିନ NITIDIN

## ମା' ବିଶେଶ୍ୱରୀଙ୍କ ଝାମୁ ଯାତ୍ରା

**ନୟାହାଟ,୯।୪/ଏନ୍ଏନ୍ଏସ୍:** ନୟାହାଟରେ ଥିବା ମା' ବିଶେଶ୍ୱରୀଙ୍କ ଝାମୁ ଯାତ୍ରା ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୨ ଗାଦି ଦୋଳ ବାରିହାଟ ମେଲଣ ପଡ଼ିଆରେ ଭୋଗ ଖାଇସାରିବା ପରେ ଘଣ୍ଟ ପାଟୁଆ ମାନେ ନିକଟସ୍ଥ ପ୍ରାଚୀ ନଦୀରୁ ଘଣ୍ଟତୋଳା ତୁଠରୁ ପାଣି ଆଣି ଖାଲି ପାଦରେ ଚାଲି ଚାଲି ଆସି ମା'ଙ୍କ ନିକଟରେ ପହଞ୍ଚି ଧାଇରେ ଅଙ୍ଗାରରେ ନିଆଁ ଲଗାଯାଇ ଖାଲି ପାଦରେ ଘଣ୍ଟ ପାଟୁଆ ନିଆଁରେ ଚାଲିଥିଲେ । ଏହାକୁ ଦେଖିବା ପାଇଁ ବହୁ ଜନସମାଗମ ହୋଇଥିଲା । ବିଚିତ୍ରା ନନ୍ଦ ପାତ୍ର, ବିପିନୀ ରୟ, କୈଳାସ ରାଉତ, ବାବୁ ମିଶ୍ର ପ୍ରମୁଖଙ୍କ ଉଦ୍ୟମରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା ।

# ଆମ ଜିଲ୍ଲା

## ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ



**ବୟାଳିଶମୌଜା,୯।୪/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ବୟାଳିଶମୌଜା ସ୍ଥିତ ସୁଦର୍ଶନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସୁଦର୍ଶନ ଦେବତାଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତି ଚାରଣ ସହ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି । କାର୍ଯ୍ୟକ୍ରମରେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ୍ୱର ଦାଶ, କଲେଜର ପୂର୍ବତନ ପ୍ରାଧ୍ୟାପକ ବିଜୟ କୁମାର ପାତ୍ର, ଅଧ୍ୟାପକ ସତ୍ୟରଞ୍ଜନ ରାୟ, ପ୍ରାକ୍ତନ ଛାତ୍ର ସଞ୍ଜୟ କୁମାର ବେହେରା, ଅଧ୍ୟାପିକା ଡ଼ଃ ସୁଚିସ୍ମିତା ବିଶ୍ୱଚିରାୟ, ଡ଼ଃ ସଙ୍ଘମିତ୍ରା ବିଶ୍ୱାଳ, ଅଧ୍ୟାପକ ବିରଞ୍ଚି କୁମାର ମହାପାତ୍ର, ଅଧ୍ୟାପିକା ରୁପାନନ୍ଦା କାନୁନଗୋ, ସୁପ୍ରିୟା ସାହୁ, ଦିପ୍ତିମୟୀ ଦାଶ, ଜ୍ୟୋତିର୍ମୟୀ ନାୟକ ତଥା ମହାବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ମାନେ ୪୨ ମୌଜାରେ ଶିକ୍ଷାର ଆଲୋକ ବର୍ତ୍ତିକା ଜଳାଇ ଥିବା ଏହି ପୂଜ୍ୟ ବରେଣ୍ୟ ସୁଦର୍ଶନ ଦେବତାଙ୍କ ଅମର ଆତ୍ମାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ଫୁଲନଖରା,୯।୪/ଏନ୍ଏନ୍ଏସ୍:** ସିଏମସି ୫୬ନମ୍ବର ୱାର୍ଡ଼ ଅନ୍ତର୍ଗତ କାଳିପାଟଣାରେ ଥିବା ସିଦ୍ଧି ବିନାୟକ ମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ଓ ବିଶ୍ୱ ଶାନ୍ତି ମହାଯଜ୍ଞ ଉପଲକ୍ଷେ ଏକ କଳସ ଯାତ୍ରା କର୍ତ୍ତା ଜିତେନ୍ଦ୍ର ବେଉରା ଓ ପ୍ରଣତୀ ବେଉରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଶତାଧିକ ଶ୍ରଦ୍ଧାଳୁ କାଠଯୋଡ଼ି ନଦୀରୁ ଜଳ କଳସ ଧାରଣ ପୂର୍ବକ ଶୋଭାଯାତ୍ରାରେ ଯାଇ ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ । ହରିବୋଲ ହୁଳହୁଳିରେ ଅଞ୍ଚଳ ମୁଖରିତ ହୋଇଥିଲା । ହୃଦାନନ୍ଦ ସ୍ୱାଇଁ, ସୁଲୟ ମହାନ୍ତି, ପ୍ରଭାତ ଦାସ, ନିଲୁ ସ୍ୱାଇଁ, ସୁବାସ ସ୍ୱାଇଁ, ଶିବପ୍ରସାଦ ମହାନ୍ତି, ବୈଦ୍ୟନାଥ ସାହୁ, ମହେଶ ମୁଦୁଲି, ଲଲୁ ସ୍ୱାଇଁ, ମନୋଜ ବେଉରା, ଧନୁଜ ବେଉରା ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଛନ୍ତି ।

## ମନଇଚ୍ଛା ବିଦ୍ୟୁତ୍ କାଟ୍, ସାଧାରଣରେ ଅସନ୍ତୋଷ

**କଣ୍ଟିଲୋ,୯।୪/ଏନ୍ଏନ୍ଏସ୍:** ସମ୍ପ୍ରତି ଚଳିତ ବର୍ଷ ରାଜ୍ୟରେ ବିଦ୍ୟୁତ୍ କାଟ ହେବ ନାହିଁ ବୋଲି ସରକାର ବାରମ୍ବାର ଘୋଷଣା କରି ସର୍ବ ସାଧାରଣ ଜନତାଙ୍କୁ ଆଶ୍ୱାସନା ଦେଉଥିବା ବେଳେ ଟିପିସିଓଡିଏଲ (ଟାଟା ପାୱାର କମ୍ପାନୀ)ର ନୟାଗଡ଼, ଖଣ୍ଡପଡ଼ା ଓ କଣ୍ଟିଲୋରେ କାର୍ଯ୍ୟରତ କର୍ମଚାରୀ, ଯନ୍ତ୍ରୀ, ଏସଡିଓ, ଏକଜ୍ୟୁଟିଭ ଇଂଜିନିୟରମାନଙ୍କର ମନମାନି ନୀତି ଯୋଗୁ ବାରମ୍ବାର ଅଘୋଷିତ ବିଜୁଳି କାଟ୍ ଚାଲିଛି । ଯାହା ଫଳରେ ସାଧାରଣ ଛୋଟ ଛୋଟ ଛୁଆ ପିଲା, ରୋଗୀ, ବୃଦ୍ଧ ବୃଦ୍ଧା, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ବହୁ ହଇରାଣ ଓ ହୀନସ୍ତା ହୋଇ ଯନ୍ତ୍ରଣା ଭୋଗୁଥିବା ଅଭିଯୋଗ ହେଉଛି । ସୂଚନାରୁ ପ୍ରକାଶ ଯେ, ଗତ ୪ ତାରିଖରୁ ୮ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ଯୋଗୁ ଅପରାହ୍ନ ଦୁଇଟାରୁ ରାତ୍ର ସାଢ଼େ ନ ଘଣ୍ଟା କିମ୍ୱା ଦଶ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍‌କାଟ କରାଯାଇଥିଲା । ମାତ୍ର ପୁଣି ରାତ୍ର ୧୨ଘଟିକା ପରେ ବିଦ୍ୟୁତ୍ କାଟ୍ କରି ସକାଳ ୬ରୁ ୭ଟାରେ ବିଦ୍ୟୁତ୍ ଆସିଥିଲା । ମନଇଚ୍ଛାରେ ସକାଳ ୧୨ଟା ମଧ୍ୟରେ ଥରକୁ ଥର ଲୁଚକାଳି ଖେଳ ଭଳି ୪/୫ ଥର ବିଦ୍ୟୁତ୍ କାଟ କରିଚାଲିଥାନ୍ତି । ଅଥଚ ଏହି ବିଗତ ୫ ଦିନର ପରିସଂଖ୍ୟାନ ଅନୁସାରେ ନୟାଗଡ଼, ଖଣ୍ଡପଡ଼ା ଓ ଗଣିଆ ଅଞ୍ଚଳରେ ଲଗାତାର ଭାବେ ବିଦ୍ୟୁତ୍ ଥିବା ବେଳେ କଣ୍ଟିଲୋରେ ଅନ୍ଧାର । ମଙ୍ଗଳବାର, ବୁଧବାର ଓ ଗୁରୁବାର ପର୍ଯ୍ୟନ୍ତ ତିନି ଦିନ କଣ୍ଟିଲୋ ଅଞ୍ଚଳରେ କୌଣସି ମେଘ ପବନ ବର୍ଷା ନଥାଇ ଭୀଷଣ ଖରା ହେଉଥିବା ବେଳେ ମଧ୍ୟ ଅପରାହ୍ନ ୨ଟାରୁ ରାତ୍ର ୯ ଘଣ୍ଟା ପର୍ଯ୍ୟନ୍ତ ଓ ପୁଣି ରାତ୍ର ୧୨ ଘଣ୍ଟାରୁ ସକାଳ ୬ ରୁ ୭ ଟା ପର୍ଯ୍ୟନ୍ତ ବିଜୁଳି କାଟ୍ ଚାଲିଛି । ଦିନରେ କେତେଥର ଅଘୋଷିତ ବିଜୁଳିକାଟ୍ କରାଯିବ ତା'ର ପ୍ରାରମ୍ଭିକ ସୂଚନା ଦିଆଯାଉ ନାହିଁ । ବାରମ୍ବାର ଲୁଚକାଳି ଖେଳ ଭଳି ବିଦ୍ୟୁତ୍ କାଟିବା ନେଇ ସାଧାରଣ ଲୋକେ ଅତିଷ୍ଠ ହୋଇପଡ଼ିଲେଣି । ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଧିକ୍ଷଣ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ କେହି ଶୁଣୁ ନାହାନ୍ତି । ଏଭଳି ପରିସ୍ଥିତିରେ ଟାଟା କମ୍ପାନୀ ବିରୁଦ୍ଧରେ ନୟାଗଡ଼ ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ ଓ ରାଜ୍ୟ ସରକାର ସର୍ବସାଧାରଣ ଜନତାଙ୍କ ସେବା ପାଇଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## କବିତା ପାଠୋତ୍ସବ ଓ ସାହିତ୍ୟ ଆଲୋଚନାଚକ୍ର

**ଡେଲାଙ୍ଗ,୯।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କବିତା ପାଠୋତ୍ସବ ଓ ସାହିତ୍ୟ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଓଡିଆ ପକ୍ଷ ପାଳନ ଅବସରରେ ପ୍ରଧାନ ଶିକ୍ଷକ ଅଭୟଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ମଣ୍ଡଳ ଉନ୍ନୟନ ଅଧିକାରୀ ସମୀର ବେହେରା, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ନୀଳଶୈଳ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଓଡିଆ କବିତା ପାଠ, ସାହିତ୍ୟକୁ ଉଜ୍ଜିବତ ରଖିବା ପାଇଁ ଅବଦାନ ଥିବା ସାହିତ୍ୟରଥିଙ୍କ ସମ୍ପର୍କରେ ବିଶେଷ ଆଲୋକ ପାତ କରିଥିଲେ । ସାହିତ୍ୟିକ କାଶିନାଥ ମହାପାତ୍ର, ଶିକ୍ଷାବିତ୍ ସନ୍ତୋଷ କୁମାର ମହାନ୍ତି, ଗାନ୍ଧୀତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ୍, କବି ପ୍ରଭାତ କୁମାର ସେଠୀ, ସୁଦର୍ଶନ ପ୍ରଧାନ, କବୟିତ୍ରୀ ଜ୍ୟୋସ୍ନାରାଣୀ ସ୍ୱାଇଁ, କବି ରୋହିତ ଚମ୍ପତି, ଜିତେନ୍ଦ୍ର ପ୍ରଧାନ, ନମିତା ସ୍ୱାଇଁ , ଗଣେଷ ପ୍ରଶାଦ ବାରିକ୍ ପ୍ରମୁଖ ଓଡିଆ ଅସ୍ମିତା, ଭାଷା, ସାହିତ୍ୟ, ସଂସ୍କୃତିକୁ ନେଇ କବିତା ପାଠ କରିବା ସହିତ ଓଡିଆ ଭାଷାର ଉନ୍ନିତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ଅଜୟ ବଳିୟାରସିଂହ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରଜ୍ଞାପରିମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ ।

# ପ୍ରସିଦ୍ଧ ଅନଙ୍ଗ ରାମଲୀଳାରେ 'ଲଙ୍କାପୋଡ଼ି'

**ବୋଲଗଡ଼,୯।୪/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକର ସାଂସ୍କୃତିକ ପ୍ରାଣକେନ୍ଦ୍ର ଚମ୍ପାଇଲୋ,କପାସିଆ ଓ ବାଙ୍କୋଇ ଆଦି ଗ୍ରାମରେ ପାରମ୍ପରିକ ରାମଲୀଳା ମହୋତ୍ସବ ଅତ୍ୟନ୍ତ ଭାବପୂର୍ଣ୍ଣ ସହକାରେ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ଚମ୍ପାଇଲୋର ପ୍ରସିଦ୍ଧ 'ଅନଙ୍ଗ ଭଣତି ରାମଲୀଳା'ରେ ମଙ୍ଗଳବାର ରାତିରେ 'ସୀତା ଚୋରି' ପ୍ରସଙ୍ଗ ମଞ୍ଚସ୍ଥ ହୋଇଥିବା ବେଳେ କପାସିଆ ଗ୍ରାମରେ 'ଲଙ୍କାପୋଡ଼ି' ଦୃଶ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।ଚମ୍ପାଇଲୋ ଠାରେ ବିଶିଷ୍ଟ ପୋଥି ଗାୟକ ତଥା ଶିକ୍ଷାବିତ୍ ଅଇଁଠା ରଣସିଂହ ଓ ସାଥିଙ୍କ ଦ୍ୱାରା ଅନଙ୍ଗ ନରେନ୍ଦ୍ରଙ୍କ କୃତ ତାଳପତ୍ର ପୋଥିରୁ ଶ୍ରୀରାମଙ୍କ ବନବାସ,ସେତୁବନ୍ଧ ପ୍ରତିଷ୍ଠା ଓ ସୂର୍ପଣଖା ନାସିକା ଛେଦନ ପ୍ରସଙ୍ଗ ପୂର୍ବ ରଜନୀ ମାନଙ୍କରେ ଗାନ କରାଯାଇଥିଲା । ରାତ୍ରିରେ କଳାକାରମାନଙ୍କ ଦ୍ୱାରା ସୀତା ହରଣର କରୁଣ ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା । ମାୟାବୀ ରାବଣର କପଟତା,ସୁନା ମାୟା ମିରିଗ ଲୋଭରେ ସୀତାଙ୍କ ଦୃଷ୍ଟି ପଡ଼ିବା ଏବଂ ପରବର୍ତ୍ତୀ ସମୟରେ ପକ୍ଷୀରାଜ ଜଟାୟୁଙ୍କ ବୀରତ୍ୱପୂର୍ଣ୍ଣ ସଂଗ୍ରାମ ଓ ମୃତ୍ୟୁର ଦୃଶ୍ୟକୁ ବରିଷ୍ଠ କଳାକାର କାଳିଆ ମୁଦୁଲି,ଶୁଭ ରାଉତରାୟ, ଟୁମୁଣି ଉତ୍ତରାୟ, କେଦାର ବରାଡ଼ ଏବଂ ଭୋଳା ମୁଦୁଲି ଅତି ନିଖୁଣ ଭାବେ ଅଭିନୟ ପ୍ରତିପାଦନ କରିଥିଲେ । ଏହି ସୀତା ହରଣ ପ୍ରସଙ୍ଗ ମାଧ୍ୟମରେ ସମାଜକୁ ଏକ ବଡ଼ ଶିକ୍ଷା ମିଳିଥିଲା ଯେ, ବାହ୍ୟ ଚିକ୍କଣ ଓ ମାୟା (ସୁନା ମିରିଗ) ପଛରେ ଦୌଡ଼ିଲେ ମଣିଷକୁ କିଭଳି ବିପଦ ଓ କ୍ଷତି ସହିବାକୁ ପଡ଼େ । ସମସ୍ତ ପରିସ୍ଥିତିରେ ବିବେକ ସହ ନିଷ୍ପତ୍ତି ନେବା ଏବଂ ଅଧର୍ମ ବିରୁଦ୍ଧରେ ଜଟାୟୁଙ୍କ ଭଳି ସାହସ ଦେଖାଇବା ହିଁ ପ୍ରକୃତ ମାନବିକତା ବୋଲି ଦର୍ଶକ ଅନୁଭବ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବାବୁ ପାଲଟାସିଂହ, ଦୀପକ ଜେନା, ନକୁଳ ରଣସିଂହ ଓ ଜଗନ୍ ସାମନ୍ତ ରୂପସା କରିଥିବା ବେଳେ ମଞ୍ଚଗୁରୁ ବାନାମ୍ବର ଜଗଦେବ ଓ ସୁଶାନ୍ତ ମଉଗଜସିଂହ ସଂଯୋଜନା କରିଥିଲେ । ୱାର୍ଡସଭ୍ୟ ଆନନ୍ଦ ସାମନ୍ତରାୟ ଓ ଗୌତମ ଜେନା ସମସ୍ତ ପରିଚାଳନା ଦାୟିତ୍ୱ ସୁଚାରୁ ରୂପେ ନିଭାଇଥିଲେ । ସେହିପରି କପାସିଆ ଗ୍ରାମରେ ପୋଥିଗାୟକ ନିରଞ୍ଜନ ଦାଶ ଏବଂ ମଞ୍ଚଗୁରୁ ଜୟକୃଷ୍ଣ ସାମନ୍ତରାୟ, ଲକ୍ଷ୍ମୀଧର ମହାପାତ୍ର ଓ ସୁନିଲ ବିଶ୍ୱାଳଙ୍କ ପରିଚାଳନାରେ ରାମଲୀଳା ସମ୍ପନ୍ନ ହୋଇଛି । ହନୁମାନ ଭୂମିକାରେ ଚଗଲା ବିଶ୍ୱାଳ,ରାବଣ ଭୂମିକାରେ କୃପାସିନ୍ଧୁ ବିଶ୍ୱାଳ ଏବଂ ଲଙ୍କଦେବୀ ଭୂମିକାରେ ଜିତେନ୍ଦ୍ର ମହାପାତ୍ର ନିଜର ଚମତ୍କାର ଅଭିନୟ ମାଧ୍ୟମରେ 'ଲଙ୍କାପୋଡ଼ି' ଦୃଶ୍ୟକୁ ଜୀବନ୍ତ କରିଥିଲେ ।



## ସଙ୍ଗୀତଧାରା ଭକ୍ତି ସଙ୍ଗୀତ ପ୍ରତିଯୋଗିତାର ଅଡିସନ୍

**ନୟାଗଡ଼,୯।୪/ଏନ୍ଏନ୍ଏସ୍:** ନୟାଗଡ଼ର ଅଗ୍ରଣୀ ଅନୁଷ୍ଠାନ ସଙ୍ଗୀତଧାରା ପକ୍ଷରୁ ଆୟୋଜିତ ସିଜିନ୍-୩ ଭକ୍ତି ସଙ୍ଗୀତ ପ୍ରତିଯୋଗିତାର ରଣପୁର ବ୍ଲକ ଅଡିସନ ଆସନ୍ତା ୧୧ ତାରିଖ ଶନିବାର ଦିନ ଯୁକ୍ତ ଦୁଇ କଲେଜ(ନୂଆଗାଁ ଉଚ୍ଚ ମାଧମିକ ବିଦ୍ୟାଳୟ) ପରିସରରେ ଅନୁଷ୍ଠିତ ହେବ । ଏ ନେଇ ସଙ୍ଗୀତଧାରା ସମ୍ପାଦକ ତଥା କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ଥିବା ଲୁକ୍କାୟିତ ସଙ୍ଗୀତ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ 'ସଙ୍ଗୀତଧାରା' ପକ୍ଷରୁ ଜିଲ୍ଲାସ୍ତରୀୟ ଭକ୍ତିସଙ୍ଗୀତ ପ୍ରତିଯୋଗିତା ଜିଲ୍ଲାର ସମସ୍ତ ବ୍ଲକରେ ଅନୁଷ୍ଠିତ ହେଉଛି ।

ଏହି ପରିପ୍ରେକ୍ଷୀରେ ଆସନ୍ତା ରବିବାର ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ବିନା ବାଦ୍ୟଯନ୍ତ୍ରରେ ପ୍ରତିଯୋଗୀମାନଙ୍କ ଅଡିସନ ନିଆଯିବ । ୧୪ରୁ ୨୪ବର୍ଷ ବୟସର ଉଭୟ ପୁଅ ଝିଅ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ । ପ୍ରତିଯୋଗୀମାନେ ସକାଳ ସାଢ଼େ ୧୦ଟାରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ନାମ ପଞ୍ଜିକରଣ କରିବେ । ସଙ୍ଗୀତଧାରା ନିଷ୍ପତ୍ତି ଅନୁଯାୟୀ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ 'ନୟାଗଡ଼ ସଙ୍ଗୀତ କଲ୍ଲୋଳ' ଉପାଧି ସହିତ ନଗଦ ୧୧ ହଜାର ଟଙ୍କା ପୁରସ୍କାର ଅର୍ଥରାଶି ଏବଂ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ଯଥାକ୍ରମେ ୫ ହଜାର ଏବଂ ୩ ହଜାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି ।

## ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ 'ଆସ ବହିଟିଏ କିଣିବା ଦିବସ'



**ଓଡ଼ଗାଁ,୯।୪/ଏନ୍ଏନ୍ଏସ୍:** ଉତ୍କଳ ଦିବସ ଅବସରରେ ଆରମ୍ଭ ହୋଇଥିବା ଓଡିଆପକ୍ଷ ପାଳନର ଅଂଶରୂପେ ସ୍ଥାନୀୟ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ଗୁରୁବାର ନବମ ଦିବସକୁ 'ଆସ ବହିଟିଏ କିଣିବା ଦିବସ' ଭାବେ ପାଳନ କରାଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରାଜକିଶୋର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବହି ପଠନର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ 'ପଠତୋ ନାସ୍ତି ମୂର୍ଖତା' ବାକ୍ୟର ମର୍ମକୁ ବିସ୍ତାରିତ ଭାବରେ ଉପସ୍ଥାପନକରି ବିଦ୍ୟାର୍ଥୀମାନଙ୍କୁ ନିୟମିତ ପଠନପ୍ରତି ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ବିଜୟାନନ୍ଦ ଶତପଥୀ ସୁଚାରୁ ଭାବରେ ସଂଯୋଜନା କରିଥିବାବେଳେ ରାଜନୀତି ବିଜ୍ଞାନ ଅଧ୍ୟାପକ ଅବନୀକାନ୍ତ ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିବା ଜଣାପଡ଼ିଛି । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପଠନ ଅଭିରୁଚି ବୃଦ୍ଧିପାଇଁ ବହି କ୍ରୟର ଗୁରୁତ୍ୱ ଉପରେ ବିଶେଷ ଦୃଷ୍ଟି ଦିଆଯାଇଥିଲା ।

## ରାଜଯୋଗିନୀ ରତନମୋହିନୀ ଦାଦୀଙ୍କ ସ୍ମୃତି ସଭା



**ଖୋର୍ଦ୍ଧା,୯।୪/ଏନ୍ଏନ୍ଏସ୍:** ଗୁରୁବାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମଗ୍ର ବିଶ୍ୱରେ ୧୪୦ ଗୋଟି ଦେଶରେ ଈଶ୍ୱରୀୟ ଜ୍ଞାନର ପ୍ରସାର କରିଥିବା ଏହି ସଂସ୍ଥାର ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦୀ ରତନମୋହିନୀଙ୍କର ପ୍ରଥମ ପୁଣ୍ୟ ତିଥିର ସ୍ମୃତି ଚାରଣ ସଭା ଆଜି ଖୋର୍ଦ୍ଧା ସହରର ଗୋଡିପୋଖରୀ ଠାରେ ଅବସ୍ଥିତ ବ୍ରହ୍ମା କୁମାରୀ ସେବା କେନ୍ଦ୍ର ପରିସରରେ ପାଳନ କରାଯାଇ ଥିଲା । ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ସହରର ଉପକଣ୍ଠରେ ଅଁନପୁରଠାରେ ଥିବା ୬ଷ୍ଠ ଭାରତ ରିଜର୍ଭ ବାଟାଲିୟନର କମାଣ୍ଡାଣ୍ଟ ଶ୍ରୀଯୁକ୍ତ ବସନ୍ତ କୁମାର ନାୟକ ଯୋଗ ଦାନ କରି ଦାଦୀଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସମସ୍ତଙ୍କୁ କହିଥିଲେ । ବ୍ରହ୍ମା କୁମାର ଜୟକୃଷ୍ଣ ଭାଇ ଦାଦୀଙ୍କର ସଙ୍ଗର ଅନୁଭବ ଶୁଣାଇ ମଞ୍ଚ ପରିଚାଳନା କରିଥିଲେ । ବିଭିନ୍ନ ବ୍ରହ୍ମା କୁମାରୀ ପାଠଶାଳାରୁ ଶତାଧିକ ଭାଇଭଉଣୀ ଏଥିରେ ଯୋଗଦାନ କରିଥିଲେ ଏବଂ ଦାଦୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ ।

## ଗତିଶ୍ୱର ମହାଦେବଙ୍କ ୧୫୬ ପାଟଦଣ୍ଡ ଉତ୍ସବ

**ଖଣ୍ଡପଡ଼ା,୯।୪/ଏନ୍ଏନ୍ଏସ୍:** ଖଣ୍ଡପଡା ବ୍ଲକ ଅଧୀନ କାଦୁଆ ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀ ଗତିଶ୍ୱର ମହାଦେବଙ୍କ ପୀଠରେ ୧୫୬ ମୁଠା ପାଟଦଣ୍ଡ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । କାଦୁଆ, ମାଧବେରେଣୀ,ସରପୋଖରୀ, କୁଞ୍ଜବେଲୀ, ଗଡିଆସାହି, ଗୋଛାବାରୀ, ପଥରଗଣ୍ଡ, ଖୁଣ୍ଟୁବନ୍ଧ, ସିଙ୍ଘାପଡା ଆଦି ୨୮ ଖଣ୍ଡ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ୧୫୬ ମୁଠା ଦଣ୍ଡପର୍ବକୁ ଉପଭୋଗ କରିବା ନିମନ୍ତେ ମନ୍ଦିର ନିକଟରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଅପରାହ୍ନରେ ମାନସିକଧାରୀ ଦଣ୍ଡୁଆମାନେ ପୁଷ୍କରିଣୀରେ ସ୍ନାନ କରିବା ସହ ଦଣ୍ଡ ଠାକୁରଙ୍କୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ ।ପରେ ଦଣ୍ଡୁଆମାନେ ଗତିଶ୍ୱର ଦେବଙ୍କ ମନ୍ଦିର ବେଢ଼ା ପରିକ୍ରମା କରିବା ପରେ ଗ୍ରାମ ପରିକ୍ରମା କରିଥିଲେ । ବିଗ୍ରହଙ୍କ ଗ୍ରାମ ପରିକ୍ରମା ସମୟରେ ପ୍ରତ୍ୟେକ ଦୁଆରେ ନୂତନ କଳସ ସ୍ଥାପନ, ଦୀପ ପ୍ରଜ୍ୱଳନ ସହ ଭୋଗ ଲାଗି କରାଯାଇଥିଲା । ପ୍ରଭୁଙ୍କ ୧୫୬ ମୁଠା ଦଣ୍ଡ ପର୍ବ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ବିଳମ୍ବିତ ରାତିରେ ଦଣ୍ଡ ଠାକୁର କୋଠିକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି । ସେହିପରି ବେଣାଗାଡିଆ ଗ୍ରାମସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଜିଉଙ୍କ ମନ୍ଦିରରେ ମଧ୍ୟ ୧୫୬ ମୁଠା ଦଣ୍ଡ ପର୍ବ ପାଳିତ ହୋଇଯାଇଛି ।

## ଓକିଲ ସଂଘର ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ



**ଆଠଗଡ଼,୯।୪/ଏନ୍ଏନ୍ଏସ୍:** ଆଠଗଡ ଓକିଲ ସଂଘର ନୂତନ ନିର୍ବାଚିତ କର୍ମକର୍ତ୍ତା ମାନଙ୍କ ଶପଥ ଗ୍ରହଣ ସମାରୋହ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବି ପ୍ରାଣକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ । ସେ ଦେଶରେ ଚାଲୁଥିବା ଏସ୍ଆଇଆର୍‌ର କାର୍ଯ୍ୟଧାରାକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ଆପତ୍ତି ଉଠାଇଥିଲେ ଏବଂ ବୁଦ୍ଧିଜୀବୀମାନେ ବିଶେଷ କରି ଆଇନଜୀବୀମାନେ ଏହି ନିଷ୍ପତ୍ତି ବିରୋଧରେ କେନ୍ଦ୍ର ସରକାରଙ୍କୁ ବିରୋଧ କରିବା ଉଚିତ୍ ବୋଲି ମତ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଡକ୍ଟର ନାରାୟଣ ପଣ୍ଡା ଓ ଆଠଗଡ ନଗରପାଳ ସସ୍ମିତା ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଓକିଲ ସଂଘ ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିବା ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରି ଶପଥ ପାଠ କରାଇଥିଲେ । ସଭାପତି ଭାବେ ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନବିହାରୀ ସାହୁ, କୋଷାଧ୍ୟକ୍ଷ ଶ୍ରୀନିବାସ ଦାସ, ଉପସଭାପତି ସୁବାଷଚନ୍ଦ୍ର ସାହୁ, ସହ ସମ୍ପାଦକ ସୁପ୍ରଭା ଦୋରା, ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ନାୟକ ଓ କାର୍ଯ୍ୟକାରୀ କମିଟି ସଭ୍ୟା ଦିପାଳି ଦାସ ଶପଥ ନେଇଥିଲେ । ଏକ ଆମିନିଟି ସେଣ୍ଟର୍ ନିର୍ମାଣ ପାଇଁ ଆଠଗଡ ଓକିଲ ସଂଘ କରିଥିବା ଦାବି ଅନୁଯାୟୀ ବିଧାୟକ ହାତପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅନୁଦାନ ବିଧାୟକ ଶ୍ରୀ ସ୍ୱାଇଁ କରିଥିଲେ । ସମସ୍ତ ନବ ନିର୍ବାଚିତ ପଦାଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଆଇନଜୀବୀ ବିଷ୍ଣୁଚରଣ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ।

## ଦଣ୍ଡପର୍ବରେ ଗାଁ ଦାଣ୍ଡ ଉତ୍ସବ ମୁଖର

**ବୋଲଗଡ଼,୯।୪/ଏନ୍ଏନ୍ଏସ୍:** ହିନ୍ଦୁ ଧର୍ମ ବାର ମାସରେ ତେର ପର୍ବକୁ ଆବାହନୀ କାଳରୁ ଜାବୁଡ଼ି ଧରିଛି ।ଏହି ତେର ପର୍ବ ମଧ୍ୟରୁ ଦଣ୍ଡ ପର୍ବ ନିଆରା ତଥା ବେଶ ଅନ୍ୟତମ ।ଦଣ୍ଡ ପର୍ବ ୧୩ଜଣ ଋଷି ମାନଙ୍କୁ ନେଇ ହୋଇଥିବାର ପୁରାଣ ବର୍ଣ୍ଣିତ ହୋଇଛି । ତେବେ ସେ ଯାହା ହେଉନା କାହିଁକି ଏହି ପର୍ବ ଏକ ନିଷ୍ଠାର ପର୍ବ ଦଣ୍ଡ ଭାବେ ସମାଜରେ ସର୍ବମାନ୍ୟ । ସାଧାରଣତଃ ଚୈତ୍ର ମାସରେ ୧୩ ଭଗତାଙ୍କୁ ନେଇ ପାଞ୍ଜି ଗଣନା ମୁତାବକ ଭଗତାଙ୍କୁ ନେଇ ୭, ୧୩, ୧୭ ଓ ୨୧ଦିନିଆ ପାଣି ତୋଳା ଯାଇ ଯାତ୍ରା ଆରମ୍ଭ ଓ ପଣା ସଂକ୍ରାନ୍ତି ତିଥିରେ ଏହାର ଅନ୍ତ ହେବାର ବିଶେଷ ବିଧି ରହିଛି । ତେବେ ଏହି ପର୍ବରେ ଦଣ୍ଡ ଠାକୁର ଗାଁ ବୁଲିବା ସହ କାଳୀପ୍ରଭାଙ୍କୁ ସାଥିରେ ରାତ୍ରିରେ ସୁଆଙ୍ଗ ନାଚ ପରିବେଷଣ କରି ଥାଆନ୍ତି ଓ ପ୍ରତ୍ୟେକ ଦ୍ୱାର ଦ୍ୱାରରେ ଝୁଣା ହକ ଦେବା ଓ ଏହାର ବାସ୍ନା ସହ ପରିବେଶର ଆଧାତ୍ମିକ ଚେତନାକୁ ଦ୍ୱିଗୁଣିତ କରିବାରେ ବେଶ ସହାୟକ ହୋଇଥାଏ । ଏତଦ୍ ସହ ଅନେକ ଭକ୍ତ ମନସ୍କାମନା ପୂରଣ ନିମନ୍ତେ ଠାକୁର କାଳୀରୁଦ୍ରଙ୍କ ନିକଟରେ ମାନସିକ ରଖି 'ଦଣ୍ଡପୁଜା' କରି ନିଜର ମନସ୍କାମନା ପୂରଣ କରିଥାନ୍ତି । ଏହି ଦଣ୍ଡ ଯାତ୍ରା ସାର୍ବଜନିନ ଭାବେ ଓଡ଼ିଶାର ସମସ୍ତ ପୁରପଲ୍ଲୀରେ ଆଦୃତ ହୋଇଥାଏ ।

## ଓଡ଼ିଆ ନବବର୍ଷ ପାଳନ ପ୍ରସ୍ତୁତି

**ଚାରିଛକ,୯।୪/ଏନ୍ଏନ୍ଏସ୍:** ନିମାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୧ନଂ ଜୋନ ଚାରିଛକ ଏକାନ୍ତ ଆଶ୍ରମ ପରିସରରେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଂଜନ ଦାଶଙ୍କ ନେତୃତ୍ୱରେ ଆସନ୍ତା ୧୪ ତାରିଖ ଓଡିଆ ନବବର୍ଷ ପଣାସଂକ୍ରାନ୍ତି ପାଳନ ନିମନ୍ତେ ଏକ ପ୍ରସ୍ତୁତୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତଦିନ ଚାରିଛକ ବିଶିମାତ୍ରୀସ୍ଥିତ ବାଟ ମହାବୀର ମନ୍ଦିର ଠାରୁ କର୍ମୀମାନଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରା ବାହାରୀ ଚାରିଛକ ବଜାର ଦେଇ ବ୍ରହ୍ମକୁଣ୍ଡି ବ୍ରହ୍ମେଶ୍ୱରଙ୍କ ମନ୍ଦିର ନିକଟରେ ପହଞ୍ଚିବ ବୋଲି ସୂଚନା ମିଳିଛି । ଉକ୍ତ ଶୋଭାଯାତ୍ରାରେ ୭ଟି ପଞ୍ଚାୟତର ୪ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇ ଶୋଭାଯାତ୍ରାରେ ସାମିଲ ହେବା ପାଇଁ ସ୍ଥିର କରାଯାଇଛି । ବୈଠକରେ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ଅଶୋକ ସାହୁ, ସବ୍ୟସାଚୀ ରାୟଚୂଡାମଣି, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ମହେନ୍ଦ୍ର ମହାପାତ୍ର, ସୁବାସ ବାରିକ, ରମାରମଣ ଦେବପାତ୍ରଙ୍କ ସମେତ ଶତାଧିକକର୍ମୀ ଯୋଗଦେଇଥିଲେ ।

# ୫-ଟି ସ୍କୁଲ୍ ରୂପାନ୍ତରଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ଅସ୍ତରଙ୍ଗ,୯।୪/ଏନ୍ଏନ୍ଏସ୍:** ଶିକ୍ଷାରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରି ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ମାତ୍ର ବାସ୍ତବ କ୍ଷେତ୍ରରେ ଲକ୍ଷ୍ୟ ପୂରଣ ହେଉନାହିଁ । ଅର୍ଥ ବାଟ ମାରଣା ହେଉଥିବା ଯୋଗୁଁ ବିଦ୍ୟାଳୟର ପାରିପାର୍ଶ୍ୱିକ ଚିତ୍ର ବଦଳୁନାହିଁ । ସୂଚନା ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଆଳସାହି ପଞ୍ଚାୟତ ଆର୍ତ୍ତତ୍ରାଣ ବିଦ୍ୟାପୀଠ ବରାଙ୍ଗ-ଅନନ୍ତ ବିଦ୍ୟାଳୟ ଦେଖିବାକୁ ମିଳିଛି । ପୂର୍ବ ସରକାର ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାଳୟକୁ ୪୫ଲକ୍ଷ ଟଙ୍କା ଅନୁଦାନ ଯୋଗାଇଦେଇଥିଲେ । ବିଦ୍ୟାଳୟ ପାଣ୍ଠିରେ ୧୦ଲକ୍ଷ ଟଙ୍କା ରଖାଯାଇଥିବା ବେଳେ ୩୫ଲକ୍ଷ ଟଙ୍କାରେ ୫ଟି କାର୍ଯ୍ୟଟି ଅନୁମୋଦନ କରାଯାଇଥିଲା । ଏହି ଟଙ୍କା ବିନିମୟରେ ବ୍ଲକ ପ୍ରଶାସନ ପକ୍ଷରୁ ବିଦ୍ୟାଳୟରେ ୨ଟି ସ୍ମାର୍ଟ କ୍ଲାସ ରୁମ୍, ଗୋଟିଏ ସାଇନ୍ସ ଲ୍ୟାବ, ଇ-ଲାଇବ୍ରେରୀ, ଛାତ୍ରଛାତ୍ରୀଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା, ବିଦ୍ୟାଳୟ ମୁଖ୍ୟ ଫାଟକ ଠାରୁ ବିଦ୍ୟାଳୟ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଫେବର୍ କବ୍ ଇଟା ବିଛାଇବା କାମ ଆଦି କରାଯିବା କଥା । ମାତ୍ର ଏଥିରେ ବ୍ୟାପକ ଅନିୟମିତତା କରାଯାଇ ଅର୍ଥ ହଡ଼ପ୍ କରାଯାଇଥିବା ଅଭିଯୋଗ ହେଉଛି । ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ୪ବଖରା ଘର ତିଆରି ହୋଇଥିବା ବେଳେ ଦୁଇଟି ବଖରା ପ୍ଲାଷ୍ଟର ସହ ମରାମତି ହୋଇଛି । ପୂର୍ବରୁ ଥିବା ପୁରୁଣା ଫଳକ ଓ ଫାଟକ ଯେମିତି ଥିଲା ସେମିତି ଅଛି । ଉକ୍ତ ଠିକାଦାର ରୂପାନ୍ତରଣ କାର୍ଯ୍ୟ ଦାୟିତ୍ୱ ନେଇ ବିଦ୍ୟାଳୟ ତରଫରୁ ହୋଇଥିବା ଶ୍ରେଣୀ ଗୃହକୁ କେବଳ ପ୍ଲାଷ୍ଟର ସହ ଉପର ମହଲାରେ ବ୍ୟବହୃତ ଜିଆଇ ବାର୍ ଜାଲି କରିଛନ୍ତି । ଏହା ସହ ପୁରୁଣା ବହିରେ ନୂଆ ମଲାଟ କାର୍ଯ୍ୟ ଭଳି ଆଗ ପାର୍ଶ୍ୱ ଗୁଡିକ ରଙ୍ଗରେ ଦୁଇଟି କୋଟ ଦେଇଥିବା ବେଳେ ପଛ ପାର୍ଶ୍ୱରେ ଗୋଟିଏ କୋଟ ରଙ୍ଗ ମାରି କାମ ସାରି ଦେଇଛନ୍ତି । ତଳେ ପକା ଯାଇଥିବା ଫେବର କବ ଇଟା ଅସମ୍ପୂର୍ଣ୍ଣ ରହିଛି । ପିଲାଙ୍କ ପାଇଁ ପୂର୍ବରୁ ୨ଟି ଶୌଚାଳୟ ଥିଲା । ୫-ଟି ଅନୁଦାନ ରୁ ଆଉ ୨ଟି ଶୌଚାଳୟ କରିବାର ଥିଲା । କିନ୍ତୁ ଠିକାଦାର କରିନାହାନ୍ତି । ଇ-ଲାଇବ୍ରେରୀ ଓ ସାଇନ୍ସ ଲ୍ୟାବ ପାଇଁ ଆନୁସାଙ୍ଗିକ ବ୍ୟବସ୍ଥା ନାହିଁ । ୫-ଟି କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଞ୍ଚାନନ ସ୍ୱାଇଁ କ୍ଷୋଭ ପ୍ରକାଶ କରିଛନ୍ତି । ଅନେକ ସ୍ଥାନରେ କାମ ନିମ୍ନ ମାନର ହେଉଥିବା ସହ ରଙ୍ଗଗୁଡିକ ଅନେକ ସ୍ଥାନରୁ ଛାଡି ଗଲାଣି । ଏହା ସହ ଅଧପାନ୍ତରିଆ ଅବସ୍ଥାରେ ପଡି ରହୁଥିବା ଦେଖିବାକୁ ମିଳୁଛି । ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅସ୍ତରଙ୍ଗ ବିଡ଼ିଓଙ୍କୁ ଲିଖିତ ଓ ମୌଖିକ ଜଣାଇଥିଲେ ମଧ୍ୟ ଅନୁରୋଧ ରଖୁନାହାନ୍ତି କି କୌଣସି ଆପତ୍ତି ଅଭିଯୋଗ ଗୁଡିକ କର୍ଣ୍ଣପାତ କରୁନାହାନ୍ତି । ଯାହାକି ସାଧାରଣ ଅସନ୍ତୋଷ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଅସ୍ତରଙ୍ଗ ବିଡ଼ିଓ ଙ୍କ ୫ଟି କାର୍ଯ୍ୟ ଅନିୟମିତତା ନେଇ ମତାମତ ପାଇଁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନାହିଁ । ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ବିଦ୍ୟାଳୟ ରୂପାନ୍ତରଣ ସଠିକ ନିର୍ମାଣ ହୋଇଛି କି ନାହିଁ ଉଚ୍ଚ ସ୍ତରୀୟ ଅଧିକାରୀ ବିଦ୍ୟାଳୟ ଗସ୍ତକରି ତଦନ୍ତ କରିବା ସହ ପୁରୀ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଭିଜିଲାନ୍ସ ସ୍ୱତନ୍ତ୍ର ଟିମ୍ ରୂପାନ୍ତରଣ କାର୍ଯ୍ୟ ଅନୁଧ୍ୟାନ କରିବାକୁ ଦାବି ହୋଇଛି ।




## କୈବର୍ତ୍ତସାହିରେ ଚୈତ୍ର ମହୋତ୍ସବ

**ବୟାଳିଶମୌଜା,୯।୪/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ ଅନ୍ତର୍ଗତ କଳପଡ଼ା ଗ୍ରାମ ପଞ୍ଚାୟତ ଟାଙ୍ଗଣା ଗ୍ରାମରେ ବୁଧବାର ସନ୍ଧ୍ୟାରେ କୈବର୍ତ୍ତ ସାହିରେ ପବିତ୍ର ଚୈତ୍ର ମହୋତ୍ସବ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଲୋକମାନେ ଯୋଗଦେଇ ମହୋତ୍ସବର ଭରପୁର ଆନନ୍ଦ ଉଠାଇଥିଲେ । ପରମ୍ପରା ଅନୁଯାୟୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କଟକ ସଦର ଅଞ୍ଚଳର ଅଗ୍ରଣୀ ସାମାଜିକ ସଙ୍ଗଠନ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ତଥା ଶିକ୍ଷାବିତ ମନୋଜ କୁମାର ନାୟକ ଯୋଗଦେଇ କୈବର୍ତ୍ତ ଭାଇମାନଙ୍କ ଘୋଡ଼ାନାଚ ଓ ଗୀତ ଆଜି କଟକ ଜିଲ୍ଲାର ପାରମ୍ପରିକ ନୃତ୍ୟ ଭାବେ ମାନ୍ୟତା ବଜାୟ ରଖିବାରେ ସକ୍ଷମ ହୋଇଛି ବୋଲି କହିଥିଲେ ।

ନିତିଦିନ NITIDIN

## ଜିଲ୍ଲା କଂଗ୍ରେସର ସମ୍ପାଦକ ମନୋନୀତ

**ଅସ୍ତରଙ୍ଗ,କୁଣ୍ଡେଇ,୯।୪/ଏନ୍ଏନ୍ଏସ୍:** କାକଟପୁର ନିର୍ବାଚନ ମଣ୍ଡଳୀର ଯୁବ ନେତା ତଥା ସମାଜସେବୀ ଉତ୍ତମ କୁମାର ନାୟକ (ନଟ) ପୁରୀ ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଏହା ପୂର୍ବରୁ ଉତ୍ତମ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସର ନେତୃତ୍ୱ ନେବା ସହ ଦଳର ଜଣେ ସକ୍ରିୟ ସଭ୍ୟ ଭାବେ ଗୁରୁ ଦାୟିତ୍ୱ ବହନ କରି ଆସୁଛନ୍ତି। ଶ୍ରୀ ନାୟକ ସମ୍ପାଦକ ପଦ ପାଇବା ପରେ ଦଳର ନେତା ରାହୁଲ ଗାନ୍ଧୀ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର(ରମୁ ଭାଇ)ଙ୍କୁ କୃତଜ୍ଞତା ଜଣାଇବା ସହ ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ମଜବୁତ କରିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଛି ବୋଲି କହିଛନ୍ତି।



# ବୀଣାପାଣି ବିଦ୍ୟାମନ୍ଦିରର ୩୬ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



**ଖୋର୍ଦ୍ଧା,୯।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଗାନ୍ଧୀ ପଡ଼ିଆସ୍ଥିତ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ବୀଣାପାଣି ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବିରଞ୍ଚି କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ମୁଖ୍ୟବକ୍ତା ଭାବେ ସୁରେଶ ଚନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ, ପୌରପରିଷଦର ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ୫ନଂ ୱାର୍ଡର କାଉନସିଲର ଅମୀୟ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଂପାଦକ ଜ୍ୟୋତ୍ସ୍ନାମୟି ପ୍ରଧାନ, ପ୍ରଧାନ ଶିକ୍ଷକ ରେଣୁକା ମହାନ୍ତି, ପ୍ରଶାନ୍ତ ଚନ୍ଦ୍ର ସୁନ୍ଦରରାୟ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ସୁରେଶ ଚନ୍ଦ୍ର ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ବିଭିନ୍ନ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ମହାନ୍ତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

## ନବଘନପୁରରେ ୧୭ ଦଣ୍ଡ ମେଳଣ



**ନୟାଗଡ଼,୯।୪/ଏନ୍ଏନ୍ଏସ୍:** ନୟାଗଡ ଜିଲା ଦଣ୍ଡଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡିଥିବା ବେଳେ ବିଭିନ୍ନ ଅଞ୍ଚଳରେ ଦଣ୍ଡମେଳଣ ହେଉଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ବ୍ଲକ ଅନ୍ତର୍ଗତ ନବଘନପୁର ହାଇସ୍କୁଲ ପଡ଼ିଆ ଠାରେ ୧୭ଦଣ୍ଡ ମେଳଣ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦଣ୍ଡ ଠାକୁରଙ୍କ ମେଳଣକୁ ଆସିଥିବା ଗାଁ ଗୁଡିକ ହେଲା ମାଳିସାହି, ମଶାଣିଝୋଲା, ବନମାଳିପୁର, ସଂଖେଇ, କଣ୍ଟାଣିଆ, ନବଘନପୁର, ଭାଟସାହି, ବଢିଆ ସାହି, ପଞ୍ଚୁମୁ, ଭାଲିଆଡିହି, କଲ୍ୟାଣପୁର, ଝୁମ୍ପୁରି, ବାରଦ୍ୱାର, ହରିହରପୁର, ଆମ୍ବପୁଆ ଓ ଚମ୍ପତିପୁର। ଏହିସବୁ ଗ୍ରାମର ଦଣ୍ଡ ଠାକୁରଙ୍କୁ ନବଘନପୁରର ଜଣେ ପ୍ରମୁଖ ଭକ୍ତ କବିରାଜ ସାହୁ ନିମନ୍ତ୍ରଣ କରି ଦଣ୍ଡଠାକୁରଙ୍କ ମହା ମେଳଣ କରିଥିବା ବେଳେ ଏଥିରେ ଗ୍ରାମବାସୀଙ୍କ ସହଯୋଗ ରହିଥିବା ଜଣାପଡିଛି। ଦଣ୍ଡଠାକୁରଙ୍କ ମେଳଣ ସହ ଦଣ୍ଡୁଆଙ୍କ ପାଣିଦଣ୍ଡ, ଧୂଳି ଦଣ୍ଡ ଓ ନିଆଁଦଣ୍ଡ ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୋଲିସ ବାହିନୀ ମୁତୟନ କରାଯାଇଥିଲା।

## ଫାର୍ମାସୀ କଲେଜର ୪୩ତମ ବାର୍ଷିକୋତ୍ସବ

**ସାଲେପୁର,୯।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଇନଷ୍ଟିଚୁଟ ଅଫ୍ ଫାର୍ମାସୀ ଏଣ୍ଡ ଟେକ୍ନୋଲୋଜି ର ଆଜି ୪୩ ତମ ବାର୍ଷିକୋତ୍ସବ ରେଗେନୋଭା ଟୁକେ ୨୬' ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ପ୍ରବୀର କୁମାର ସିହ୍ନା ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ମୁଖ୍ୟ ଆୟୁକ୍ତ ଆୟକର ବିଭାଗ, ଓଡ଼ିଶା ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ ପ୍ରତିକୂଳ ପରିସ୍ଥିତିରେ ନିଜର ଅନ୍ତର୍ନିହିତ ଶକ୍ତିର ବିକାଶ କରିବା ପାଇଁ ଚେଷ୍ଟା କଲେ ବହୁତ ଉନ୍ନତି କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ୟୁ.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟ, ଅଡ଼ଶପୁରର ପୋଷ୍ଟ ଗ୍ରାଜୁଏଟ୍ ଇତିହାସ




ବିଭାଗର ପ୍ରଫେସର ଡ. ଖାରବେଳ ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଶିଷ୍ଟ ଅତିଥି ରୂପେ ଡ. ପିୟୁଷ ପଟ୍ଟନାୟକ, ମୁଖ୍ୟ ଆୟୁକ୍ତ ଗ୍ରାହକ ସେବା କେନ୍ଦ୍ର ଯୋଗଦେଇ ସେବା ଓ କର୍ମ ହିଁ ମାନବ ଜୀବନର ପରମ ଧର୍ମ ବୋଲି କହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପରିଚାଳନା କମିଟି ସଭାପତି ଦେବୀପ୍ରସାଦ ଦାସ, ସମ୍ପାଦକ ରବୀନ୍ଦ୍ରନାଥ କର, ସଭ୍ୟ ଭରତ ଭୂଷଣ ପଟ୍ଟନାୟକ, ଭକ୍ତ ବଲ୍ଲଭ ଦାସ ଓ ନରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କଲେଜର ଭିତ୍ତିଭୂମି ଓ ବିକାଶ ପାଇଁ ଅନୁଷ୍ଠାନର କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ୍ ଦେଇଥିଲେ। ସର୍ବପ୍ରଥମେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତଃ ଜଷ୍ଟିସ ଯୁଗଳ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଅଧ୍ୟକ୍ଷ ଡ. ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପିକା ଶ୍ୟାମଳୀ ଶତପଥୀ ଓ ରୀତିକା ପ୍ରଧାନ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡାରେ ପାରଦର୍ଶିତା ହାସଲ କରିଥିବା ତଥା ଜାତୀୟ ଓ ରାଜ୍ୟସ୍ତରର କୃତୀ ଫାର୍ମାସୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହାସହିତ ଅନୁଷ୍ଠାନର ଅଧ୍ୟାପକ ଆସୋସିଏଟ୍ ପ୍ରଫେସର ଡ. ଅମରେଶ ଚନ୍ଦ୍ର ସାହୁ ଓ ବରିଷ୍ଠ ଲାବୋରେଟୋରୀ ସହାୟକ ନରେନ୍ଦ୍ର କୁମାର ମିଶ୍ରଙ୍କୁ 'ନିର୍ମଳା ଜୟଶ୍ରୀ ମେମୋରିଆଲ' ଆୱାର୍ଡ ଶ୍ରେଷ୍ଠ ଶିକ୍ଷକ ଓ କର୍ମଚାରୀ ପୁରସ୍କାର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ବାର୍ଷିକୋତ୍ସବର ମୁଖ୍ୟ ପରିଚାଳକ ଆସୋସିଏଟ୍ ପ୍ରଫେସର ଡ. ପ୍ରଭାତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ପରିଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ।

## କ୍ଲଷ୍ଟର୍‌ରେ ଶିକ୍ଷା ସଚେତନତା ରଥ ପରିକ୍ରମା



**ମାହାଙ୍ଗା,୯।୪/ଏନ୍ଏନ୍ଏସ୍:** ବିଦ୍ୟାଳୟ ମାନଙ୍କରେ କିପରି ଅଧିକରୁ ଅଧିକ ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରିବେ ସେଥି ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାରା ରାଜ୍ୟରେ ଥିବା ବିଦ୍ୟାଳୟ ମାନଙ୍କରେ ଏବେ ଶିକ୍ଷା ସଚେତନତା ରଥ ପରିକ୍ରମା କରୁଅଛି। ଯାହାକୁ ନେଇ ଆଜି କୁମୁଡା ଜୟପୁର କ୍ଲଷ୍ଟରରେ ଶିକ୍ଷା ସଚେତନତା ରଥ ପରିକ୍ରମା କରୁଥିବା ଦେଖିବାକୁ ମିଳିଛି। ଏହି ଅବସରରେ ବାଲିପଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିପଡିଆ ପ୍ରାଥମିକ ବିଦ୍ୟାଳୟ, ଅରିଲୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶଙ୍ଖପୁର ପ୍ରାଥମିକ ବିଦ୍ୟାଳୟ, କୁମୁଡା ଜୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଞ୍ଚାୟତ ହାଇସ୍କୁଲ କୁଣ୍ଡି, ନନ୍ଦକିଶୋରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଜଗନ୍ନାଥପୁର, ସୀତାଦେଇ ନୋଡାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ୯ଟି ବିଦ୍ୟାଳୟରେ ଶିକ୍ଷା ସଚେତନତା ରଥ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ସିଆରସିସି ସୁକୁଲ ମୁର୍ମୁଙ୍କ ସହ ୯ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଉତ୍ସବ



**କୁଆଁପାଳ,୯।୪/ଏନ୍ଏନ୍ଏସ୍:** ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜନ୍ମ ଜୟନ୍ତୀ ରାଞ୍ଚି ବିଶ୍ୱବିଦ୍ୟାଳୟ ଆର୍ଯ୍ୟଭଟ୍ଟ ଅଡିଟୋରିୟମ୍ ପରିସରରେ ଏପ୍ରିଲ ୪ଦିନ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଝାଡଖଣ୍ଡର ମହାମହିମ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିବା ସହିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଚିନ୍ତାଧାରା ଓ ଆଦର୍ଶ ଉପରେ ଲିଖିତ ପୁସ୍ତକକୁ ଲୋକାର୍ପଣ କରିଥିଲେ। ଏହି ଉତ୍ସବ ରାଜ୍ୟସଭା ସଦସ୍ୟ ତଥା ରାଜ୍ୟ ବିଜେପି ସଭାପତି ଆଦିତ୍ୟ ସାହୁ ରାଞ୍ଚିର ବିଧାୟକ ସି.ପି. ସିଂ ଏବଂ ଡଃ. ରାଜାରାମ ମହନ୍ତ ଯୋଗଦେଇ ଅଖଣ୍ଡ ଭାରତ ଗଠନର ନେତାଜୀଙ୍କ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ କଳିଙ୍ଗଭାରତୀ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ସମାଜସେବୀ ଇଂ. ଅକ୍ଷୟ କୁମାର ସାମଲ ଯୋଗଦେଇ ପଟେଲଙ୍କ ଦର୍ଶନ ଦେଶର ଏକତା ପାଇଁ ତାଙ୍କର ଅବଦାନ ସଂପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରାଞ୍ଚିର ମେୟର୍ ରୋସ୍ନି ଫାଲକୋ ସମେତ ବୁଦ୍ଧିଜୀବି, ସାମାଜିକ କର୍ମୀ, ଶିକ୍ଷକ, ଛାତ୍ର ଯୋଗଦେଇଥିଲା ବେଳେ ମାହାଙ୍ଗା ଅଞ୍ଚଳର ହନୁମାନ ଭକ୍ତମଣ୍ଡଳୀ ସେବା ଟ୍ରଷ୍ଟର ସଭ୍ୟବୃନ୍ଦ ସମେତ ବିଜୟ ସାମଲ, ସୁଶାନ୍ତ ମହାନ୍ତି, ଅଜୟ ସାମଲ ଯୋଗଦେଇଥିଲେ। କଳିଙ୍ଗ ଭାରତୀ ଫାଉଣ୍ଡେସନ୍‌ର ସଦସ୍ୟ ଜାଗୃତି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**କୁଆଁପାଳ,୯।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ୨୦୨୬ ଅବସରରେ ମାହାଙ୍ଗା ମହିଳା ମହାବିଦ୍ୟାଳୟ ପଲ୍ଲୀସାହି ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ରେଡ୍‌କ୍ରସ୍ ସହାୟତାରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଉକ୍ତ ରକ୍ତଦାନ ଶିବିରକୁ ଅଧ୍ୟାପିକା ତଂଜିମ୍ ତଲତ୍, ଫରଜାନା ଅଂଜୁମ୍, ଡଃ ପୁଷ୍ପାଞ୍ଜଳି ଶତପଥୀ, ପ୍ରମିଳା ରାଉତ, ଜୟଶ୍ରୀ ଖୁଣ୍ଟିଆ, ବନିତା ବରାଳ, ଡଃ ମନସ୍ୱିନୀ କର, ସୋନାଲୀ ପ୍ରିୟଦର୍ଶିନୀ, ମାମାଲି, ମୋନାଲିସା ଦାସ, ଚିନ୍ମୟୀ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବୀରବର ଖଟୁଆ, ଭାଗ୍ୟଧର ଘଡେଇ, ରାଜେନ୍ଦ୍ର ଠାକୁର, ସୁରେଶ ବାରିକ, ଦିପକ ତ୍ରିପାଠୀ, ସୁବାଷ ବେହେରା, ସତ୍ୟବ୍ରତ ଦାଶ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଯୁବ ରେଡ୍‌କ୍ରସ୍‌ର କାଉନ୍‌ସିଲର ପ୍ରଶାନ୍ତ କୁମାର ସିଂଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିରରେ ୪୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ମଞ୍ଚାୟନ ପକ୍ଷରୁ ନାଟକ ଉତ୍ସବ

**ନୟାଗଡ଼,୯।୪/ଏନ୍ଏନ୍ଏସ୍:** ନୟାଗଡ଼ର ପ୍ରମୁଖ ନାଟ୍ୟ ଅନୁଷ୍ଠାନ ମଞ୍ଚାୟନ ତରଫରୁ ଆସନ୍ତା ମଇ ୯ ଓ ୧୦ ତାରିଖରେ ନାଟକ ଉତ୍ସବ ଅନୁଷ୍ଠିତ ହେବ। ମଇ ୯ ତାରିଖରେ ପବିତ୍ର କୁମାର ମହାନ୍ତିଙ୍କ ନିର୍ଦ୍ଦେଶିତ ଭୁବନେଶ୍ୱରର ବାଗଦେବୀ ଲିଟରେଚର ଟ୍ରଷ୍ଟ ର ନାଟକ ' ଓଡ଼ଶ' ଏବଂ ୧୦ ତାରିଖରେ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ରାଗେଶ୍ରୀ ନିଳୟମ୍‌ର ନାଟକ 'ଜଉଘର' ପରିବେଷଣ କରାଯିବ। ଏହି ନାଟକ ଉତ୍ସବ ରେ ନୟାଗଡ଼ ଜିଲ୍ଲାର ପ୍ରତିଭାବାନ୍ ନାଟ୍ୟ ଅଭିନେତା, ନିର୍ଦ୍ଦେଶକ ଓ ନାଟ୍ୟକାରଙ୍କୁ ସମ୍ମାନିତ କରାଯିବା ପାଇଁ ଅନୁଷ୍ଠାନ ତରଫରୁ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ଦିନ ନାଟକ ଶେଷରେ ଉପସ୍ଥିତ ଦର୍ଶକ ନାଟକ ଆଧାରିତ ପ୍ରଶ୍ନ ନାଟକର ନିର୍ଦ୍ଦେଶକ ଓ କଳାକାରମାନଙ୍କୁ ପଚାରିପାରିବେ। ଶ୍ରେଷ୍ଠ ଦର୍ଶକୀୟ ମତାମତ ପାଇଁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବ ବୋଲି ମଞ୍ଚାୟନ ର ସଭାପତି ନିରଞ୍ଜନ ନାୟକ ସୂଚନା ପ୍ରଦାନ କରିଛନ୍ତି। ମଞ୍ଚାୟନ ତରଫରୁ ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକରେ ସୁରେନ୍ଦ୍ର କୁମାର ସାହୁ, ଜ୍ଞାନପ୍ରକାଶ ବାରିକ, ପ୍ରଶାନ୍ତ ସାମନ୍ତରାୟ, ଗୋକୁଳ କୁମାର ଷଡ଼ଙ୍ଗୀ, ଗୋବର୍ଦ୍ଧନ ପରିଡା, କୈଳାସ ଚନ୍ଦ୍ର ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ସିମସ୍ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ




**ଚୌଦ୍ୱାର,୯।୪/ଏନ୍ଏନ୍ଏସ୍:** ମଙ୍ଗୁଳି ସ୍ଥିତ ସିମସ୍ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପାଧ୍ୟକ୍ଷା ମଧୁସ୍ମିତା ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସନ୍ତୋଷୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବ୍ୟସ୍ତବହୁଳ ଜୀବନଚର୍ଯ୍ୟା ମଧ୍ୟରେ ସ୍ୱାସ୍ଥ୍ୟପ୍ରତି ଅଧିକ ଯତ୍ନବାନ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ପବିତ୍ର ମୋହନ ମହାନ୍ତି, ପ୍ରାଧ୍ୟାପକ ଡ. ପ୍ରିୟଦର୍ଶୀ ମିଶ୍ର, ବିଶ୍ୱଜିତ୍ ବିଶ୍ୱାଳ, ସୁବୀର ମିତ୍ର ଓ ଦେବାଶିଷ ମିଶ୍ର ଯୋଗ ଦେଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୋଗୀମାନଙ୍କ ପ୍ରତି ବଳିଷ୍ଠ ସେବା ମନୋଭାବ ରଖିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ସୌମ୍ୟା ମହାନ୍ତି ଓ ଦୀପିକା ପ୍ରିୟଦର୍ଶିନୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର କର୍ମଚାରୀ ପ୍ରଦୀପ୍ତ ସ୍ୱାଇଁ, ଦିଲ୍ଲୀପ ବିଶ୍ୱାଳ, ସ୍ମିତାଳି ନାୟକ, ଜ୍ୟୋତି ପ୍ରକାଶ ମିଶ୍ର, ପବିତ୍ର ମୋହନ ସାହୁ, ସ୍ମୃତିରଞ୍ଜନ ସାହୁ, ରତ୍ନପୂର୍ଣ୍ଣା ନାୟକ, ରଜିଆ ବେଗମ୍, ସବିତା ପରିଡ଼ା, ଅଶୋକ ସାହୁ, ସୁକାନ୍ତ ଜେନା, ରଶ୍ମିରଂଜନ ବିଶୋଇ, ପ୍ରକାଶ ବିଶ୍ୱାଳ, ପବିତ୍ର ବେହେରା, ଅନନ୍ତ ଜେନା, ସଂଜୀବ ତୋଳା, ସ୍ନେହଲତା ଦାସ, ତୃପ୍ତିମୟୀ ପଣ୍ଡା, ସୁନିଲ ଦେହୁରୀ, ଜୟନ୍ତ ରଣା ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଅଧ୍ୟାପିକା ଶିବାନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିନାୟକ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ

**ଖୋର୍ଦ୍ଧା,୯।୪/ଏନ୍ଏନ୍ଏସ୍:** ନିଜିଗଡ଼ ଟାପଙ୍ଗ ସ୍ଥିତ ବିନାୟକ ପବ୍ଲିକ ସ୍କୁଲର ଚତୁର୍ବିଂଶତମ ବାର୍ଷିକ ଉତ୍ସବ ସମାଜସେବୀ କୈଳାସ ଚନ୍ଦ୍ର ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ଉତ୍ସବରେ ପ୍ରାକ୍ତନ ଅଧ୍ୟକ୍ଷ ତଥା ଆମରି ସତ୍ୟର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କ ସର୍ବାଙ୍ଗୀନ ବିକାଶରେ ପିତାମାତା ଓ ଶିକ୍ଷକମାନଙ୍କର ମାର୍ଗଦର୍ଶନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା କ୍ୟାପିଟାଲ ଲ' କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବୃନ୍ଦାବନ ପଣ୍ଡା ପିଲାଙ୍କୁ ପ୍ରାଥମିକ ସ୍ତରରୁ ଦେଶର ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଲେଖିକା ଡକ୍ଟର ଚପଳା ପଣ୍ଡା, ସରପଞ୍ଚ ପ୍ରତାପ କୁମାର ବ୍ରହ୍ମା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କ ସହ ରୀତିଶ କୁମାର ଦଳେଇ, ସୋନାକ୍ଷୀ ବାରିକ, ସମାପିକା ରାୟ, ସୌମ୍ୟରଞ୍ଜନ ଅରିଶଳଙ୍କ ସମେତ ଅନେକ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ଚିନ୍ମୟ କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ହୋଟେଲରେ ଚଢ଼ଉ, ୧୫ ଗ୍ୟାସ୍ ଟାଙ୍କି ଜବତ

**କୋଣାର୍କ,୯।୪/ଏନ୍ଏନ୍ଏସ୍:** କଳାବଜାର ହେଉଥିବା ଘରୋଇ ଗ୍ୟାସ୍‌କୁ ନେଇ କଡ଼ା ପଦକ୍ଷେପ ସ୍ୱରୂପ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଟିମ୍ ଚଢ଼ଉ ଜାରି ରଖିଛନ୍ତି। ଅନୁରୂପ ଭାବେ ଗୁରୁବାର ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ପୁରୀ ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ ସାହୁଙ୍କ ନିର୍ଦ୍ଦେଶରେ ମଧ୍ୟାହ୍ନରେ ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀ ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ଯୋଗାଣ ଅଧିକାରୀ ସୁଜାତା କମଳିନୀ ମାଳି, ପୁରୀ ସଦର ଯୋଗାଣ ଅଧିକାରୀ ସୁବାସ ବିଶ୍ୱାଳ, ଗୋପ ଯୋଗାଣ ଅଧିକାରୀ ରଚିତା ପଣ୍ଡାଙ୍କୁ ନେଇ ଏକ ଟିମ୍ କୋଣାର୍କ ପୋଲିସ ସହାୟତାରେ ଅଚାନକ କୋଣାର୍କରେ ଥିବା ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଚଢ଼ଉ କରିଛନ୍ତି। ଏହି ଚଢ଼ଉ ଦ୍ୱାରା ୧୫ଟି ଖାଲି ଓ କେତେକ ଭର୍ତ୍ତି ଥିବା ଘରୋଇ ଗ୍ୟାସ୍ ଟାଙ୍କି ହୋଟେଲରୁ ଜବତ ହୋଇଥିଲା। ସମସ୍ତ ହୋଟେଲ ମାଲିକ ମାନଙ୍କୁ କେହି ଘରୋଇ ଗ୍ୟାସ୍‌କୁ କଳାବଜାରୀ କରି ବ୍ୟବହାର ନ କରିବାକୁ ଚେତାବନୀ ଦେଇଥିଲେ। ମାତ୍ର ଏନେଇ ହୋଟେଲ ଆସୋସିଏସନ୍ ସଭାପତି ସୁବାସ ନାୟକ ଏହାକୁ ଘୋର ବିରୋଧ କରି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଦେଶ ବିଦେଶର ପର୍ଯ୍ୟଟକ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥାନ୍ତି। ସେମାନଙ୍କୁ ହୋଟେଲ ଗୁଡିକରେ ବିଭିନ୍ନ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ



କୋଣାର୍କରେ ପର୍ଯ୍ୟାପ୍ତ ବ୍ୟବସାୟିକ ଗ୍ୟାସ ମିଳୁ ନଥିବାରୁ କେବଳ ପର୍ଯ୍ୟଟକଙ୍କ ପାଇଁ ବାଧ ହୋଇ ଘରୋଇ ଗ୍ୟାସ କିଛି ବ୍ୟବହାର କରାଯାଇ ଗୋଟିଏ ଓଳି ହୋଟେଲ ଖୋଲି ପର୍ଯ୍ୟଟକଙ୍କୁ ସେବା ଯୋଗାଇ ଦିଆଯାଉଛି। ଅବଶିଷ୍ଟ ସମୟ ହୋଟେଲ ଗୁଡିକ ଗ୍ୟାସ ଅଭାବ ପାଇଁ ବନ୍ଦ ରହୁଛି। ତେଣୁ ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପର୍ଯ୍ୟଟକଙ୍କ ସ୍ୱାର୍ଥ ପାଇଁ ତୁରନ୍ତ ହୋଟେଲ ବ୍ୟବସାୟୀଙ୍କୁ ପର୍ଯ୍ୟାପ୍ତ ବ୍ୟବସାୟିକ ଗ୍ୟାସ ଯୋଗାଇଦେବାକୁ ସଭାପତି ଶ୍ରୀ ନାୟକ ଅନୁରୋଧ କରିଛନ୍ତି। ସେପଟେ ଜବତ ହୋଇଥିବା ଘରୋଇ ଗ୍ୟାସ ଟାଙ୍କିକୁ ନେଇ ସେମାନଙ୍କ ବିରୁଦ୍ଧରେ ଯୋଗାଣ ବିଭାଗ ପକ୍ଷରୁ ସରକାରୀ ନୀତି ନିୟମ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ସାହୁ ପ୍ରକାଶ କରିଥିବା ଜଣାପଡ଼ିଛି।

## ବଦଳିଲେ ଡେଲାଙ୍ଗ ଥାନା ଓଆଇସି

**ଡେଲାଙ୍ଗ,୯।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳଙ୍କ ବଦଳି ହୋଇଛି। ନୂତନ ଆଇଆଇସି ଭାବେ ପିପିଲି ଥାନା ଅତିରିକ୍ତ ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ନିଯୁକ୍ତି ମିଳିଛି। ଏ ସଂକ୍ରାନ୍ତରେ ପୁରୀ ଜିଲ୍ଲା ପୋଲିସ୍ ମୁଖ୍ୟାଳୟରୁ ଏସପି ପ୍ରତୀକ ସିଂଙ୍କ ସ୍ୱାକ୍ଷର ସମ୍ବଳିତ ଚିଠି ଅନୁଯାୟୀ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ସେହିପରି ଡେଲାଙ୍ଗ ଥାନାରେ ଭାରପ୍ରାପ୍ତ ଅଧିକାରିଣୀ ଭାବେ ଦାୟିତ୍ୱରେ ଥିବା ମହିଳା ଏସଆଇ ମମତା ବିଶ୍ୱାଳଙ୍କୁ ପୁରୀ ଜିଲ୍ଲାର ରାମଚଣ୍ଡୀ ଥାନା ଭାରପ୍ରାପ୍ତ ଅଧିକାରିଣୀ ଭାବେ ବଦଳି କରାଯାଇଛି। ଅନୁରୂପ ଭାବେ କଣାସ ଥାନା ପୋଲିସ୍ ଉପ ନିରୀକ୍ଷକ ଦେବୀପ୍ରସାଦ ଲେଙ୍କାଙ୍କୁ ଡେଲାଙ୍ଗ ଥାନା ଏସ୍ଆଇ ଭାବେ ନିଯୁକ୍ତି ମିଳିଥିବାବେଳେ ଡେଲାଙ୍ଗ ଥାନାର କାର୍ଯ୍ୟରତ ଏଏସ୍ଆଇ ପ୍ରଭାତ କୁମାର ପଲାଇଙ୍କୁ ହରିରାଜପୁର ପୁଲିସ୍ ଫାଣ୍ଡିକୁ ବଦଳି କରାଯାଇଛି।

ନିତିଦିନ NITIDIN

# ନାକଟିଦେଉଳ ସ୍ନାତକ କଲେଜରେ ରକ୍ତଦାନ ଅଭିଯାନ



**ରେଢ଼ାଖୋଲ,୯।୪/ଏନ୍‌ଏନ୍‌ଏସ୍:** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରେଢ଼ାଖୋଲ ଓ ସମ୍ବଲପୁର ବ୍ଲଡ୍ ବ୍ୟାଙ୍କ ସହାୟତାରେ ରକ୍ତଦାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲ୍ଲା ଯୋଜନା କମିଟିର ସହଯୋଗୀ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଦେଓ, ସମ୍ମାନିତ ଅତିଥିଭାବେ ନାକଟିଦେଉଳ ବ୍ଲକ୍ ଉନ୍ନୟନ ଅଧିକାରୀ ଆକାଶ ରଞ୍ଜନ ସାହୁ, ରେଢ଼ାଖୋଲ ବ୍ଲଡ୍ ବ୍ୟାଙ୍କ୍ ଅଧିକାରୀ ଡାକ୍ତର୍ ଅଭିଶେକ ଦାଶ ଓ ଟେକ୍ନିସିଆନ୍ ନୃସିଂହ ଚରଣ ବିଶ୍ୱାଳ ଯୋଗଦେଇ ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର ଆୟୋଜନର ଯଥାର୍ଥତା, ରକ୍ତଦାନର ଆବଶ୍ୟକତା ଓ ନିୟମ ତଥା ରକ୍ତ ବର୍ଗୀକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ମନୋରମା ଧଳ, ଜାହ୍ନବୀ ଧଳ, କାମଦେବ ପଟେଲ, ଗଣେଶ ରାମ ସେଠ୍, ଡି. ସେଠ୍‌ଙ୍କ ପରିଚାଳନା ତଥା ୟୁଥ୍ ରେଡକ୍ରସ୍‌ର ପରାମର୍ଶଦାତା ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଓ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର୍ ଅଧ୍ୟାପିକା ଡ଼ଃ ଆର୍ ପୁଷ୍ପାଞ୍ଜଳିଙ୍କ ସଂଯୋଜନାକ୍ରମେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ଭାବେ ଭଜମୋହନ ପ୍ରଧାନ, ଅଧ୍ୟାପିକା ଗିରିଶବାଳା ନାୟକ, ସମରେନ୍ଦ୍ର ମାଝୀ, ଭବାନୀ ସାହୁ, ଲୋପାମୁଦ୍ରା ଗଡ଼ତିଆ, ଅଜୟ ସାହୁ, ଉମାକାନ୍ତ ପ୍ରଧାନ, ଦିଲ୍ଲୀପ ସାହୁ, ସିପୁନ ପ୍ରଧାନ ଓ ଅଶୋକ ଧଳଙ୍କ ସମେତ ମୋଟ୍ ୩୮ ଜଣ ରକ୍ତଦାନ କରିଥିଲେ । ଏହି ଅଭିଯାନରେ ନାକଟିଦେଉଳ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ପଞ୍ଚାୟତ ସମିତିସ୍ତରୀୟ ବଜେଟ୍ ସଭା



**ଗୋଲାମୁଣ୍ଡା,୯।୪/ଏନ୍‌ଏନ୍‌ଏସ୍:** ଗୋଲାମୁଣ୍ଡାରେ ପଞ୍ଚାୟତ ସମିତିସ୍ତରୀୟ ବଜେଟ୍ ସଭା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ସମ୍ମାନିତ ଅତିଥିଭାବେ ଗୋଲାମୁଣ୍ଡା ଏବିଡିଓ ବିଜୟ କୁମାର ନାୟକ, ଏପିଓ କ୍ଷେତ୍ର ମୋହନ ମାଝୀ, ଜିପିଡିଓ ସୁଷମା ନାଏକ ଓ ଦଶପୁର ଜୋନ୍ ଜିଲ୍ଲାପରିଷଦ ସଭ୍ୟା ସରିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଆଗାମୀ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏବଂ ଯୋଜନା ନିମନ୍ତେ ପାଣ୍ଠି ବଣ୍ଟନ ଉପରେ ଆଲୋଚନା କରାଯାଇଥିଲା । ସଭା ପ୍ରାରମ୍ଭରେ ବ୍ଲକ୍ ଅଧିକାରୀମାନେ ପୂର୍ବ ବର୍ଷର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ ଏବଂ ଆଗାମୀ ବର୍ଷ ପାଇଁ ପ୍ରସ୍ତାବିତ ବଜେଟ୍ ଉପରେ ଆଲୋକପାତ କରିଥିଲେ । ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ । ଏବିଡିଓ ବିଜୟ କୁମାର ନାୟକଙ୍କ ସମେତ ମଞ୍ଚସ୍ଥ ଅତିଥିବୃନ୍ଦ ବଜେଟ୍‌ର ସୁବିନିଯୋଗ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମିତିସଭ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିମାନେ ମଧ୍ୟ ନିଜ ନିଜ ଅଞ୍ଚଳର ଆବଶ୍ୟକତା ସମ୍ବନ୍ଧରେ ମତାମତ ଦେଇଥିଲେ ଏବଂ ବଜେଟ୍‌ରେ ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ । ଶେଷରେ ସର୍ବସମ୍ମତିକ୍ରମେ ଆଗାମୀ ବର୍ଷ ପାଇଁ ଅଧିକରୁ ଅଧିକ ବଜେଟ୍‌କୁ ଅନୁମୋଦନ କରାଯାଇଥିଲା । ଏହି ବଜେଟ୍ ସଭା ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଞ୍ଚଳର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସମସ୍ତେ ମତପ୍ରକାଶ କରିଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

**ଜୟପୁର,୯।୪/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୟପୁର ପୌରପାଳିକା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି, ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଓ ଉପାଧ୍ୟକ୍ଷ ବି ସୁନିତାଙ୍କ ସହ କାଉନସିଲର୍‌ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ ଅଧ୍ୟକ୍ଷତା କରିଥିଲେ । ଜୟପୁର ପୌରାଞ୍ଚଳର ୧୩୮ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ବିଧାୟକ ବାହିନୀପତି ଯୋଗଦେଇ କାର୍ଯ୍ୟଦେଶ ବାଣ୍ଟିଥିଲେ । ଯେଉଁ ହିତାଧିକାରୀମାନେ କାର୍ଯ୍ୟାଦେଶ ପାଇଛନ୍ତି ସେମାନେ ତୁରନ୍ତ ଘର କାମ ଆରମ୍ଭ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ । ପରବର୍ତ୍ତୀ ସମୟରେ କେତେକ ଦଲାଲ୍ ମୁ କରାଇଦେଲି କହି ଟଙ୍କା ମାଗିବେ ସେଥିପାଇଁ ସମସ୍ତେ ସଜାଗ ହୁଅନ୍ତୁ । କାହାକୁ ଟଙ୍କାଟିଏ ବି ଦେବେନାହିଁ । ବିଲ୍ ହେଉ କି ଫଟୋ ଉଠାଇବା ସମୟରେ ବି ଟଙ୍କା ଦେବେନାହିଁ । ଯିଏ ଟଙ୍କା ମାଗୁଛି ତୁରନ୍ତ ବିଧାୟକ, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଓ କାଉନସିଲର୍‌ଙ୍କୁ ଜଣାଇବେ । ଜଣାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ବାହିନୀପତି ସଚେତନ କରାଇଥିଲେ ।

# ‘ଆସ ବହିଟିଏ କିଣିବା’ ଅଭିଯାନ



**ମାଲକାନଗିରି,୯।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହେଉଥିବା ଓଡ଼ିଆ ପକ୍ଷର ନବମଦିନରେ ‘ଆସ ବହିଟିଏ କିଣିବା’ ଅଭିଯାନ ଆରମ୍ଭ ହୋଇଛି । ପୁସ୍ତକ ପଠନକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଅଭିଯାନକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ପୁସ୍ତକ ଷ୍ଟଲ୍‌ରେ ସ୍ଥାନୀୟ ବିକ୍ରେତା ରାମକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ବିଭିନ୍ନ ରୁଚିର ପୁସ୍ତକ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଥିଲେ ଯେ ପୁସ୍ତକ ହେଉଛି ଜ୍ଞାନର ଆଲୋକ ଏବଂ ଆମ ସଂସ୍କୃତିର ପ୍ରକୃତ ପ୍ରତିଫଳନ । ବିଶେଷକରି ଛାତ୍ରଛାତ୍ରୀମାନେ ବହି ସହ ବନ୍ଧୁତା କଲେ ଏକ ସମୃଦ୍ଧ ସମାଜ ଗଠନ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଓ ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପୁସ୍ତକ କିଣିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ପ୍ରଶାସନର ଏହି ପଦକ୍ଷେପକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଉଚ୍ଚପ୍ରଶଂସା କରିଥିଲେ । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ନିଜ ପସନ୍ଦର ବହି କିଣିବା ସହ ପଠନ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ ।

## ବସୁଧା ଯୋଜନାରେ ଅନିୟମିତତା

# ଅଚଳାବସ୍ଥାରେ ପାଣି ଟାଙ୍କି, ଗ୍ରାମବାସୀ ହନ୍ତସନ୍ତ



**ଠିକାଦାର ଓ ଅଧିକାରୀଙ୍କ ମନମାନି ଯୋଗୁ ଅଧାରେ ଅଟକିଲା କାମ**

**ମ.ରାମପୁର,୯।୪/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ୍ ଅନ୍ତର୍ଗତ ବାରବନ୍ଧା ପଞ୍ଚାୟତରେ ବସୁଧା ଯୋଜନା ଯୋଗାଣ ପ୍ରକଳ୍ପକୁ ନେଇ ଅନିୟମିତତା ଅଭିଯୋଗ ହୋଇଛି । ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଘରକୁ ପାଇପ୍‌ଲାଇନ୍ ମାଧ୍ୟମରେ ପାନୀୟଜଳ ପହଞ୍ଚାଇବା ପାଇଁ ଅର୍ଥ ବ୍ୟୟ ହୋଇଥିଲେ ସୁଦ୍ଧା ଅଞ୍ଚଳବାସୀ ଏପର୍ଯ୍ୟନ୍ତ ଏହାର ସୁବିଧାରୁ ବଞ୍ଚିତ ରହିଛନ୍ତି । ସୂଚନାନୁଯାୟୀ ବାରବନ୍ଧା ପଞ୍ଚାୟତର ବାଗବେଡ଼ା, ପୁଜିଲଡୁ, ଗୁଡ଼ାଙ୍ଗଗୁଛା ଓ ବେଲଗାଁରେ ବସୁଧା ଯୋଜନାରେ ଜଳ ଯୋଗାଣ ପାଇଁ ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ସେଗୁଡ଼ିକୁ ଚାଲୁ କରାଯାଇ ନାହିଁ । ଟାଙ୍କି ଗୁଡ଼ିକରେ ପାଣି ଚଢ଼ା ଯାଉନଥିବାରୁ ସମ୍ପୂର୍ଣ୍ଣ ଜଳଯୋଗାଣ ବ୍ୟବସ୍ଥା ଅଚଳ ଅବସ୍ଥାରେ ପଡ଼ି ରହିଛି । ଏହି ପ୍ରକଳ୍ପର କାମ ପ୍ରାୟ ୪ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଠିକାଦାର ଅଧାରୁ କାମ ଛାଡ଼ି ଦେଇଥିବା ଅଭିଯୋଗ ମଧ୍ୟ ଆସିଛି । ଏହାସହ ନିମ୍ନମାନର କାମକୁ ପ୍ରଶୟ ଦିଆଯାଇଥିବା ଅଭିଯୋଗ ଉଠିଛି । ଏପରି ସ୍ଥିତିରେ ଗ୍ରାମବାସୀମାନେ ଭବିଷ୍ୟତରେ ଭୟାବହ ପାନୀୟଜଳ ସଙ୍କଟ ହେବା ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି । ବର୍ତ୍ତମାନ ପାଣି ଟାଙ୍କି ଗୁଡ଼ିକ ଜଙ୍ଗଲ ଓ ବୁଦା ଘେରି ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ ବିଭାଗର ଯନ୍ତ୍ରୀମାନେ ଏ ଅଞ୍ଚଳକୁ ଯାଉନାହାନ୍ତି ଏବଂ ପ୍ରକଳ୍ପର ନିରୀକ୍ଷଣ ମଧ୍ୟ ସଠିକ୍‌ଭାବେ ହେଉନାହିଁ । ଏହା ପଛରେ ଠିକାଦାର ଓ ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ହୋଇଥିବା ସନ୍ଦେହ ହେଉଛି । ଏପରିକି ବଡ଼ ନେତାମାନେ ଅଞ୍ଚଳକୁ ଯାଉଥିବା ସତ୍ତ୍ୱେ ଆଦିବାସୀ ଲୋକଙ୍କ ମୌଳିକ ସମସ୍ୟା ପ୍ରତି ଅବହେଳା ହେଉଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ସମସ୍ୟାର ଉଚ୍ଚସ୍ତରୀୟ ତଦନ୍ତ କରି ଯଥାଶୀଘ୍ର ପାଣି ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ଅଖିଳ ଭାରତୀୟ ଅଗ୍ରୱାଲ୍ ମହାସଭାର ରାଷ୍ଟ୍ରୀୟ ବୈଠକ

# ‘ରାଷ୍ଟ୍ରୀୟ ଶ୍ରେଷ୍ଠ ସେବା ସମ୍ମାନ’ରେ ଓଡ଼ିଶାର ୩ ସମ୍ବର୍ଦ୍ଧିତ



**ଟିଟିଲାଗଡ଼,୯।୪/ଏନ୍‌ଏନ୍‌ଏସ୍:** ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ର ୨ଜଣ ଓ ନୂଆପଡ଼ା ଜିଲ୍ଲା ଖରିଆର ରୋଡ୍‌ର ଜଣେ ‘ରାଷ୍ଟ୍ରୀୟ ଶ୍ରେଷ୍ଠ ସେବା ସମ୍ମାନ’ରେ ସମ୍ବର୍ଦ୍ଧିତ ହୋଇଛନ୍ତି । ଚଳିତ ଏପ୍ରିଲ୍ ୪ ଓ ୫ ତାରିଖରେ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ସୀମାନ୍ତ ଚିତ୍ରକୁଟଧାମରେ ଅଖିଳ ଭାରତୀୟ ଅଗ୍ରୱାଲ ମହାସଭାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୨ଟି ରାଜ୍ୟର ୧୧୪ ଜଣ ଓ ଚିତ୍ରକୁଳଧାମର ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ । ଅଖିଳ ଭାରତୀୟ ଅଗ୍ରୱାଲ ମହାସଭାର ରାଷ୍ଟ୍ରୀୟ ସଭାପତି ସତୀଶ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ଅଧିବେଶନରେ ରାଷ୍ଟ୍ରୀୟ ମହିଳା ଅଧ୍ୟକ୍ଷା ମୃଦୁଳା ଅଗ୍ରୱାଲ, ରାଷ୍ଟ୍ରୀୟ ମହାମନ୍ତ୍ରୀ ହରିଓମ୍ ଗର୍ଗ ଓ ରମେଶ ଜୈନ୍, ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ଭାନୁ ପ୍ରକାଶ ବଂସଲ ଓ ରାଷ୍ଟ୍ରୀୟ ପ୍ରବକ୍ତା ଜଗଦୀଶ ଜୈନ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ରାଷ୍ଟ୍ରୀୟ ମହାମନ୍ତ୍ରୀ ରମେଶ ଜୈନ, ଓଡ଼ିଶା ପ୍ରାନ୍ତୀୟ ସଭାପତି ଶମ୍ଭୁ ଗୋୟଲ ଓ ଖରିଆର ରୋଡ୍ ନିବାସୀ ଅଭିଷେକ ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରେ ଅଗ୍ରୱାଲ୍ ମହାସଭାର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଏଥିରେ ସତୀଶ ଅଗ୍ରୱାଲ ସଭାପତି, ହରିଓମ୍ ଗର୍ଗ ଓ ରମେଶ ଜୈନ ମହାମନ୍ତ୍ରୀ, ମୃଦୁଲା ଅଗ୍ରୱାଲ ରାଷ୍ଟ୍ରୀୟ ମହିଳା ଅଧ୍ୟକ୍ଷା, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବଜରଙ୍ଗ ଲାଲ ଅଗ୍ରୱାଲ ଓ ରାଷ୍ଟ୍ରୀୟ ପ୍ରବକ୍ତା ଭାବେ ଜଗଦାଶ ଜୈନ ନିର୍ଦ୍ୱନ୍ଦରେ ପୁଣି ମନୋନୀତ ହୋଇଛନ୍ତି । ଶ୍ରୀ ଜୈନ ଟିଟିଲାଗଡ଼ ଫେରିବା ପରେ ଅଖିଳ ଭାରତୀୟ ଅଗ୍ରୱାଲ୍ ମହାସଭାର ପ୍ରାକ୍ତନ ସଭାପତି ଶମ୍ଭୁ ଗୋଗର, ମାହାମନ୍ତ୍ରୀ ଗୋପାଳକୃଷ୍ଣ ଜୈନ, କୋଷାଧ୍ୟକ୍ଷ ବିଜୟ ଜୈକ, ଈଶ୍ୱର ଜୈନ, ଗୋପାଇ ଲାଠ, ଜିଲ୍ଲା ଶାଖା ସଭାପତି ନରେନ୍ଦ୍ର ଅଗ୍ରୱାଲ ଓ ସମ୍ପାଦକ ଶୈଳେଶ ଖୋଗର ପ୍ରମୁଖ ତାଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଛନ୍ତି । ବିଶେଷକରି ବନ୍ଧୁ ଜିତୁ ସାହୁ, ପ୍ରଶାନ୍ତ ପାଢ଼ୀ ଓ ଚିତ୍ର ସାହୁ ରେଳ ଷ୍ଟେସନ୍ ପହଞ୍ଚି ସ୍ୱାଗତ ଜଣାଇ ପାଛୋଟି ଆଣିଥିଲେ ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ




**ଝାରସୁଗୁଡ଼ା,୯।୪/ଏନ୍‌ଏନ୍‌ଏସ୍:** ଭାରତୀୟ ଚିକିତ୍ସା ସଂଘ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଶାଖା ଦ୍ୱାରା ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଏକ ଅବିରତ ଚିକିତ୍ସା ଶିକ୍ଷା ଏବଂ ବୈଜ୍ଞାନିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଭାରତୀୟ ଚିକିତ୍ସା ସଂଘ ଝାରସୁଗୁଡ଼ାର ସଚିବ ଏବଂ ଜଗ୍ନ୍ୟାସେନୀ ହସ୍ପିଟାଲ୍‌ର ପ୍ରତିଷ୍ଠାତା ଡ଼କ୍ଟର୍ ଏସ୍ ଜେ ପଟେଲ୍ ମାନସିକ ସ୍ୱାସ୍ଥ୍ୟ ଆଧୁନିକ ଚିକିତ୍ସାରେ ଏକ ପ୍ରାଥମିକତା ଉପରେ ମତବ୍ୟକ୍ତ କରିଥିଲେ । ଭାରତୀୟ ଚିକିତ୍ସା ସଂଘ ଝାରସୁଗୁଡ଼ାର ଅଧ୍ୟକ୍ଷ ଡ଼କ୍ଟର ଆର୍ କେ ଯୋଶୀ ଭୌତିକ ସ୍ୱାସ୍ଥ୍ୟ ଏକ ସମଷ୍ଟିଗତ ପଦ୍ଧତି ଉପରେ ଆଲୋଚନା କରିଥିଲେ । ଡ଼କ୍ଟର୍ ଶକ୍ତି କୁମାର ତ୍ରିପାଠୀ ପ୍ରଜନନ ଔଷଧରେ କୃତ୍ରିମ ବୁଦ୍ଧିମତାର ଭୂମିକା ଉପରେ କହିଥିଲେ । ଡ଼କ୍ଟର୍ ଇପ୍ସିତା ଦେବତା ସୌନ୍ଦର୍ଯ୍ୟ ଔଷଧ ଉଦୀୟମାନ ଧାରା ଏବଂ କ୍ଲିନିକାଲ୍ ପ୍ରୟୋଗ ଉପରେ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ସମେତ ଡାକ୍ତରୀ ସମାଜର ବରିଷ୍ଠ ସଦସ୍ୟମାନେ ଯୋଗ ଦେଇଥିଲେ ।

# ଜଗନ୍ନାଥ ମନ୍ଦିରରେ ମାନସିକଧାରୀଙ୍କ ଦଣ୍ଡନାଚ

**ଜୟପୁର,୯।୪/ଏନ୍‌ଏନ୍‌ଏସ୍:** କୋଲାବନଗରସ୍ଥିତ ଜଗନ୍ନାଥ ମନ୍ଦିରରେ ମାନସିକଧାରୀଙ୍କ ଦ୍ୱାରା ଦଣ୍ଡନାଚ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ପରମ୍ପରା ଅନୁଯାୟୀ ଚୈତ୍ର ପୂର୍ଣ୍ଣିମାଠାରୁ ଦକ୍ଷିଣ ଓଡ଼ିଶାରେ ଦଣ୍ଡନାଚ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ । ଏହି ପରିପ୍ରେକ୍ଷୀରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦଣ୍ଡନାଚ ଆୟୋଜନ କରାଯାଇଥିଲା । ଜୟପୁରସ୍ଥିତ ପାଇକ ସାହି ମା’ ଦଣ୍ଡକାଳୀ ମନ୍ଦିରରୁ ପାଟ ଦଣ୍ଡୁଆ ଲକ୍ଷ୍ମଣ ନାୟକ ଓ କାଳିସୀ ବିଶ୍ୱନାଥ ଗୌଡ଼ ଆଜ୍ଞାମାଳ ନେଇ ଘଣ୍ଟ, ଢୋଲ ଓ କାହାଳି ଆଦି ପାରମ୍ପରିକ ବାଦ୍ୟ ବଜାଇ ଆସିଥିଲେ । କୋଲାବନଗର ସ୍ଥିତ ଭୁତନଗର ରାମଛକରୁ ମାନସିକଧାରୀମାନେ ଦୁବ, ଚାଉଳ, ବରକୋଳି ପତ୍ର, ଶଙ୍ଖା ସିନ୍ଦୁର ଓ କଳାଶାଢ଼ୀ ଦେଇ ମା’ଙ୍କୁ ବାଟ ବରୁଣ କରି ନଗର ପରିକ୍ରମା କରେଇ ଆଣି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆସନ କରାଇଥିଲେ । ସେଠାରେ ମା’ଙ୍କୁ ଧୂପ ଦୀପ ଓ ଝୁଣା ଦେଇ ପୂଜା କରି ନୈବେଦ୍ୟ ଅର୍ପଣ କରିଥିଲେ ।


**AFFIDAVIT**

I, **Madalasa Bose** (in Defence records written as Modalasa Bose/ Madalasha Bose), D/o- Sub Late Samir Kumar Bose, JC93297W,R/o Peyton Sahi, Buxi Bazar, Cuttack–753001, Ph.: 8240286189, hereby declare that all the above names refer to one and the same person. DOB: 09.11.1976 (as per Defence record, wrongly recorded) and 09.11.1977 (as per Birth & Matric records) both belong to me.

**AFFIDAVIT**

By virtue of an affidavit sworn before Notary Public, Balliguda dated **07.04.2026**, I **Tara Pujari**, aged about 43 years, Daughter of Utsab Pujari of Village- Puruna Nuagaon, P.O/P.S- K.Nuagaon, Dist- Kandhamal, PIN-762102, Odisha have changed my name from "**Tara Pujari**" to "**Kumari Tara Pujari**", and henceforth I shall be known as "**Kumari Tara Pujari**" for all purpose.

**AFFIDAVIT**

By virtue of an affidavit sworn before Notary Public, Kendrapara, Sl. No. 695, date 02.04.2026, I Surendra Kumar Palar, Address At - Nageswarpur, Po- Tilottamadeipur, Ps- Kendrapara, Dist - Kendrapara, Odisha, Pin- 754211, declare that I have changed the name of my Daughter from Sampurnna Palar to Samparna Palar. Henceforth, she shall be known as **Samparna Palar** for all purposes.
Surendra Kumar Palar

**AFFIDAVIT**

By virtue of an affidavit sworn before the Executive Magistrate, Bonth, I Gauri Dehuri aged about 27 years D/o Sasikanta Dehri W/O Pramod Dehuri village – Ghantagadia, Dist- Bhadrak do here by declare that before marriage name mentioned in my Aadhar Card no- 691568063480 is Gouri Dehuri, after marriage my name changed to Pramila Dehuri W/O Pramod Dehuri which mentioned in my Bank Account no- 540210110004755. Henceforth **Gauri Dehuri** and **Pramila Dehuri** both name is one and same person for all purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ. eT-CRW-MCS-EL-2-2026
କାର୍ଯ୍ୟର ନାମ : 18 ମାସ ପାଇଁ ରେଳ କାରଖାନା ମଞ୍ଚେଶ୍ୱରର LHB କୋଚ୍‌ଗୁଡ଼ିକରେ ଲାଗିଥିବା ଭିନ୍ନ ଭିନ୍ନ କମ୍ପାନୀର ସ୍ଥାପିତ 4.5KW REBCର ମରାମତି / ରିକଣ୍ଡିସନିଂ ।
ବିଜ୍ଞାପିତ ମୂଲ୍ୟ (₹) : 38,14,158.00, EMD (₹): 76,300.00, ଶେଷ ହେବା ଅବଧି : 18 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.06.04.2026ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.04.2026 ରିଖ 1700 ଘଣ୍ଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ଯେକୌଣସି ପ୍ରସ୍ତୁ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ http://www.ireps.gov.in ରେ ଉପଲବ୍ଧ ଅଛେ ।
ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ, ରେଳ କାରଖାନା/ମଞ୍ଚେଶ୍ୱର
PR-34/R/26-27


## ରାସ୍ତା ପାଇଁ ରକ୍ତାକ୍ତ ସଂଘର୍ଷ ଘଟଣା

# କାଶିପୁରରେ ବିଜେଡି ପ୍ରତିନିଧି ଦଳ



**ରାୟଗଡ଼ା,୯।୪/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍‌ର କଣ୍ଟାମାଳରେ ପୁଲିସ୍ ଓ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ଖଣ୍ଡଯୁଦ୍ଧ ଓ ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟାକୁ ଅନୁଧ୍ୟାନ କରିବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା ଏବଂ ପୂର୍ବତନ ସାଂସଦ ଝିନ୍ନ ହିକକାଙ୍କ ନେତୃତ୍ୱରେ ଏକ ଟିମ୍ କାଶିପୁର ବ୍ଲକ୍ ଗସ୍ତ କରିଥିଲେ । ଏହି ଟିମ୍ ଗୁରୁବାର ପ୍ରଥମେ କଣ୍ଟାମାଳ ଓ ସାଗବାରୀ ଗ୍ରାମ ଗସ୍ତ କରିଥିଲେ । ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ଟିମ୍‌ରେ ସାମିଲ୍ ହୋଇ ଲୋକଙ୍କ ଉପରେ ପୁଲିସ୍‌ର ଆକ୍ରମଣକୁ ନିନ୍ଦା କରିବା ସହ ଏହି ଅଞ୍ଚଳରୁ ତୁରନ୍ତ ବିଏନ୍‌ଏସ୍‌ର ୧୬୩ ଧାରା ଉଠାଇବା ପାଇଁ ଦାବି କରିଥିଲେ । ଏହି ଅଞ୍ଚଳ ୫ମ ସେଡ୍ୟୁଲ୍ ଅଞ୍ଚଳ ହୋଇଥିବାରୁ ପୁନର୍ବାର ଲୋକଙ୍କ ମତାମତ ନେବା ସହ ଏହି ଅଞ୍ଚଳରେ ଗ୍ରାମ ସଭା କରିବା ପାଇଁ ଦାବି କରିଛନ୍ତି । ସାଧାରଣ ଜନତା ବିକାଶକୁ ବିରୋଧ କରୁନାହାନ୍ତି କିନ୍ତୁ ବିକାଶ ନାମରେ ଦମନଲୀଳା ଗ୍ରହଣୀୟ ନୁହେଁ । ଏହି ଅଞ୍ଚଳରେ ବିକାଶ ହୋଇନାହିଁ, ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ସମସ୍ୟା ଶୁଣନ୍ତୁ ବୋଲି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଦାବି କରିଛନ୍ତି । ଜିଲ୍ଲା ବିଜେଡି ସଭାପତି ଶ୍ରୀ ସାରକା କହିଛନ୍ତି ଯେ ପ୍ରଶାସନ ଏଠି ବିକାଶ ନାମରେ ବିନାଶ କରୁଛନ୍ତି ଏବଂ ଦମନଲିଳା ଚଲାଇଛନ୍ତି ଯାହାକୁ ସ୍ଥାନୀୟ ଜନସାଧାରଣ ବିରୋଧ କରୁଛନ୍ତି । ଆଉ ଏବେ ଆମେ ସ୍ଥାନୀୟ ଜନସାଧାରଣଙ୍କ ଦାବି ସହ ଏକମତ ହୋଇ ଏହାକୁ ବିରୋଧ କରୁଛୁ ବୋଲି କହିଛନ୍ତି । ଜଙ୍ଗଲ ଜମି ଆଦିବାସୀଙ୍କର ସେମାନେ ବିକାଶକୁ ବିରୋଧ କରୁନାହାନ୍ତି କିନ୍ତୁ ଯେଉଁଭଳି ଭାବେ ଏଠି ଅତ୍ୟାଚାର ଚାଲିଛି ତାକୁ ଆଦିବାସୀମାନେ ବିରୋଧ କରୁଛନ୍ତି ଏବଂ ଆଗାମୀ ଦିନରେ ଏକ ସବିଶେଷ ରିପୋର୍ଟ ବିଜେଡି ସୁପ୍ରିମୋଙ୍କୁ ଦେବୁ ବୋଲି ଗଣମାଧ୍ୟମକୁ ଶ୍ରୀ ସାରକା ସୂଚନା ଦେଇଛନ୍ତି । ଏହି ଗସ୍ତ ସମୟରେ ପୂର୍ବତନ ବିଧାୟକ ରଘୁରାମ ପୋଡ଼ାଲ୍, ପୂର୍ବତନ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଅନୁସୟା ମାଝୀ, କୋରାପୁଟ ଜିଲ୍ଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା, ରାୟଗଡ଼ା ଜିଲ୍ଲାପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ବିନୋଦ ନାୟକ, ଉଦୟ ହିମିରିକା ଓ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ସମେତ ବିଜେଡିର ବହୁ ସ୍ଥାନୀୟ ନେତା ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଗତ ୭ ତାରିଖ ସକାଳେ ପ୍ରଶାସନ ପକ୍ଷରୁ ହେଉଥିବା ରାସ୍ତା ନିର୍ମାଣକୁ କେନ୍ଦ୍ର କରି କଣ୍ଟାମାଳ ଗ୍ରାମରେ ପୁଲିସ୍ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ଏଥିରେ ୫୮ ଜଣ ପୁଲିସ୍ କର୍ମଚାରୀଙ୍କ ସହ କିଛି ଗ୍ରାମବାସୀ ମଧ୍ୟ ଆହତ ହୋଇଥିଲେ ।


DRDA-19011/14/2021-STOCK AND STORE SEC-DRDA-DRDA
13001/124/2627

**ଜିଲ୍ଲାପରିଷଦ, ଜଗତସିଂହପୁର**

**OFFICE OF THE ZILLA PARISHAD, JAGATSINGHPUR**
At/P.O.-Saanra, Via-Naliber, Dist.-Jagatsinghpur, Pin-754104
Panchayati Raj
Phone No: -06724-231091 E-Mail: -ori- djagatsinghpur@nic.in
Letter No. 1300 /Stock & Store sec Date 08.04.2026

**Quotation Call Notice**

Sealed Quotations are invited from interested reputed Travel Agencies / Tour Operators / Individuals for providing 1 (One) No. of vehicle preferably Scorpio for official use by CDO-cum-EO,Zilla Parishad, Jagatsinghpur on monthly rent basis. For details Plz visit Jagatsinghpur District Website www.jagatsinghpur.nic.in from Date 08.04.2026 to Date 22.04.2026.

CDO-Cum-EO,
Zilla Parishad, Jagatsinghpur
OIPR-13001/13213/1/26-27/0001

ZILLA SWASTHYA SAMITI, ANGUL
10001/25/2627
O/o- CDM & PHO Cum- District Mission Director, Angul

**TENDER CALL NOTICE**

No.1110 Date : 07.04.2026

Sealed tenders are invited from Registered Agencies/firms/bidders for selection of agency for providing **HOUSEKEEPING SERVICES under NIRMAL** under **NIRMAL** for Angul district. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. **www.angul.odisha.gov.in**. The document must reach to the office of the CDM & PHO, Angul, District Head Quarter Hospital, PIN – 759122 on or before due date through Regd. Post/Speed Post/Courier only. The authority reserves all the rights to cancel or reject partially or all tender without assigning any reason thereof. The proposed date of opening of bid may change in case of any emergency/exigency. The typographical erro (if any) may be exemted.

Sd/-
CDM & PHO Cum District Mission Director, Angul
OIPR-10001/10142/1/26-27/0001

ନିତିଦିନ NITIDIN



## କଥାଶିଳ୍ପୀ ରାଜକିଶୋର ପଟ୍ଟନାୟକଙ୍କ ଜୟନ୍ତୀ



**କଟକ, ୯।୪/ଏନ୍‌ଏନ୍‌ଏସ୍:** କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ କଥାଶିଳ୍ପୀ ରାଜକିଶୋର ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ସମିତିର ଖାନନଗରସ୍ଥ ସଭାଗୃହରେ ପାଳିତ ହୋଇଯାଇଛି। ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡ଼ଃ ତରୁଣ ସାହୁ ମୁଖ୍ୟ ଅତିଥି, ଡ଼ଃ ସାରଦା ପ୍ରସାଦ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜକିଶୋର ପଟ୍ଟନାୟକ ଏକାଧାରରେ ଅନନ୍ୟ ସାରସ୍ୱତ ସ୍ରଷ୍ଟା, ସତ୍ୟନିଷ୍ଠ ସାମ୍ବାଦିକ, ପ୍ରକାଶକ ତଥା ସମାଜସେବୀ ଥିଲେ। ଜୀବନ ଦର୍ଶନରେ ଯେଉଁ ଗଳ୍ପ ଓ ଉପନ୍ୟାସ ଗୁଡ଼ିକ ରଚନା କରିଛନ୍ତି, ତାହା ଓଡ଼ିଆ ବାଣୀଭଣ୍ଡାରକୁ ତାଙ୍କର ଅତୁଳନୀୟ ଦାନ ଅଟେ। ଅରୁଣା ସାମନ୍ତରାୟ, ଶ୍ୟାମସୁନ୍ଦର ସାହୁ, ରବୀନ୍ଦ୍ରନାଥ ପଣ୍ଡା, ସନ୍ଧ୍ୟା ଶତପଥୀ, ସମରେନ୍ଦ୍ର ଘୋଷ, ବୀରେଶ କୁମାର ମହାପାତ୍ର, ବିଦ୍ୟୁତ କୁମାରୀ ଲାଲା, ଆଦିତ୍ୟ ପ୍ରତାପ ଧଳ, କିରଣବାଳା ମହାନ୍ତି, ମିନାକ୍ଷୀ ଦାଶ, ମଧୁସ୍ମିତା ମିଶ୍ର, ବିମଳ କୁମାର ଦାଶ, ବାବୁଲିଧର ନାୟକ, ଲୋକନାଥ ସେଠୀ, ପ୍ରିୟମ୍ବଦା ସାହୁ ପ୍ରମୁଖ ଅଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଅଶ୍ୱିନୀ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା



**କଟକ, ୯।୪/ଏନ୍‌ଏନ୍‌ଏସ୍:** ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ ତରଫରୁ ଆୟୋଜିତ ସପ୍ତ ଦିବସୀୟ ସ୍ୱତନ୍ତ୍ର ଶିବିରର ତୃତୀୟ ଦିବସରେ ଏକ ସଡ଼କ ସୁରକ୍ଷା ସଚତନତା ପଦଯାତ୍ରାର ଆୟୋଜନ କରା ଯାଇଥିଲା। ଏହି ପଦଯାତ୍ରାରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଶିବ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ମାନେ ବିଭିନ୍ନ ସ୍ଲୋଗାନ ଏବଂ ପ୍ଲାକାର୍ଡ ଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ପ୍ରସାରଣ କରିଥିଲେ। ଏହି ପଦଯାତ୍ରାର ପ୍ରମୁଖ ଆକର୍ଷଣ ଥିଲେ ସ୍ୱେଚ୍ଛାସେବୀ ଦୀପ୍ତି ରଞ୍ଜନ ଦଣ୍ଡପାଟ ଏବଂ ଏସ୍ କେ. ସାଦିକ୍। ଉଭୟ ସେଚ୍ଛାସେବୀ ଯଥାକ୍ରମେ ଯମ ଏବଂ ଚିତ୍ରଗୁପ୍ତଙ୍କ ଚରିତ୍ର ଧାରଣ କରି ଭିନ୍ନ ଢ଼ଙ୍ଗରେ ଲୋକଙ୍କୁ ଟ୍ରାଫିକ ନିୟମ ପାଳନ କରିବା ପାଇଁ ସଚେତନ କରୁ ଥିଲେ। ବିଦ୍ୟାଳୟର ଶିକ୍ଷକ ସରୋଜକାନ୍ତ ସ୍ୱାଇଁ, ଚନ୍ଦନ ମହାରଣା, ଅଭୟ ଦେହୁରୀ ଏବଂ ଅନ୍ୟାନ୍ୟ ଶିକ୍ଷକ ମାନେ କାର୍ଯ୍ୟକ୍ରମ ପରିଚାଳାନା କରିଥିଲେ।

## ନୂଆଦିଲ୍ଲୀରେ ଜେଇଇ ଆଡଭାନ୍ସଡ୍ କୋଚିଂ ନେବେ ଓଡ଼ିଶାର ୮ ଇଏମ୍‌ଆର୍‌ଏସ୍ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୯।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ଆଦିବାସୀ ଶିକ୍ଷାକୁ ଗୁରୁତ୍ୱ ଦେଇ ଅବିରତ କାର୍ଯ୍ୟ କରୁଛି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆର୍‌ଏସ୍)। ଏହି ବିଦ୍ୟାଳୟରୁ ଚଳିତ ଜେଇଇ ମେନ୍ ୨୦୨୬ (ଫେଜ୍-୧) ରେ ସଫଳତାର ସହ ଯୋଗ୍ୟତା ହାସଲ କରିଛନ୍ତି ୧୧ ଜଣ ଛାତ୍ରଛାତ୍ରୀ। ଏହି ୧୧ ଜଣରୁ ୮ ଜଣଙ୍କୁ ନୂଆଦିଲ୍ଲୀର ଜାତୀୟ ଜନଜାତି ଛାତ୍ର ସମାଜ ଅଧୀନରେ ସ୍ୱତନ୍ତ୍ର ଜେଇଇ ଆଡଭାନ୍ସଡ୍ କୋଚିଂ ପାଇଁ ମନୋନୀତ କରାଯାଇଛି। ଇଏମ୍‌ଆର୍‌ଏସ୍ କରଞ୍ଜିଆ ଏବଂ ଇଏମ୍‌ଆର୍‌ଏସ୍ ଲହୁଣୀପଡ଼ାରୁ ୩ ଜଣ, ଇଏମ୍‌ଆର୍‌ଏସ୍ ରାଙ୍କିରୁ ଜଣେ ଏବଂ ଇଏମ୍‌ଆର୍‌ଏସ୍ ବାଙ୍ଗିରିପୋଷିରୁ ଜଣେ ଛାତ୍ର ଅନ୍ତର୍ଭୁକ୍ତ। ଛାତ୍ରଛାତ୍ରୀମାନେ ଜାତୀୟ ରାଜଧାନୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ତାଙ୍କ ସହିତ ଶିକ୍ଷୟିତ୍ରୀ ପ୍ରିୟଙ୍କା କୁମାରୀ ମଧ୍ୟ ଅଛନ୍ତି। ଏହି ପଦକ୍ଷେପ ଆଦିବାସୀ ଛାତ୍ରମାନଙ୍କୁ ଦେଶବ୍ୟାପୀ ପ୍ରମୁଖ ଇଞ୍ଜିନିୟରିଂ ପ୍ରତିଷ୍ଠାନରେ ଗୁଣାତ୍ମକ ଶିକ୍ଷା ଏବଂ ପ୍ରତିଯୋଗିତାମୂଳକ ସୁଯୋଗ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବ। ଓଡ଼ିଶା ଆଦର୍ଶ ଜନଜାତି ଶିକ୍ଷା ସମାଜର ଯୁଗ୍ମ ନିର୍ଦ୍ଦେଶକ ପ୍ରଣତି ପାତ୍ର ଆଦିବାସୀ ଶିକ୍ଷାକୁ ପ୍ରୋତ୍ସାହିତ କରିଥିବାରୁ ଏନ୍‌ଇଏସଟିଏସ୍ କମିଶନର ଅଜିତ କୁମାର ଶ୍ରୀବାସ୍ତବଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ଇଏମ୍‌ଆର୍‌ଏସ୍ କରଞ୍ଜିଆର ଅଭିଶ ଆଲାମ୍ ଜେଇଇ ମେନ୍‌ରେ ୯୭.୫୦ ପ୍ରତିଶତ ନମ୍ବର ରଖିଛନ୍ତି। ଅନ୍ୟ ସଫଳ ପ୍ରାର୍ଥୀଙ୍କ ମଧ୍ୟରେ ଇଏମ୍‌ଆର୍‌ଏସ୍ ରାଙ୍କିର ରିଙ୍କିରାଣୀ ନାଏକ, ସୁନୀଲ କୁମାର ନାଏକ ଏବଂ ସୁନିଆ ହେମ୍ବ୍ରମ, ଇଏମ୍‌ଆର୍‌ଏସ୍ କରଞ୍ଜିଆର ସାମୁ ପଲେଇୟା, ଇଏମ୍‌ଆର୍‌ଏସ୍ ଲହୁଣୀପଡ଼ାରୁ ଇଷ୍ଟିଫାନ୍ ହେମ୍ବ୍ରମ୍, ପୂଜାରାଣୀ କିଷାନ, ଦୀପା କିଷାନ, ରବିନ ଓରାମ, ଏବଂ ସାଲଖୁ ହେମ୍ବ୍ରମ ଏବଂ ଇଏମ୍‌ଆର୍‌ଏସ୍ ବାଙ୍ଗିରିପୋଷିର ଠାକୁର ମୁର୍ମୁ ଅନ୍ତର୍ଭୁକ୍ତ।

### ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ଚଳିତବର୍ଷ ସଡ଼କ ଦୁର୍ଘଟଣା ଅପେକ୍ଷାକୃତ ହ୍ରାସ ପାଇଛି

**କଟକ, ୯।୪/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଗୁରୁବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଆଂଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦାସ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଅନୁପାଳନ ଉପରେ ବିବୃତି ରଖିବାକୁ କହିବା ସହ ଅସଂପୂର୍ଣ୍ଣ ଥିବା କାର୍ଯ୍ୟଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଦିଗରେ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ମଂଗୁଳି ଠାରେ ଦୁର୍ଘଟଣା ଏଡାଇବାକୁ କଣ୍ଟା ଜାତୀୟ ଫୁଲଗଛ ଲଗାଇବା କାର୍ଯ୍ୟ ସଂପନ୍ନ ହେବା ନେଇ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ ସୂଚନା ଦେଇଥିଲେ। ବାଲିଘାଟରୁ ବାଲି ପରିବହନ ସମୟରେ ରାସ୍ତାରେ ପଡୁଥିବା ବାଲିକୁ ନିୟମିତ ଭାବେ ସଫା କରବାକୁ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀଙ୍କୁ ଅପସାରଣ କରି ଦୁର୍ଘଟଣାକୁ ଆହୁରି ହ୍ରାସ କରାଯାଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ନୋ ପାର୍କିଂ ଫଳକ ଲାଗିଥିବା ସ୍ଥାନରେ ଅବୈଧ ଭାବେ ପାର୍କିଂ କରୁଥିବା ଯାନବାହନ ଗୁଡ଼ିକୁ ନିୟମିତ ଭାବେ ଚଢ଼ାଉ କରିବା ଏବଂ ଅମାନିଆ ଗାଡ଼ି ଚାଳକ, ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରପ୍ରାପ୍ତ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଆଂଚଳିକ ପରିବହନ ବିଭାଗ ତରଫରୁ ବିଭିନ୍ନ ସମୟରେ ହେଉଥିବା ଚଢ଼ାଉକୁ ଆହୁରି କଡ଼ାକଡ଼ି କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଏଥି ସହ ରାସ୍ତା ନିକଟବର୍ତ୍ତୀ ଥିବା ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନିର୍ଦ୍ଦିଷ୍ଟ ଭାବେ ଶିକ୍ଷକମାନଙ୍କୁ ବିଦ୍ୟାଳୟ ଖୋଲିବା ଓ ବନ୍ଦ ସମୟରେ ନିଯୁକ୍ତ କରିବାକୁ ଉପସ୍ଥିତ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ସଡ଼କ ଦୁର୍ଘଟଣା ଅପେକ୍ଷାକୃତ ଭାବେ ହ୍ରାସ ପାଇଛି। ବୈଠକରେ କଟକଜିଲ୍ଲା ବସ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ଭାଗ ନେଇ ଆଲୋଚନାରେ ଅଂଶ ଗ୍ରହଣ ପୂର୍ବକ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପଆୟୁକ୍ତ ପୁଲିସ କମିଶନରେଟ ଅମରେନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ୧୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୪ ଗିରଫ



**କଟକ, ୯।୪/ଏନ୍‌ଏନ୍‌ଏସ୍:** ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ ଗୁରୁବାର କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ଼ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ତାରେଣୀ ଛକ ନିକଟରେ ଚଢ଼ାଉ କରି ୪ ଜଣ ଗଂଜେଇ ବେପାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ଗୋହିରୀପଡ଼ା ଗ୍ରାମର ପ୍ରସନ୍ନ ପଣ୍ଡା (୪୫), ବୌଦ୍ଧ ଜିଲ୍ଲା ବୌଦ୍ଧ ଥାନା ଅନ୍ତର୍ଗତ ମଥୁରା ଗ୍ରାମର ତାରିଣୀ ବାଗ (୪୦), ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ପୁରୁଷୋତ୍ତମ ପ୍ରସାଦ ଗ୍ରାମର ବାଙ୍କନିଧି ଦାଶ (୨୬) ଓ ଶିବ ପ୍ରସାଦ ଜେନା (୨୯) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୋଲିସ ୩୪କେଜି ଗଂଜେଇ, ଗୋଟିଏ ମାରୁତି କାର ଓ ୩ଟି ସ୍ମାର୍ଟ ଫୋନ ଜବତ କରିଛି । ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଇନସ୍ପେକ୍ଟର ସୁଶାନ୍ତ ମହାପାତ୍ର, ଏସଆଇ ଶେଖ ସାକିଲ ଉଲ୍ଲା ଓ ଅମିତ ବିଶ୍ୱାଳ, ଏଏସଆଇ କର୍ଣ୍ଣ ଓରାମ ଓ ଏଆର ମଲ୍ଲିକ, କନଷ୍ଟେବଲ ଗୌରାଙ୍ଗ ନାୟକ, ଅନ୍ନପୂର୍ଣ୍ଣା ଗଣ୍ଡ, ଜଗନ୍ନାଥ ସାହୁ, ଶଙ୍କର୍ଷଣ ରାଉତ, ରଂଜିତ ସାହୁ, ପବିତ୍ର ଦାଶ, ଶିବାନନ୍ଦ ଷଡଙ୍ଗୀ, ସୁମିତ ନାୟକ ଓ କୃଷ୍ଣମୋହନ ଦାସ ପ୍ରମୁଖ ସାମିଲ ଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ୧୩ରେ ମାହାଙ୍ଗା ବ୍ଲକ୍‌ରେ ଜନ ଅଭିଯୋଗ ଶୁଣାଣି

**କଟକ, ୯।୪/ଏନ୍‌ଏନ୍‌ଏସ୍:**ଆସନ୍ତା ୧୩ ତାରିଖ ସୋମବାର ମାହାଙ୍ଗା ବ୍ଲକଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ ଘଟିକା ସମୟରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ପଞ୍ଜୀକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଂଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣି ଗୁଡ଼ିକ ମଧ୍ୟ ସକାଳ ୭ ଘଟିକାଠାରୁ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## କର୍ପୋରେଟର୍‌ଙ୍କୁ ସମ୍ବର୍ଦ୍ଧନା

**କଟକ, ୯।୪/ଏନ୍‌ଏନ୍‌ଏସ୍:** କଟକ ମହାନଗର ନିଗମ ଅନ୍ତର୍ଗତ ୫୩ନଂ ୱାର୍ଡ ଅନ୍ଦରପୁରସ୍ଥିତ ଅଭୟ ରାଉତରାୟ ଲେନ ପକ୍ଷରୁ କର୍ପୋରେଟର ଅରବିନ୍ଦ ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ ଉଦ୍ୟମରେ ଉକ୍ତ ଲେନରେ ରାସ୍ତା, ଡ୍ରେନ, ଜଳଯୋଗାଣ ଓ ଆଲୋକିକରଣର କାର୍ଯ୍ୟ ସମ୍ପନ୍ନ ହୋଇପାରିଛି। ଏହି ଅବସରରେ ମୁରବୀ, ମହିଳା ଓ ଯୁବବର୍ଗଙ୍କ ସହଯୋଗରେ ଏକ ସମ୍ବର୍ଦ୍ଧନା ପର୍ବର ଆୟୋଜନା କରାଯାଇ କର୍ପୋରେଟର ଅରବିନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିରେ ମୁରବୀ ଦିଲୀପ କୁମାର ପରିଡା, ସଚିଦାନନ୍ଦ ନାୟକ, ଆଶିଷ ରାଉତରାୟ ସୂର୍ଯ୍ୟକାନ୍ତ ମହାନ୍ତି, ସୁକଦେବ ସିଂହ ରାୟେତ, ଚିତ୍ତରଞ୍ଜନ ନାୟକ, ଚନ୍ଦ୍ରଶେଖର ନାୟକ, ଦେବଦତ ଦାସ, ହିମାଂଶୁ ଶେଖର ସାହୁ, ଦେବୀ ପ୍ରସାଦ ମଲ୍ଲ, ନିକୁଞ୍ଜ ଭୁଟିଆ, ହିମାଂଶୁ ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାମଲୀଳା ମହୋତ୍ସବରେ ମହିରାବଣ ବଧ ମଞ୍ଚସ୍ଥ



**କଟକ, ୯।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ପକ୍ଷରୁ ମାରୁତି ମଣ୍ଡପ ଠାରେ ଅନୁଷ୍ଠିତ ରାମଲୀଳା ମହୋତ୍ସବର ଦ୍ୱିତୀୟ ରଜନୀରେ ଭଗତପୁର ସ୍ଥିତ ମା ବଗଳା ରାମଲୀଳା ସମିତିର କଳାକାର ମାନଙ୍କ ଦ୍ୱାରା ପରିବେଷଣ କରାଯାଇଛି ମହାନ ପୌରାଣିକ ଶ୍ରୀରାମଲୀଳା 'ମହିରାବଣ ବଧ'। ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ କଟକ ମହାନଗରନିଗମ ମେୟର ସୁବାସ ସିଂହ, ଅନ୍ୟତମ ଅତିଥି ଭାବେ ବାରବାଟି-କଟକ ବିଧାୟିକା ସୋଫିଆ ଫିରଦୋଷ ଯୋଗଦେଇଥିଲେ। ଲୀଳାଧ୍ୟକ୍ଷ ଶିବଦାସ ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଭିନ୍ନ ବର୍ଗର ଅତିଥି ମାନଙ୍କୁ ମଂଚକୁ ପାଛୋଟି ଆଣିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଦୀପ୍ତ କୁମାର ମହାପାତ୍ର, ଦିଲ୍ଲିପ କୁମାର ସ୍ୱାଇଁ,କୈଳାସ ଚନ୍ଦ୍ର ଜେନା, ନଳିନ କୁମାର ସେନାପତି,ସନ୍ତୋଷ କୁମାର ମଲ୍ଲିକ, ଗୋପାଳ ଚନ୍ଦ୍ର ମିଶ୍ର,ପ୍ରଭାକର ଦାସ,ସୁଶାନ୍ତ କୁମାର ମହାନ୍ତି,ରବିନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଜେନା,ଅଶୋକ ଜେନା, ପ୍ରଭାତ ଦେବତା, ନମିତା ବେହେରା, ଅଶ୍ୱିନୀ କୁମାର ସେଠୀ, ଦେବାନନ୍ଦ ସିଂହ, ଅନିତା କର, ନିବାସ ମିଶ୍ର, କାଳନ୍ଦୀନାରାୟଣ ମଲ୍ଲିକ, ଯତୀନ୍ଦ୍ର ଦାସ, ରାଜଶ୍ରୀ ମିଶ୍ର, ବିଜୟଲକ୍ଷ୍ମୀ ସାହୁ, ଭୁବନବିହାରୀ ଦାସ, ମାଧବ ମିଶ୍ର, ରାମଶଙ୍କର ମଲ୍ଲିକ, କୃଷ୍ଣଚନ୍ଦ୍ର ପ୍ରଧାନ, ସୁବାସ ଚନ୍ଦ୍ର ମୁଖି, ପ୍ରଦୀପ ସେନାପତି ପ୍ରମୁଖ ସହଯୋଗ କରିଥିଲେ। ଶତାଧିକ ଦର୍ଶକ ମାରୁତି ମଣ୍ଡପରେ ଶ୍ରୀରାମଲୀଳା ଦେଖିଥିଲେ।

## ଅଲମ୍ପିକ୍ ଭାଲ୍ୟୁ ଏଜୁକେସନ ପ୍ରଶିକ୍ଷଣ ଶିବିର



**କଟକ, ୯।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଖାନନଗର ସ୍କୁଲ ପରିସରରେ ଏକ ଦିନିକିଆ ଅଲମ୍ପିକ ଭାଲ୍ୟୁ ଏଜୁକେସନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଉଦଘାଟନ କରିଥିଲେ । ଅଲମ୍ପିକର ମୂଲ୍ୟବୋଧ ଭିତିକ ଶିକ୍ଷା ଆଜିର ଦିନରେ ଅତ୍ୟନ୍ତ ଉପାଦେୟ ବୋଲି ଶ୍ରୀ ବାରିକ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଭିଇପିର ଆଂଚଳିକ ଅଧିକାରୀ ପ୍ରକାଶ ବେହେରା ଓ ସଂଯୋଜକ ଦେବାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ । ଏହି ଶିବିରରେ ଜିଲ୍ଲାର ୩୯ଟି ଓଭିଇପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୩୦ଟି ବିଦ୍ୟାଳୟରୁ ପ୍ରାୟ ୬୦ଜଣ କ୍ରୀଡ଼ା ଶିକ୍ଷକ ଓ ଅନ୍ୟ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିବିରରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଥ ନାଥ ଦେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଓଡ଼ିଆ ପୁସ୍ତକ ପାଇଁ ରୁଚି ସୃଷ୍ଟି କରୁଛି 'ଆସ ବହିଟିଏ କିଣିବା'



**କଟକ, ୯।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ପୁସ୍ତକ ପଢ଼ା ପ୍ରତି ରୁଚି ବୃଦ୍ଧି କରିବା ତଥା ପ୍ରସିଦ୍ଧ ଓଡ଼ିଆ ଲେଖକମାନଙ୍କ ଅନବଦ୍ୟ କୃତି ଗୁଡ଼ିକ ଜନସାଧାରଣଙ୍କ ନିକଟରେ ପହଁଚାଇବା ଉଦ୍ଦେଶ୍ୟରେ ଗୁରୁବାର କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ "ଆସ ବହିଟିଏ କିଣିବା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହନ୍ତ ଓ ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଏବଂ ଡିଜିଟାଲ ଯୁଗରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ଉପରେ ଉଭୟ ଗୁରୁତ୍ୱ ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବହୁ ସଂଖ୍ୟାରେ ଅଧିକାରୀ ଓ କର୍ମଚାରୀ ପୁସ୍ତକ କ୍ରୟ କରିଥିଲେ।

### ଓଡ଼ିଆ ପକ୍ଷ

## ବହି କିଣିବା ପାଇଁ ଯୁବ ପିଢ଼ିଙ୍କ ମଧ୍ୟରେ ଉତ୍ସାହ

**ଭୁବନେଶ୍ୱର,୯।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ୍ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷ। ଆଜି ଓଡ଼ିଆ ପକ୍ଷ ପାଳନର ନବମ ଦିନରେ 'ଆସ ବହିଟିଏ କିଣିବା ଅଭିଯାନ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏଥିସହ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ମଧ୍ୟ ବିଭିନ୍ନ ପ୍ରକାଶନୀ ସଂସ୍ଥା ପକ୍ଷରୁ ପୁସ୍ତକ ଷ୍ଟଲ୍ ଖୋଲାଯାଇଥିଲା।

ପୁସ୍ତକ ଷ୍ଟଲ୍‌ମାନଙ୍କରେ ପାଠକମାନଙ୍କ ଭିଡ଼ ଜମିବା ସହ ବହୁ ପାଠକ ନିଜ ପାଇଁ ଏବଂ ନିଜ ବନ୍ଧୁ ପରିଜନଙ୍କ ପାଇଁ ବହି କିଣିଥିଲେ। ବହି କିଣିବା ସହ ଏହାର ସେଲ୍ଫି ଉଠାଇ ପାଠକମାନେ ଏହାକୁ ଓଡ଼ିଆ ପକ୍ଷ ୱେବ୍‌ସାଇଟ୍‌ରେ ମଧ୍ୟ ଅପ୍‌ଲୋଡ୍ କରିଛନ୍ତି। ଆଜି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା 'ଆସ ବହିଟିଏ କିଣିବା' ଅଭିଯାନ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଅତିଥି ଭାବେ ଯୋଗଦେଇ ପୁସ୍ତକ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏଥିସହ ନିଜେ ମଧ୍ୟ ପୁସ୍ତକ କିଣି 'ଆସ ବହିଟିଏ କିଣିବା' ଅଭିଯାନରେ ନିଜକୁ ସାମିଲ କରିଥିଲେ। 'ପୁସ୍ତକ ହେଉଛି ଆମ ସମାଜର ଦର୍ପଣ। ଜଣେ ଲେଖକ ନିଜର ଲେଖନୀ ଚାଳନା କରି ଯେଉଁ ପୁସ୍ତକଟିଏ ରଚନା କରିଥାଏ ତାହା ଆମକୁ ଆମ ସମାଜର ବାସ୍ତବିକତା ସହ ପରିଚିତ କରାଇଥାଏ ଏବଂ ଏହା ଆମକୁ ଦିଗ୍‌ଦର୍ଶନ ମଧ୍ୟ ପ୍ରଦାନ କରିଥାଏ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଏବଂ ପ୍ରସାର ସହ ଆମ ଯୁବପିଢ଼ିକୁ ନିଜ ସଂସ୍କୃତି ସହ ପୁନଃ ସଂଯୋଜିତ କରିବା ନିମନ୍ତେ ପୁସ୍ତକ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ଆଜିର ପୁସ୍ତକ ପ୍ରଦର୍ଶନୀରେ ଯୁବପିଢ଼ିଙ୍କ ଯୋଗଦାନ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ପୁସ୍ତକ ପ୍ରତି ରହିଥିବା ଆଗ୍ରହ ଆମ ସମସ୍ତଙ୍କୁ ଉତ୍ସାହିତ କରିଛି' ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଆଜି 'ଆସ ବହିଟିଏ କିଣିବା' ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ ଅବସରରେ ବିଶିଷ୍ଟ ଅତିଥିମାନଙ୍କୁ ଭାଗବତ ପୁସ୍ତକ ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ ଯେ ଓଡ଼ିଆ ପକ୍ଷ ପାଳନର ଦଶମ ଦିନ ଅର୍ଥାତ ଏପ୍ରିଲ୍ ୧୦ ତାରିଖ ଦିନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମର ଆୟୋଜନ କରାଯିବ।

## ଛେଣ୍ଡିପଦା ସାରସ୍ୱତ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ

**ଛେଣ୍ଡିପଦା,୯।୪/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ବାଗେଡିଆ ଆଶୀର୍ବାଦ ଭବନରେ ଡା. ସତ୍ୟନାରାୟଣ ଦାଶଙ୍କ ଆବାହକତ୍ୱରେ ଛେଣ୍ଡିପଦା ସାରସ୍ୱତ ସାହିତ୍ୟ ସଂସଦର ଏକ ସାଧାରଣ ବୈଠକ ବସି ନୂତନ କର୍ମକର୍ତ୍ତା ଚୟନ କରାଯାଇଛି।

ବର୍ଷର ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲେ ମଧ୍ୟ ଏହି ରାଜ୍ୟସ୍ତରୀୟ ଅନୁଷ୍ଠାନର ସାମ୍ବତ୍ସରିକ ଉତ୍ସବ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ବେଶ୍ କିଛିଦିନ ହେଲା ଅନୁଷ୍ଠିତ ହୋଇ ପାରୁନଥିବାରୁ ଉପସ୍ଥିତ ସଦସ୍ୟମାନେ ଉଦ୍‌ବେଗ ପ୍ରକଟ କରିଥିଲେ। ଚଳିତ ବର୍ଷଠାରୁ ପୁଣି ପୂର୍ବବତ୍ ସାରସ୍ୱତ କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ସଭାରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସର୍ବସମ୍ମତିକ୍ରମେ ଡକ୍ଟର ଅକ୍ଷୟ କୁମାର ପଣ୍ଡାଙ୍କୁ କାର୍ଯ୍ୟକାରୀ ସଭାପତି, ସୁରେନ୍ଦ୍ର ଚନ୍ଦନ ଓ ସମୀର କୁମାର ସାମନ୍ତରାୟଙ୍କୁ ଯୁଗ୍ମ-ଉପସଭାପତି, ଡାକ୍ତର ସତ୍ୟନାରାୟଣ ଦାଶଙ୍କୁ ସମ୍ପାଦକ, ବିମଳ କୁମାର ରାଉଳଙ୍କୁ ଯୁଗ୍ମସମ୍ପାଦକ ଓ ଆଡ଼ଭୋକେଟ୍ ନକୁଳ ମାଝିଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ଡା. ଧନେଶ୍ୱର ମାଝି, ବିନୋଦ କୁମାର ସରଲିଆ, ପ୍ରଫେସର ବିଭୁତି ଭୂଷଣ ମହାପାତ୍ର, ପ୍ରାଥମିକ ବିଶ୍ୱଞ୍ଜନ ପ୍ରଧାନ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚନ୍ଦନ କର, ଦୁର୍ଯ୍ୟୋଧନ ଭୁଟିଆ, ବିଭୁତି ଭୂଷଣ ବେହେରା ଓ ବସନ୍ତ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ସଭା ଆରମ୍ଭରେ ବରିଷ୍ଠ ସଦସ୍ୟ ଡା. ଧନେଶ୍ୱର ମାଝି ଶ୍ରୀ ଗଣେଶଙ୍କ ପ୍ରତିକୃତିରେ ଧୂପ ପୁଷ୍ପ ଅର୍ପଣ କରିଥିଲେ। ସଂସଦର ବରିଷ୍ଠ ସଦସ୍ୟ ସ୍ୱର୍ଗତ ଲୋଚନ ସାହୁଙ୍କ ଦିବଙ୍ଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଯୁଗ୍ମ-ସମ୍ପାଦକ ବିମଳ କୁମାର ରାଉଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୨୦୦୨ ମସିହାରେ ତତ୍କାଳୀନ ଛେଣ୍ଡିପଦା ତହସିଲଦାର ତଥା ବର୍ତ୍ତମାନର ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ସ୍ଥାନୀୟ ସାହିତ୍ୟାନୁରାଗୀ, ବୁଦ୍ଧିଜୀବୀଙ୍କ ଉଦ୍ୟମରେ ସୃଷ୍ଟ ଉକ୍ତ ସାହିତ୍ୟାନୁଷ୍ଠାନ ପ୍ରତିବର୍ଷ ଲଗାତର ଭାବେ ବିଭିନ୍ନ ରାଜ୍ୟସ୍ତରୀୟ ସାରସ୍ୱତ କାର୍ଯ୍ୟକ୍ରମ ଯଥା ସାମ୍ବତ୍ସରିକ ଉତ୍ସବ ଓ କବିତା ପାଠୋତ୍ସବ ତଥା ସମ୍ବର୍ଦ୍ଧନା ଉତ୍ସବ ପାଳନ କରି ଆସୁଥିଲେ ମଧ୍ୟ ବିଭିନ୍ନ କାରଣରୁ କିଛି ବର୍ଷହେଲା ବାର୍ଷିକୋତ୍ସବ ଆୟୋଜିତ ହୋଇ ପାରୁନଥିଲା। ଏଇ ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ବର୍ଗର ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରିବା ସଂଗେ ସଂଗେ ପ୍ରାଥୀତ ଯଶା କବି, ଗାଳ୍ପିକ ତଥା ସାହିତ୍ୟିକମାନଙ୍କୁ ମଧ୍ୟ ଅତିଥି ଭାବେ ନିମନ୍ତ୍ରିତ କରାଯାଇ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଥିଲା। ଓଡିଶା ସାହିତ୍ୟ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ମଧ୍ୟ ଉକ୍ତ ଅନୁଷ୍ଠାନ ମିଳିତ ଉଦ୍ୟମରେ ଛେଣ୍ଡିପଦାଠାରେ ପାଳିତ ହୋଇଥିଲା। ବରେଣ୍ୟ କବି ଦୀପକ ମିଶ୍ର, ଜୟନ୍ତ ମହାପାତ୍ର, ସୌଭାଗ୍ୟ କୁମାର ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ଉମେଶ ପତ୍ରୀ, ଶ୍ରୀନିବାସ ଉଦ୍‌ଗାତା, ରୋହିଣୀ କାନ୍ତ ମୁଖାର୍ଜୀ, ଅଧ୍ୟାପକ ବିଶ୍ୱ ରଞ୍ଜନ, ମଙ୍ଗଳୁ ଚରଣ ବିଶ୍ୱାଳ, ରାମଚନ୍ଦ୍ର ବେହେରା ପ୍ରମୁଖ ଅତୀତରେ ଆୟୋଜିତ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ଗରିମା ବଢ଼େଇଛନ୍ତି। ତେବେ ନୂତନ ଭାବେ ଗଠିତ କାର୍ଯ୍ୟକାରିଣୀ ସମିତି ଦ୍ୱାରା ଏହା ପୁନଃ ଉଦ୍‌ଜୀବିତ ହେବା ଆଶା ଉଜ୍ଜ୍ୱଳ ହୋଇଥିବାରୁ ସ୍ଥାନୀୟ ସାହିତ୍ୟପ୍ରେମୀ ତଥା ବୁଦ୍ଧିଜୀବୀ ମହଲରେ ଖୁସିର ମାହୋଲ ଖେଳିଯାଇଛି।

## ଆଜିର ଇତିହାସ

- ୧୮୫୭-ସ୍ୱାମୀ ଦୟାନନ୍ଦ ଆର୍ଯ୍ୟ ସମାଜର ସ୍ଥାପନା କରିଥିଲେ।
- ୧୮୮୯-ରାମଚନ୍ଦ୍ର ଚାଟାର୍ଜୀ ଗରମ ବେଲୁନରେ ଉଡ଼ାଣ ଭରିଥିବା ପ୍ରଥମ ବ୍ୟକ୍ତି ଥିଲେ।
- ୧୯୮୨-ଭାରତ ବହୁଉଦ୍ଦେଶୀୟ ଉପଗ୍ରହ ଇନ୍‌ସାଟ୍-୧ଏର ସଫଳ ପ୍ରକ୍ଷେପଣ କରିଥିଲା।
- ୨୦୦୧-ଭାରତ ଓ ଇରାନ ମଧ୍ୟରେ ତେହେରାନ ଘୋଷଣାପତ୍ର ଉପରେ ହସ୍ତାକ୍ଷର କରିଥିଲେ।
- ୨୦୧୬-କେରଳର କୋଲ୍ଲମ ଜିଲ୍ଲାରେ ସ୍ଥିତ ପୁତ୍ତିଙ୍ଗଲ୍ ମନ୍ଦିରରେ ଭୀଷଣ ଅଗ୍ନିକାଣ୍ଡ ଘଟି
- ୧୧୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – ଦିନଟି ଶୁଭ ସଂକେତ ନେଇ ଆସିବ। ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ। ନିବେଶରୁ ଲାଭ ନିଶ୍ଚିତ ପାଇବେ। ବ୍ୟାପାର ଦ୍ରୁତତର ହେବ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ** – ଯାହା ଚାହିଁବେ ଆଜି ତାହା ହାସଲ କରିବେ। ପରିଶ୍ରମ କମ୍ କରନ୍ତୁ ନାହିଁ। ମାନସିକ ଶାନ୍ତି ବଜାୟ ରହିବ। ବେତନ ବୃଦ୍ଧି କିମ୍ବା ପ୍ରମୋଶନ ଯୋଗ ରହିଛି। ସନ୍ତାନ ସହିତ ଜଡ଼ିତ ଭଲ ଖବର ପାଇବେ।

**ମିଥୁନ** – ବ୍ୟବସାୟରେ ବଡ଼ ନିଷ୍ପତ୍ତି ନେବେ। ନିବେଶ ମାମଲାରେ ଲାଭ ପାଇପାରନ୍ତି। କାରବାର ଖୁବ୍ ଭଲରେ ଚାଲିବ। ଲାଭ ମିଳିପାରେ। ନୂଆ ଦାୟିତ୍ୱର ସଂକେତ ରହିଛି। ପ୍ରପର୍ଟି କ୍ଷେତ୍ର ପାଇଁ ଦିନଟି ଲାଭଦାୟକ।

**କର୍କଟ** – ଆପଣଙ୍କ ବାଣୀ ଲାଭ କିମ୍ବା କ୍ଷତି ଦେବ। ନିବେଶ ଓ ଉଧାର ନଦେଲେ ଭଲ। ଭାଇ-ଭଉଣୀଙ୍କ ସହଯୋଗ ପାଇବେ। ଜୀବନସାଥିଙ୍କ ସହିତ କିଛି ମତଭେଦ ହୋଇପାରେ।

**ସିଂହ** – ଦିନଟି ଆପଣଙ୍କ ଧୈର୍ଯ୍ୟର ପରୀକ୍ଷା ନେବ। ଅବିବାହିତ ଲୋକମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ବିଦ୍ୟାର୍ଥୀଙ୍କ ପାଇଁ ଦିନଟି ଲାଭଦାୟକ। ସଫଳତା ପାଇଁ ଦୁଇ ଗୁଣ ପରିଶ୍ରମ କରିବେ।

**କନ୍ୟା** – ଅଟକିଥିବା କାମ ପୂରା ହେବ। ସମ୍ପତ୍ତି ସହିତ ଜଡ଼ିତ ମାମଲା ସକାରାତ୍ମକ ପରିଣାମ ଦେବ। ଧାର୍ମିକ ଆୟୋଜନ ପାଇଁ ପରିବେଶ ସୁଖମୟ ରହିବ। ସାମାଜିକ ଗତିବିଧିରେ ଭାଗ ନେବେ।

**ତୁଳା** – ଅଟକିଥିବା କାମ ସମୟାନୁସାରେ ପୂରା ହେବ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ଇଣ୍ଟରଭିଉ ପାଇଁ ଖୁବ୍ ଭଲ ସମୟ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସା ପାଇବେ। ପରିବାରରେ ଖୁସିର ପରିବେଶ ରହିବ।

**ବିଛା** – କ୍ୟାରିୟର୍ ସହିତ ଭଲ ଖବର ପାଇବେ। ପ୍ରେମ ଜୀବନ ଭଲରେ ଚାଲିବ। ପାର୍ଟନର ସହିତ ସମୟ ବିତେଇବେ। ଧାର୍ମିକ କାର୍ଯ୍ୟରେ ଭାଗ ନେବେ। ମାନସିକ ଶାନ୍ତି ମିଳିବ।

**ଧନୁ** – ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ଉର୍ଜାବାନ ଅନୁଭବ କରିବେ। ସାମାଜିକ କାର୍ଯ୍ୟରେ ଭାଗୀଦାରୀ ବଢ଼ିବ। ପ୍ରଶଂସିତ ହେବେ। ସିଙ୍ଗଲ୍ ଜାତକଙ୍କ ଖାସ୍ ଲୋକ ସହିତ ସାକ୍ଷାତ ହୋଇପାରେ।

**ମକର** – ଅର୍ଥ ମାମଲାରେ ଅବହେଳା ଭାରି ପଡ଼ିବ। ଜୀବନସାଥିଙ୍କ ସହଯୋଗ ମିଳିବ। ବିଦ୍ୟାର୍ଥୀ ସଠିକ୍ ସମୟରେ କାମ ପୂରା କରିବେ। କାର୍ଯ୍ୟକ୍ଷେତ୍ରରେ ବାଧା ଉତ୍ପନ୍ନ ହୋଇପାରେ।

**କୁମ୍ଭ** – ପୁରୁଣା ମିତ୍ରଙ୍କ ସହିତ ସାକ୍ଷାତ ଲାଭଦାୟକ ହେବ। ଅବିବାହିତଙ୍କୁ ଭଲ ପ୍ରସ୍ତାବ ଆସିବ। ବ୍ୟବସାୟରେ ବଡ଼ ଅର୍ଡର ପାଇବେ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ଜରୁରୀ।

**ମୀନ** – ବ୍ୟାପାରୀଙ୍କୁ ବଡ଼ ଲାଭ ମିଳିବ। ମହତ୍ତ୍ୱପୂର୍ଣ୍ଣ ବଜେଟ୍ ହାତକୁ ଆସିପାରେ। ଚାକିରିଆଙ୍କ ପାଇଁ ଶାନ୍‌ଦାର ଦିନଟିଏ। କ୍ୟାରିୟର୍‌ରେ ନୂଆ ସୁଯୋଗ ମିଳିବ। ଅଧିକ କାମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକେଇବ।



ଆସୁରୀଂ ଯୋନିମାପନ୍ନା ମୂଢ଼ା ଜନ୍ମନି ଜନ୍ମନି।
ମାମପ୍ରାପ୍ୟୈବକୌନ୍ତେୟ ତତୋ ଯାନ୍ତ୍ୟଧମାଂ ଗତିମ୍। (୧୬/୨୦)

ହେ କୌନ୍ତେୟ ! ମୂଢ଼ ଲୋକମାନେ ପ୍ରତି ଜନ୍ମରେ ଆସୁରୀ ଯୋନି ପ୍ରାପ୍ତ ହୁଅନ୍ତି। ଏତଦ୍‌ବ୍ୟତୀତ ମୋତେ ନ ପାଇ ଶେଷରେ ତାହାଠାରୁ ଆହୁରି ନିକୃଷ୍ଟ ଜନ୍ମ ଏପରିକି କୃମି କୀଟ ଇତ୍ୟାଦି ଲାଭ କରନ୍ତି। କହିବାର ଉଦ୍ଦେଶ୍ୟ ହେଉଛି ଯେ ଆସୁରୀ ପ୍ରକୃତି ଲୋକମାନେ ରାଜସିକ ଓ ତାମସିକ। ସତ୍ତ୍ୱଗୁଣ ପ୍ରାପ୍ତି ନ କଲେ ଈଶ୍ୱର ବିଷୟକ ବୁଦ୍ଧିର ବିକାଶ ଘଟେ ନାହିଁ। ଥରେ ଏଭଳି ନୀଚ ଯୋନିରେ ଜନ୍ମ ହେଲେ ସହଜରେ ସେଥିରୁ ଉଦ୍ଧାର ମିଳେ ନାହିଁ। ତେଣୁ ଯଥାଶକ୍ତି ଚେଷ୍ଟା କରି ରଜ ଓ ତମୋଗୁଣ ତ୍ୟାଗ କରିବାକୁ ହେବ।

# ଭୀମନଗରୀର ଆୟୋଜନ



୧୯୯୬ରେ ଇଦ୍‌ଗାହ କୁତୁଲପୁରରୁ ଆରମ୍ଭ କରାଯାଇଥିଲା ଭୀମନଗରୀର ଆୟୋଜନ ଯାହାର ଉଦ୍‌ଘାଟନ କରିଥିଲେ ବାବା ସାହେବ ଆମ୍ବେଦକରଙ୍କ ପତ୍ନୀ ଡକ୍ଟର ସବିତା ଆମ୍ବେଦକର। ୧୯୫୭ରୁ ଜାରି ରହିଥିବା ଆମ୍ବେଦକର ଶୋଭାଯାତ୍ରାକୁ ଜନକପୁରୀ ଶୈଳୀରେ ବିସ୍ତାର କରିବା ପାଇଁ ଭୀମନଗରୀର ଆୟୋଜନ କରାଯାଇଥିଲା ଯାହା ସାମାଜିକ, ସାଂସ୍କୃତିକ ଉତ୍ସବ ସହିତ ବସ୍ତିଗୁଡ଼ିକର ବିକାଶର ପରିଚୟ ହୋଇସାରିଛି। ଆମ୍ବେଦକର ଜୟନ୍ତୀରେ ଗ୍ୟାସ୍‌ପୁରାରେ ତିନି ଦିବସୀୟ ଭୀମନଗରୀର ଆୟୋଜନ କରାଯିବ ଯେଉଁଥି ପାଇଁ ଚାଲିଛି ପ୍ରସ୍ତୁତି। ସେଠାରେ ଏକ ଭବ୍ୟ ମଞ୍ଚର ନିର୍ମାଣ କରାଯାଉଛି। ସାଂସ୍କୃତିକ କାର୍ଯ୍ୟକ୍ରମ, ସାମୂହିକ ବିବାହ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନ କରିବାର କାର୍ଯ୍ୟକ୍ରମର ଆୟୋଜନ ଏଥିରେ ସାମିଲ ରହିବ। ସମ୍ବିଧାନର ନିର୍ମାତା ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀରେ ୧୫-୧୭ ଏପ୍ରିଲ୍ ପର୍ଯ୍ୟନ୍ତ ତିନି ଦିବସୀୟ ଭୀମନଗରୀର ଆୟୋଜନ କରାଯିବ। କୋଲ୍‌କାତାର ୮୦ ଜଣରୁ ଅଧିକ କାରିଗର ସମ୍ରାଟ ଅଶୋକଙ୍କ ମହଲ ପରି ଏକ ମହଲର ନିର୍ମାଣ କରୁଛନ୍ତି ଯାହାର ଉଚ୍ଚତା ହେବ ୧୨୫ ଫୁଟ୍ ଓ ଓସାର ହେବ ୩୦୦ ଫୁଟ୍। ସେଥିରେ ଲାଗିବ ୧୨୫ ଫୁଟ୍ ଉଚ୍ଚର ଏକ ପଞ୍ଚଶୀଳ ପତାକା। ମହଲରେ ଅଶୋକ ଚିହ୍ନର ବି ଖୋଦନ କରାଯିବ। ଭଗବାନ ବୁଦ୍ଧଦେବଙ୍କ ସନ୍ଦେଶଗୁଡ଼ିକୁ ପୂରା ଦୁନିଆରେ ପ୍ରଚାର ପ୍ରସାର କରିଥିଲେ ସମ୍ରାଟ ଅଶୋକ। ଭୀମନଗରୀ ଆୟୋଜନରେ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ଜରିଆରେ ଭଗବାନ ବୁଦ୍ଧଦେବ ଓ ଡକ୍ଟର ଆମ୍ବେଦକରଙ୍କ ସନ୍ଦେଶ ଓ ସେମାନଙ୍କ ଜୀବନୀ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯିବ। ୧୬ ଏପ୍ରିଲ୍‌ରେ ୧୦୧ ଯୋଡ଼ିଙ୍କ ସାମୂହିକ ବିବାହ କରାଇବାର ଯୋଜନା ମଧ୍ୟ ରହିଛି ଯେଉଁଥି ପାଇଁ ପଞ୍ଜିକରଣ କରାଯାଉଛି।



# ବିଶ୍ୱ ହୋମିଓପ୍ୟାଥି ଦିବସ



ଅଧିକାଂଶ ଲୋକ ଚିକିତ୍ସା ପଦ୍ଧତି ଜରିଆରେ ରୋଗର ମୂଳୋତ୍ପାଟନ କରିବାକୁ ଚାହାନ୍ତି। ତେଣୁ ଏଥିପାଇଁ ସବୁଠାରୁ ଭଲ ଉପାୟ ହେଉଛି ହୋମିଓପ୍ୟାଥି ଚିକିତ୍ସା ପଦ୍ଧତି। ଏଥିରେ କୌଣସି ପ୍ରକାରର ପାର୍ଶ୍ୱ ପ୍ରତିକ୍ରିୟା ନଥାଏ ବା ଏହା କୌଣସି ପ୍ରକାରର କ୍ଷତି କରେ ନାହିଁ। ଆମ ଦେଶର ସବୁଠାରୁ ଲୋକପ୍ରିୟ ଚିକିତ୍ସା ପଦ୍ଧତି ମଧ୍ୟରୁ ହୋମିଓପ୍ୟାଥି ଅନ୍ୟତମ। ଏହା ଆୟୁଷ (ଆୟୁର୍ବେଦ, ଯୋଗ, ପ୍ରାକୃତିକ ଚିକିତ୍ସା, ୟୁନାନୀ, ସିଦ୍ଧ ଓ ହୋମିଓପ୍ୟାଥି) ସେବାଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହାର ବିକାଶ-ସାମୁଏଲ୍ ହନେମନ୍ ଜଣେ ଜର୍ମାନ୍ ଚିକିତ୍ସକ, ବିଦ୍ୱାନ ଓ ଭାଷାବିତ୍ ଯିଏ ହୋମିଓପ୍ୟାଥିର ସିଦ୍ଧାନ୍ତଗୁଡ଼ିକୁ ବିକଶିତ କରିଥିଲେ। କୁହାଯାଏ ଯେ ସେ ହିଁ ହୋମିଓପ୍ୟାଥିର ଭବିଷ୍ୟତ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ତେଣୁ ତାଙ୍କୁ ହୋମିଓପ୍ୟାଥିର ଜନକ ବୋଲି କୁହାଯାଏ। ଆଜି ତାଙ୍କ ଜୟନ୍ତୀରେ ପୂରା ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନ କରୁଛି। ହୋମିଓପ୍ୟାଥି ଚିକିତ୍ସାକୁ ଆଗକୁ ନେଇଯିବାରେ



ସେ ଯେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ତାହା ନୁହେଁ, ଭବିଷ୍ୟତର ଆହ୍ୱାନଗୁଡ଼ିକର ସମାଧାନ କରିବାରେ ମଧ୍ୟ ସେ ଅନେକ ଚେଷ୍ଟା କରିଥିଲେ। ଆଜି ବିଶ୍ୱର ୧୦୦ଟି ଦେଶରେ ହୋମିଓପ୍ୟାଥି ଦ୍ୱାରା ରୋଗୀମାନଙ୍କର ଚିକିତ୍ସା କରାଯାଉଛି ଓ ଏହାକୁ ପ୍ରଭାବଶାଳୀ ଉପଚାର ଭାବରେ ଲୋକମାନେ ଗ୍ରହଣ ମଧ୍ୟ କରିଛନ୍ତି। ଏହି ପଦ୍ଧତି ବହୁତ ଅଧିକ ପୁରୁଣା ଯାହା ଉପରେ ଆଜିର ସମୟରେ ଅନେକ ଦେଶ ଅଧ୍ୟୟନ କରୁଛନ୍ତି। ଏହି ଉପଚାର ବିଭିନ୍ନ ରୂପରେ ଯେପରିକି ଚିନିଗୁଣ୍ଡ, ତରଳ ବୁନ୍ଦ, କ୍ରିମ୍, ଜେଲ୍ ଓ ଟାବ୍‌ଲେଟ୍‌ରେ ଆସେ। ଏହି ପଦ୍ଧତିରେ ରୋଗୀଙ୍କୁ କେବଳ ହୋଲିଷ୍ଟିକ୍ ଦୃଷ୍ଟିକୋଣ ମାଧ୍ୟମରେ ଚିକିତ୍ସା କରାଯାଏ ନାହିଁ, ରୋଗୀର ବ୍ୟକ୍ତିବାଦୀ ବିଶେଷତାଗୁଡ଼ିକୁ ମଧ୍ୟ ବୁଝିବାକୁ ପଡ଼େ।

# ସେଫ୍ଟି ପିନ୍‌ର ଆବିଷ୍କାର

**ସେଫ୍ଟି ପିନ୍‌ର ବ୍ୟବହାର ସମସ୍ତେ କରିଥିବେ। ମହିଳାମାନଙ୍କ ପାଇଁ ତ ଏହା ଏପରି ଏକ ଆବିଷ୍କାର ଯେଉଁଟି ସମାନଙ୍କର ବଡ଼ ବଡ଼ ସମସ୍ୟାର ସମାଧାନ କରିଥାଏ। ଏହା ପ୍ରାୟତଃ ପ୍ରତି ମହିଳାଙ୍କ ପର୍ସରେ ଥାଏ ଓ ଯେକୌଣସି କାମରେ ଆସିପାରେ। କପଡ଼ାରେ ଏହାକୁ ମାରିବା ବ୍ୟତୀତ ମୋବାଇଲ୍ ସିମ୍ ଖୋଲିବା କାମରେ, ବ୍ୟାଗ୍ ପ୍ୟାକ୍ କରିବା କାମରେ, ଏପରିକି ଦାନ୍ତରେ ଫସି ରହିଥିବା ଖାଦ୍ୟର ଅବଶିଷ୍ଟାଂଶକୁ ବାହାର କରିବାରେ ଏହା ସାହାଯ୍ୟ କରିଥାଏ। କିନ୍ତୁ ଜାଣିଛନ୍ତି କି ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ସେଫ୍ଟି ପିନ୍‌ର ଆବିଷ୍କାର କେବେ ଓ କେଉଁ ପରିସ୍ଥିତିରେ ହୋଇଥିଲା ?**

**ଇତିହାସ**-୧୮୪୯ରେ ଆମେରିକାର ନିବାସୀ ୱାଲ୍ଟର ହଣ୍ଟ ସେଫ୍ଟି ପିନ୍‌ର ଆବିଷ୍କାର କରିଥିଲେ। ତାଙ୍କ ଉପରେ ବହୁତ କରଜ ବାକି ପଡ଼ିଥିଲା। କରଜ ସୁଝିବା ପାଇଁ ସେ ନୂଆ ନୂଆ ଆବିଷ୍କାର କରୁଥିଲେ। ଏହି କ୍ରମରେ ସେ ସେଫ୍ଟି ପିନ୍‌ର ଆବିଷ୍କାର କରି ପରେ ଏହାକୁ ପେଟେଣ୍ଟ୍ କରିଥିଲେ। ପେଟେଣ୍ଟ



କରେଇବା ପରେ ସେ ସେଫ୍ଟି ପିନ୍‌କୁ ବିକ୍ରି କରିଥିଲେ ଓ ପାଇଥିଲେ ୪୦୦ ଡଲାର। ଯଦିଓ ସେଫ୍ଟି ପିନ୍‌କୁ ନେଇ ରହିଛି ଅନେକ କାହାଣୀ। ଅନ୍ୟ ଏକ ପ୍ରଚଳିତ କାହାଣୀ ଅନୁସାରେ ଥରେ ୱାଲ୍ଟର ହଣ୍ଟଙ୍କ ପତ୍ନୀ ବାହାରକୁ ଯିବା ବେଳେ ତାଙ୍କ ସାର୍ଟର ବଟନ୍ ଭାଙ୍ଗିଗଲା। ସେ ସମୟରେ ୱାଲ୍ଟର ଏକ ତାରର ବ୍ୟବହାର କରି ପିନ୍ ପରି ଏକ ଜିନିଷ ତିଆରି କରି ବଟନ୍ ସ୍ଥାନରେ ଲଗାଇଥିଲେ। ଏହାପରେ ୱାଲ୍ଟର ହଣ୍ଟଙ୍କ ମନରେ ପ୍ରଥମେ ସେଫ୍ଟି ପିନ୍ ତିଆରି କରିବାର ଖିଆଲ୍ ଆସିଥିଲା। ତେବେ ଯେତେବେଳେ ସେଫ୍ଟି ପିନ୍‌ର ଆବିଷ୍କାର ହୋଇଥିଲା ସେତେବେଳେ ଏହାକୁ ଡ୍ରେସ୍ ପିନ୍ ବୋଲି କୁହାଯାଉଥିଲା। କିନ୍ତୁ ଆଜି ଏହାର ଯେଉଁ ରୂପ ଆମେମାନେ ଦେଖୁଛନ୍ତି ପୂର୍ବରୁ ସେପରି ନଥିଲା। ୱାଲ୍ଟର ଏହାକୁ ଏପରି ତିଆରି କରିଥିଲେ ଯେପରି ଏହା କୌଣସି କପଡ଼ାରେ ସେଟ୍ ହୋଇଯିବ ଓ ଲୋକମାନଙ୍କୁ ପିନ୍ ଦ୍ୱାରା ଆଘାତ ଲାଗିବ ନାହିଁ। ସେଫ୍ଟି ପିନ୍ ଏକ ଛୋଟ ଜିନିଷ କିନ୍ତୁ ଘରେ ଏହା ଅଲରାଉଣ୍ଡର୍ ପରି କାମ କରେ।

# ଅଲ୍ଲୁଙ୍କ ଫାଷ୍ଟ ଲୁକ୍ ଜାରି: 'ରାକା'ର ଅର୍ଥ କ'ଣ !




ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ ଓ ଏଟ୍‌ଲୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଫିଲ୍ମକୁ ଶେଷରେ ଏକ ଶୀର୍ଷକ ମିଳିଛି। ଏହି ଶୀର୍ଷକର ନାମ ରଖାଯାଇଛି 'ରାକା'। ଏହା ସହିତ ଫିଲ୍ମର ଫାଷ୍ଟ ଲୁକ୍ ପୋଷ୍ଟର ଜାରି କରାଯାଇଛି। ଏହାପରେ ଅଲ୍ଲୁଙ୍କ ପ୍ରଶଂସକମାନେ ଖୁବ୍ ଉତ୍ସାହିତ ନଜର ଆସୁଛନ୍ତି। ଏହା ସହିତ ଚର୍ଚ୍ଚା ହେଉଛି ଯେ 'ରାକା'ର ଅର୍ଥ କ'ଣ। ନିଜର ଦମ୍‌ଦାର ଓ ରହସ୍ୟମୟ ଲୁକ୍ ସହିତ ଏହି ଶୀର୍ଷକ ଏକ କାହାଣୀ ଆଡ଼କୁ ଇସାରା କରୁଛି ଯେଉଁଟି ସାଧାରଣ କାହାଣୀ ଠାରୁ ହେବାକୁ ଯାଉଛି ଅଧିକ ଭବ୍ୟ। ଏକ ହାଇ-କନ୍‌ସେପ୍ଟର ସାଇନ୍ସ-ଫିକ୍ସନ୍ ଥ୍ରୀଲର ଭାବରେ ଫିଲ୍ମଟିକୁ ପ୍ରସ୍ତୁତ କରାଯିବ ଯାହାର କାହାଣୀ ହେବାକୁ ଯାଉଛି ଖୁବ୍ ରୋମାଞ୍ଚକ। ଫିଲ୍ମର ଫାଷ୍ଟ ଲୁକ୍‌ରେ ଅଲ୍ଲୁ ଅର୍ଜୁନ ଏକ ନୂଆ ଅବତାରରେ ନଜର ଆସୁଛନ୍ତି (ଅଧା ମଣିଷ ଓ ଅଧା ଜୀବ)। ଏଥିପାଇଁ ଆଶା କରାଯାଉଛି ଯେ 'ରାକା'ରେ କିଛି ଅଲୌକିକ ବା ସୁପରନାଚୁରାଲ୍ ତତ୍ତ୍ୱ ବି ସାମିଲ ହେବ। ପୋଷ୍ଟର୍‌ରେ ଅଲ୍ଲୁ ଅର୍ଜୁନଙ୍କ ହାତ ସାମାନ୍ୟ ମଣିଷର ହାତ ପରି ନହୋଇ କେଶରେ ଘୋଡ଼େଇ ହୋଇଥିବା ତେଜ-ଧାରଥିବା ପଞ୍ଝା ପରି ଦେଖିବାକୁ ମିଳୁଛି।



ସଂସ୍କୃତ ଓ ତାମିଲ୍ ଭାଷାରୁ 'ରାକା' ଶବ୍ଦର ଉତ୍ପତ୍ତି ହୋଇଛି। ଏହାର ଅର୍ଥ ପୂର୍ଣ୍ଣିମାର ଚନ୍ଦ୍ର। ବିଶେଷ ଭାବରେ ପୂର୍ଣ୍ଣିମାର ସେହି ରାତି ଯେତେବେଳେ ଚନ୍ଦ୍ର ନିଜର ଅଧିକ ଚମକ ଓ ପୂର୍ଣ୍ଣ ଆକାରରେ ଥାଆନ୍ତି। ପୂର୍ଣ୍ଣିମା ଚନ୍ଦ୍ରର ଅର୍ଥ ପୂର୍ଣ୍ଣତା, ଚମକ ଓ ଚରମ ଶକ୍ତିର ପ୍ରତୀକ। ଏହି କାରଣରୁ ଅନେକ ଲୋକ ଏହି ଶୀର୍ଷକକୁ ଏପରି ପାତ୍ର ବା କାହାଣୀ ବୋଲି ଭାବୁଛନ୍ତି ଯାହା ଅସୀମ ଶକ୍ତି ଦ୍ୱାରା ପରିପୂର୍ଣ୍ଣ ହୋଇଥିବ। ସେହିପରି କିଛି ଲୋକ ଏହାକୁ ପୌରାଣିକ ଓ ଦୈବୀୟ ଶକ୍ତି ସହିତ ଯୋଡ଼ି ଦେଖୁଛନ୍ତି। ତେବେ ଫିଲ୍ମ 'ରାକା'ରେ କ'ଣ ସବୁ ଘଟୁଛି ତାହା ଦେଖିବାକୁ ଅପେକ୍ଷା କରିବାକୁ ପଡ଼ିବ। ଏହି ପ୍ୟାନ୍-ଇଣ୍ଡିଆ ଫିଲ୍ମର ବଜେଟ୍ ରହିଛି ୮୦୦ କୋଟି ଯେଉଁଥିରେ ଅଲ୍ଲୁଙ୍କ ସହିତ ମୁଖ୍ୟ ଭୂମିକାରେ ନଜର ଆସିବେ ଦୀପିକା ପାଦୁକୋନ୍। ଅଲ୍ଲୁ ଏଥିରେ ମୁଖ୍ୟ ନାୟକ ଓ ଖଳନାୟକ ଭୂମିକାରେ ନଜର ଆସିବେ।

# ମୋତି ରତ୍ନରୁ ଲାଭ

ଜ୍ୟୋତିଷ ଶାସ୍ତ୍ରରେ ମୋତି ରତ୍ନର ରହିଛି ବିଶେଷ ମହତ୍ତ୍ୱ। ଏହି ରତ୍ନ ଚନ୍ଦ୍ରଙ୍କ ସହିତ ଜଡ଼ିତ ହୋଇ ରହିଥାଏ। ଚନ୍ଦ୍ର ହେଉଛନ୍ତି ମନ, ଭାବନା ଓ ମାନସିକ ସ୍ଥିତିର କାରକ ଗ୍ରହ। ସେଥିପାଇଁ ମୋତି ରତ୍ନକୁ ଧାରଣ କଲେ ବ୍ୟକ୍ତିକୁ ମାନସିକ ଶାନ୍ତି ମିଳିଥାଏ ଓ ତା'ର ମନ ସ୍ଥିର ହୋଇ ରହେ। ଯେଉଁ ଲୋକମାନଙ୍କୁ ଅଧିକ କ୍ରୋଧ ଆସେ, ଯେଉଁମାନେ ଚାପଗ୍ରସ୍ତ ହୋଇ ରହନ୍ତି ବା ଯେଉଁମାନଙ୍କ ଜୀବନରେ କଳହ ଆଦି ସ୍ଥିତି ଅଧିକ ହେଉଥାଏ ସେମାନଙ୍କ ପାଇଁ ମୋତି ରତ୍ନ ବହୁତ ଲାଭକାରୀ ପ୍ରମାଣିତ ହୋଇଛି। ଏହା ବ୍ୟତୀତ ଥଣ୍ଡା ସହିତ ଜଡ଼ିତ ରୋଗଗୁଡ଼ିକରୁ ମଧ୍ୟ ଏହା ମୁକ୍ତି ଦିଏ। ତେବେ ମୋତି ରତ୍ନ



**ପିନ୍ଧିବା ପାଇଁ ରହିଛି କିଛି ନିୟମ-** କର୍କଟ ରାଶିର ଜାତକ ପାଇଁ ମୋତି ଧାରଣ କରିବା ବହୁତ ଶୁଭ ବୋଲି କୁହାଯାଏ କାରଣ ଏହି ରାଶିର ସ୍ୱାମୀ ହେଉଛନ୍ତି ଚନ୍ଦ୍ର। ଏହି ରାଶିର ଲୋକମାନେ ମୋତି ପିନ୍ଧିବା ଯୋଗୁ ମାନସିକ ଶାନ୍ତି ପାଆନ୍ତି, ଜୀବନରେ ସନ୍ତୁଳନତା ବଜାୟ ରହେ, ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ଜାଗ୍ରତ ହୁଏ ଓ ସେମାନଙ୍କୁ ସୁଖ-ଶାନ୍ତି ପ୍ରାପ୍ତ ହୁଏ। କିନ୍ତୁ ସବୁ ଲୋକଙ୍କ ପାଇଁ ମୋତି ରତ୍ନ ଉପଯୁକ୍ତ ନୁହେଁ ଯେଉଁମାନଙ୍କ ଜାତକରେ ମିଥୁନ, କୁମ୍ଭ, ମକର ବା ତୁଳା ଲଗ୍ନ ଥାଏ ସେମାନେ ମୋତି ପିନ୍ଧିବା ପାଇଁ ଚାହୁଁଥିଲେ କୌଣସି ବିଶେଷଜ୍ଞଙ୍କ ପରାମର୍ଶ ନିଶ୍ଚିତ ଭାବରେ ନେବା ଉଚିତ।

**କେଉଁମାନେ ପିନ୍ଧିବେ ନାହିଁ**-ଯେଉଁ ଲୋକଙ୍କ ଜାତକର କୁଣ୍ଡଳୀରେ ଚନ୍ଦ୍ର ଷଷ୍ଠ, ଅଷ୍ଟମ ବା ଦ୍ୱାଦଶ ଭାଗରେ ଥାଆନ୍ତି ବା ଚନ୍ଦ୍ର ଯଦି ନିମ୍ନ ରାଶିରେ ଥିବେ ସେମାନେ ମୋତି ରତ୍ନ ପିନ୍ଧିବା ଅନୁଚିତ। ଏହା ବ୍ୟତୀତ ବିଛା ରାଶିର ଜାତକମାନେ ମୋତି ଧାରଣ କଲେ ଶୁଭ ପରିଣାମ ପାଇବେ ନାହିଁ।

**ସଠିକ୍ ଉପାୟ-** ମୋତି ରତ୍ନକୁ ସବୁବେଳେ ସୋମବାର ଦିନ ଧାରଣ କରିବା ଉଚିତ। ଶୁକ୍ଳ ପକ୍ଷରେ ମୋତି ରତ୍ନ ପିନ୍ଧିବା ଅତ୍ୟଧିକ ଶୁଭ ବୋଲି କୁହାଯାଏ। ମୋତିକୁ ରୁପା ମୁଦିରେ ଲଗାଇ ପିନ୍ଧନ୍ତୁ। ଏହାକୁ ଡ଼ାହାଣ ହାତର ସବୁଠାରୁ ଛୋଟ ଆଙ୍ଗୁଳି (କନିଷ୍ଠ)ରେ ପିନ୍ଧାଯାଏ।

# ଟ୍ରେଣ୍ଡ୍‌ରେ ଟେକ୍ସଟାଇଲ୍ ଆର୍ଟ



ଆଜିର ସମୟରେ ହୋମ୍ ଡେକୋର କେବଳ କାନ୍ଥଗୁଡ଼ିକୁ ରଙ୍ଗିନ କରିବା ବା ପେଣ୍ଟ କରିବା ପର୍ଯ୍ୟନ୍ତ ଆଉ ସୀମିତ ହୋଇ ରହିନାହିଁ। ଲୋକମାନେ ଏବେ ନିଜ ଘରକୁ ୟୁନିକ୍ ଓ ପର୍ସନାଲ୍ ଟଚ୍ ଦେବା ପାଇଁ ନୂଆ ନୂଆ ଏକ୍ସପେରିମେଣ୍ଟ କରୁଛନ୍ତି। ଏହି ପରିବର୍ତ୍ତନ ସହିତ ଟେକ୍ସଟାଇଲ୍ ୱାଲ୍ ଆର୍ଟ ଦ୍ରୁତଗତିରେ ଚଳନକୁ ଆସିଛି। ଫ୍ୟାବ୍ରିକ୍, ସୂତା କାମ, ଏମ୍ବ୍ରୋଇଡୋରି ଓ ବୁଣାକାମ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଏହି ଆର୍ଟ କାନ୍ଥଗୁଡ଼ିକୁ ସଫ୍ଟ, ରିଚ୍ ଓ ଏଲିଗାଣ୍ଟ ଲୁକ୍ ଦେଉଛି ଯାହା ସାଧାରଣ ପେଣ୍ଟିଂସ୍ ଠାରୁ ସମ୍ପୂର୍ଣ୍ଣ ଅଲଗା ନଜର ଆସୁଛି। ଟେକ୍ସଟାଇଲ୍ ଆର୍ଟ ଦେଖିବାକୁ ଯେତେ ସୁନ୍ଦର ସେତିକି ଏହା ଘରର ପରିବେଶକୁ ବଦଳେଇ ଦେଇଥାଏ। ଏହା ଘରର ସ୍ପେସ୍‌କୁ ଅଧିକ ସୁନ୍ଦର, ଆରାମଦାୟକ ଓ ରହିବାଯୋଗ୍ୟ କରିଥାଏ ଯେଉଁଥି ପାଇଁ ଘରକୁ ଆସୁଥିବା ଅତିଥିମାନେ ପ୍ରଶଂସା କରିବାକୁ ଭୁଲନ୍ତି ନାହିଁ। ଟେକ୍ସଟାଇଲ୍ ଆର୍ଟର ଲୋକପ୍ରିୟତା ପଛରେ ରହିଛି ବଡ଼ କାରଣ-ଏହାର ପରମ୍ପରା ଓ ଆଧୁନିକ ଷ୍ଟାଇଲ୍‌ର କମ୍ବିନେସନ୍। ଆମ ଦେଶରେ ଟେକ୍ସଟାଇଲ୍ ଓ ହ୍ୟାଣ୍ଡଲୁମ୍‌ର ସମୃଦ୍ଧ ପରମ୍ପରା ରହିଛି। ସେହିପରି ଏହି ଆର୍ଟକୁ କାନ୍ଥରେ ସଜେଇବାର ଅର୍ଥ ହେବ ନିଜ ସଂସ୍କୃତିକୁ ଘରକୁ ଆଣିବା। ଏଥିରେ ବ୍ୟବହୃତ ଅଲଗା ଅଲଗା ଫ୍ୟାବ୍ରିକ୍, ଟେକ୍ସଚର ଓ ଡିଜାଇନ୍ ନା କେବଳ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ କାନ୍ଥଗୁଡ଼ିକୁ ଲେୟର୍ଡ ଓ ୩ଡି ଇଫେକ୍ଟ ବି ଦେଇଥାଏ। ଏହା ବ୍ୟତୀତ ଏହି ଆର୍ଟ ଧ୍ୱନିକୁ ଅବଶୋଷଣ କରିବାରେ ମଧ୍ୟ ସାହାଯ୍ୟ କରେ ଯେଉଁ କାରଣରୁ ଘରର ପରିବେଶ ଶାନ୍ତ ଓ ଆନନ୍ଦମୟ ରହେ। ପ୍ରତି ଡିଜାଇନ୍‌ର ଲୁକ୍ ଅଲଗା ଅଲଗା ରହୁଥିବାରୁ ଏହା ଆପଣଙ୍କ ଘରକୁ ୟୁନିକ୍ ଲୁକ୍ ଦେବ। ଏହି ଆର୍ଟକୁ ଏବେ ଇଣ୍ଟେରିୟର ଡିଜାଇନର୍‌ମାନେ ମଧ୍ୟ ପ୍ରମୋଟ୍ କରୁଛନ୍ତି।

ନିତିଦିନ NITIDIN



**ଆଜିର ମ୍ୟାଚ୍**

ରାଜସ୍ଥାନ ରୟାଲ୍ସ ବନାମ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଗୁଆହାଟୀ

**ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ସ୍ଲୋ-ଓଭର୍ ରେଟ୍**

# ଶୁଭମନ୍ ଗିଲ୍‌ଙ୍କୁ ୧୨ ଲକ୍ଷ ଟଙ୍କା ଜୋରିମାନା



**ନୂଆଦିଲ୍ଲୀ,୯।୪/ଏଜେନ୍ସି:** ଆଇପିଏଲ୍ ୨୦୨୬ରେ ସ୍ଲୋ ଓଭର୍-ରେଟ୍ କାରଣରୁ ଗୁଜରାଟ ଟାଇଟନ୍ସ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍‌ଙ୍କୁ ୧୨ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ବୁଧବାର ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପରେ ନିଆଯାଇଛି। ଆଇପିଏଲ୍ ପକ୍ଷରୁ ଜାରି ମିଡିଆ ଆଡ୍‌ଭାଇଜରୀ ଅନୁସାରେ ଗୁଜରାଟ ଟାଇଟନ୍ସ ମ୍ୟାଚ୍ ଅବସରରେ ନିର୍ଦ୍ଧାରିତ ସମୟରେ ନିଜ ଓଭର୍ ପୂରା କରିନଥିଲା। ଏହା ଚଳିତ ସିଜନ୍‌ରେ ଟିମ୍‌ର ପ୍ରଥମ ଭୁଲ ହୋଇଥିବାରୁ ଆଇପିଏଲ୍ କୋଡ୍ ଅଫ୍ କଣ୍ଡକ୍ଟର ଆର୍ଟିକଲ୍ ୨.୨୨ ଅଧୀନରେ ଗିଲ୍‌ଙ୍କୁ ୧୨ ଲକ୍ଷ ଟଙ୍କା ଜୋରିମାନା ହୋଇଛି। ଏହି ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ରୋମାଞ୍ଚକର ବିଜୟ ହାସଲ କରି ଦିଲ୍ଲୀ କ୍ୟାପିଟାଲ୍ସକୁ ୧ ରନ୍‌ରେ ହରାଇଥିଲା। ପ୍ରଥମେ ଗୁଜରାଟ ୨୧୦ ରନ୍ କରିଥିବା ବେଳେ ଜବାବରେ ଦିଲ୍ଲୀ ଟିମ୍ ୨୦୯/୮ କରିପାରିଥିଲା। ଏହା ସିଜନ୍‌ରେ ଗୁଜରାଟ ଟାଇଟନ୍ସର ପ୍ରଥମ ବିଜୟ ଥିଲା।

**ମ୍ୟାଚ୍ ପଲଟାଇଲେ ମୁକୁଲ୍ ଚୌଧୁରୀ**

# ଶେଷ ବଲ୍‌ରେ କୋଲ୍‌କାତାକୁ ହରାଇଲା ଲକ୍ଷ୍ନୌ

**କୋଲ୍‌କାତା,୯।୪/ଏଜେନ୍ସି:** ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ଗୁରୁବାର କୋଲ୍‌କାତା ନାଇଟ୍ ରାଇଡର୍ସକୁ ତିନି ୱିକେଟ୍‌ରେ ହରାଇ ଚଳିତ ଆଇପିଏଲ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଛି। ଇଡେନ୍ ଗାର୍ଡେନ୍ସରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ କୋଲ୍‌କାତା ୪ ୱିକେଟ୍ ହରାଇ ୧୮୧ ରନ୍ କରିଥିଲା। ୧୮୨ ରନ୍‌ର ଲକ୍ଷ୍ୟକୁ ଲକ୍ଷ୍ନୌ ଶେଷ ବଲ୍‌ରେ ହାସଲ କରିନେଇଛି। ଲକ୍ଷ୍ନୌ ବିଜୟରେ ମୁକୁଲ ଚୌଧୁରୀ ହିରୋ ସାଜିଥିଲେ। ସେ ୨୭ ବଲ୍‌ରେ ସାତ ଛକା ଓ ଦୁଇ ଚୌକା ବଳରେ ଅପରାଜିତ ୫୨ ରନ୍ କରି ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲେ। ଅନ୍ତିମ ଓଭର୍‌ରେ ଟିମ୍‌କୁ ୧୪ ରନ୍ ଆବଶ୍ୟକ ଥିବାବେଳେ ବୈଭବ ଆରୋରାଙ୍କ ପ୍ରଥମ ବଲ୍‌ରେ ଆଭେସ୍ ଖାନ୍ ସିଙ୍ଗଲ୍ ରନ୍ ନେଇଥିଲେ। ଏହାପରେ ମୁକୁଲ ଦ୍ୱିତୀୟ ଓ ପଞ୍ଚମ ବଲ୍‌ରେ ଛକା ମାରିଥିଲେ। ଶେଷ ବଲ୍‌ରେ ସିଙ୍ଗଲ୍ ନେଇ ଲକ୍ଷ୍ନୌକୁ ଲଗାତାର ଦ୍ୱିତୀୟ ବିଜୟ ଦେଇଥିଲେ।

ଲକ୍ଷ୍ୟର ପିଛା କରୁଥିବା ଲକ୍ଷ୍ନୌ ପକ୍ଷରୁ ଏଡେନ୍ ମାର୍କରମ୍ (୨୨ ରନ୍) ଏବଂ ମିଚେଲ୍ ମାର୍ଶ (୧୫ ରନ୍) ପ୍ରଥମ ୱିକେଟ୍ ପାଇଁ ୪୧ ରନ୍ ଯୋଡ଼ିଥିଲେ। ଇମ୍ପାକ୍ଟ ସବ୍ ବୈଭବ ଆରୋରା ଦୁହିଁଙ୍କୁ ଗୋଟିଏ ଓଭର୍‌ରେ ଆଉଟ୍ କରିଥିଲେ। କ୍ୟାପ୍ଟେନ୍ ଋଷଭ ପନ୍ତ୍ ୧୦ ରନ୍‌ରେ ଗ୍ରୀନ୍‌ଙ୍କ ଶିକାର ହୋଇଥିଲେ। ପୁରନ୍ ମଧ୍ୟ ୧୩ ରନ୍‌ରେ କାର୍ତ୍ତିକ ତ୍ୟାଗୀଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଅବ୍‌ଦୁଲ୍ ସମଦ ୨ ରନ୍‌ରେ ଆଉଟ୍ ହୋଇଥିବା ବେଳେ ଇମ୍ପାକ୍ଟ ସବ୍ ଆୟୁଷ ବଡ଼ୋନୀ ୩୭ ବଲ୍‌ରେ ସାତ ଚୌକା ଓ ଦୁଇ ଛକା ସହାୟତାରେ ୫୪ ରନ୍ କରି ଫେରିଥିଲେ। ମହମ୍ମଦ ଶାମୀ ବଡ଼ ଶଟ୍ ଖେଳିବାକୁ ଯାଇ କ୍ୟାଚ୍ ଆଉଟ୍ ହୋଇଥିଲେ। ଶାମୀଙ୍କ ଆଉଟ୍ ବେଳକୁ ଟିମ୍‌ର ସ୍କୋର୍ ୧୨୮/୭ ହୋଇଥିଲା। ଏହାପରେ ମୁକୁଲ ଚୌଧୁରୀ ଏକୁଟିଆ ଟିମ୍‌କୁ ବିଜୟୀ କରାଇଥିଲେ। କୋଲ୍‌କାତା ପକ୍ଷରୁ ବୈଭବ ଆରୋରା ଓ ଅନୁକୂଳ ରାୟ ୨-୨ ୱିକେଟ୍ ନେଇଥିଲେ।

ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲ୍‌କାତା ଦ୍ୱିତୀୟ ଓଭର୍‌ରେ ଓପ୍ନର୍ ଫିନ୍ ଏଲନ୍ (୯ରନ୍)ଙ୍କ ୱିକେଟ୍ ହରାଇଥିଲା। ପ୍ରିନ୍ସ ଯାଦବଙ୍କ ବଲ୍‌ରେ ଦିଗ୍‌ବେଶ



ରାଠୀ ତାଙ୍କ କ୍ୟାଚ୍ ଧରିଥିଲେ। ଏହାପରେ କ୍ୟାପ୍ଟେନ୍ ଆଜିଙ୍କ୍ୟ ରାହାଣେ ଓ ଅଙ୍ଗକୃଷ ରଘୁବଂଶୀ ଦ୍ୱିତୀୟ ୱିକେଟ୍ ପାଇଁ ୮୪ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ସମ୍ଭାଳିଥିଲେ। ରାହାଣେଙ୍କୁ ଆଉଟ୍ କରି ଦିଗ୍‌ବେଶ ରାଠୀ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ରାହାଣେ ୨୪ ବଲ୍‌ରେ ୪ ଚୌକା ଓ ଦୁଇ ଛକା ସହାୟତାରେ ୪୧ ରନ୍ କରିଥିଲେ। ଏହାପରେ ଅଙ୍ଗକୃଷଙ୍କୁ ସ୍ପିନର୍ ମଣିମାରନ୍ ସିଦ୍ଧାର୍ଥ ଆଉଟ୍ କରିଥିଲେ। ଅଙ୍ଗକୃଷ ୫ ଚୌକା ଓ ଦୁଇ ଛକା ସହାୟତାରେ ୩୩ ବଲ୍‌ରୁ ୪୫ ରନ୍‌ର ଯୋଗଦାନ ଦେଇଥିଲେ। ରିଙ୍କୁ ସିଂହ ମାତ୍ର ୪ ରନ୍ କରି ଆଭେସ୍ ଖାନ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହିଠାରୁ କାମେରନ୍ ଗ୍ରୀନ୍ ଓ ପୋଭ୍‌ମ୍ୟାନ୍ ପାୱେଲ୍ ୪୦ ବଲ୍‌ରେ ଅପରାଜିତ ୭୦ ରନ୍‌ର ପାର୍ଟନରଶିପ୍ କରି କୋଲ୍‌କାତା ନାଇଟ୍ ରାଇଡର୍ସକୁ ଏକ ସମ୍ମାନଜନକ ସ୍କୋର୍‌ରେ ପହଞ୍ଚାଇଥିଲେ। ଗ୍ରୀନ୍ ୩ ଚୌକା ଓ ଗୋଟିଏ ଛକା ସହାୟତାରେ ୨୪ ବଲ୍‌ରେ ୩୨ ରନ୍ ଏବଂ ପାୱେଲ୍ ୨୪ ବଲ୍‌ରେ ଚାରି ଚୌକା ଓ ଦୁଇ ଛକା ବଳରେ ୩୯ ରନ୍ କରି ଅପରାଜିତ ରହିଥିଲେ।

**ବ୍ୟାଡ୍‌ମିଣ୍ଟନ୍ ଏସିଆ ଚାମ୍ପିଅନ୍‌ଶିପ୍**

# କ୍ୱାର୍ଟର୍‌ରେ ଆୟୁଷ; ସିନ୍ଧୁ-ପ୍ରଣୟ ବିଦା





**ନୂଆଦିଲ୍ଲୀ,୯।୪/ଏଜେନ୍ସି:** ଯୁବ ଭାରତୀୟ ଶଟ୍‌ଲର୍ ଆୟୁଷ ସେଟ୍ଟୀ ବ୍ୟାଡ୍‌ମିଣ୍ଟନ୍ ଏସିଆ ଚାମ୍ପିଅନ୍‌ଶିପ୍‌ର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ତେବେ ପିଭି ସିନ୍ଧୁ ଏବଂ ଏସ୍‌ଏଚ୍ ପ୍ରଣୟ ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୨୫ ନମ୍ବର ଖେଳାଳି ଆୟୁଷ ୨୦ ନମ୍ବର ଖେଳାଳି ଚୀନା ତାଇପେଇର ଚି ୟୁ ଜେନ୍‌ଙ୍କୁ ୨୧-୧୬, ୨୧-୧୨ରେ ମାତ୍ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ତୃତୀୟ ସିଡ୍ ଇଣ୍ଡୋନେସିଆର ଜୋନାଥନ୍ କ୍ରିଷ୍ଟିଙ୍କୁ ଭେଟିବେ। ଏହା ପୂର୍ବରୁ ଆୟୁଷ ବିଶ୍ୱ ନମ୍ବର-୭ ଚୀନ୍‌ର ଲି ଶୀ ଫେଙ୍ଗ୍‌ଙ୍କୁ ୨୧-୧୩, ୨୧-୧୬ ସିଧା ଗେମ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି ସହ ଚମତ୍କାର ଆରମ୍ଭ କରିଥିଲେ।

ମହିଳା ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରେ ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ସିନ୍ଧୁଙ୍କୁ ଦ୍ୱିତୀୟ ସିଡ୍ ଚୀନ୍‌ର ୱାଙ୍ଗ୍ ଝିୟି ୪୬ ମିନିଟ୍‌ର ମ୍ୟାଚ୍‌ରେ ୨୧-୧୮, ୨୧-୮ରେ ହରାଇଛନ୍ତି। ସେହିପରି କାନ୍ଧ ଆଘାତରୁ ସୁସ୍ଥହୋଇ ପ୍ରତ୍ୟାବର୍ତ୍ତନ କରିଥିବା ପ୍ରଣୟଙ୍କୁ ଚୀନ୍‌ର ୱେଙ୍ଗ୍ ହୋଙ୍ଗ୍ ୟାଙ୍ଗ୍ ୨୧-୧୨, ୨୧-୧୯ରେ ହରାଇ ଦେଇଛନ୍ତି। ମିକ୍ସଡ୍ ଡବଲ୍ସରେ ଧ୍ରୁବ କପିଳା ଓ ନତୀଷା କ୍ରାଷ୍ଟୋ ଚତୁର୍ଥ ସିଡ୍ ମାଲେସିଆର ଚେନ୍ ଟାଙ୍ଗ୍ ଜି ଏବଂ ତୋ ଇ ୱେଇ ୨୧-୧୩, ୨୧-୧୪ରେ ହରାଇ ବିଦା କରିଛନ୍ତି।

# ବଢ଼ିଲା ବାଂଲାଦେଶ ଖେଳାଳିଙ୍କ ମ୍ୟାଚ୍ ଫି' ଓ ସାଲାରୀ



**ଢାକା,୯।୪/ଏଜେନ୍ସି:** ବାଂଲାଦେଶ କ୍ରିକେଟ୍‌ରେ ଦୀର୍ଘ ସମୟ ଧରି ଜାରି ରହିଥିବା ବେତନ ପ୍ରସଙ୍ଗକୁ ନେଇ ଏବେ ବଡ଼ ନିର୍ଣ୍ଣୟ ନିଆଯାଇଛି। ତମିମ୍ ଇକ୍‌ବାଲ୍‌ଙ୍କ ନେତୃତ୍ୱ ଥିବା ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ଆଡ୍-ହକ୍ କମିଟି ଘରୋଇ କ୍ରିକେଟର୍‌ଙ୍କ ସାଲାରୀ ଓ ମ୍ୟାଚ୍ ଫି' ବୃଦ୍ଧିକୁ ମଞ୍ଜୁରୀ ଦେଇଛି। ଏହି ମଞ୍ଜୁରୀ ପରେ ମହିଳା କ୍ରିକେଟର୍‌ଙ୍କ ମ୍ୟାଚ୍ ଫି'ରେ ବଡ଼ ପରିବର୍ତ୍ତନ କରାଯାଇଛି। ଏବେ ସେମାନଙ୍କୁ ଦିନିକିଆ ମ୍ୟାଚ୍ ପାଇଁ ୧୫ ହଜାର ବାଂଲାଦେଶୀ ଟଙ୍କା, ପ୍ରଥମଶ୍ରେଣୀ ମ୍ୟାଚ୍ ପାଇଁ ୨୦ ହଜାର ଟଙ୍କା ଏବଂ ଟି-୨୦ ମ୍ୟାଚ୍ ପାଇଁ ୧୦ ହଜାର ଟଙ୍କା ମିଳିବ। ଏହା ବ୍ୟତୀତ ଶୀର୍ଷ ୩୬ ମହିଳା ଘରୋଇ ଖେଳାଳିଙ୍କ ମାସିକ ସାଲାରୀ ୩୦ ହଜାରରୁ ବୃଦ୍ଧି କରି ୪୦ ହଜାର ଟଙ୍କା କରାଯାଇଛି। ପୂର୍ବରୁ ଜଣେ ମହିଳା କ୍ରିକେଟର୍‌ଙ୍କୁ ଦିନିକିଆ ମ୍ୟାଚ୍ ପାଇଁ ୧୦୦୦ ବାଂଲାଦେଶୀ ଟଙ୍କା (ପ୍ରାୟ ୮ ଡଲାର/୭୫୦ ଭାରତୀୟ ଟଙ୍କା) ମିଳୁଥିଲା।

କେବଳ ମହିଳା ନୁହେଁ, ପୁରୁଷ ଘରୋଇ କ୍ରିକେଟର୍‌ଙ୍କୁ ମଧ୍ୟ ଆଶ୍ୱସ୍ତି ମିଳିଛି। କାଟାଗରୀ-ଏ ଖେଳାଳିଙ୍କ ସାଲାରୀ ୬୫ ହଜାର ଟଙ୍କା କରାଯାଇଥିବା ବେଳେ କାଟାଗରୀ-ବି' ଏବଂ ସି' ଖେଳାଳିଙ୍କୁ ଯଥାକ୍ରମେ ୫୦ ହଜାର ଓ ୪୦ ହଜାର ଟଙ୍କା ମିଳିବ। ପ୍ରଥମ ଶ୍ରେଣୀ ମ୍ୟାଚ୍ ଫି' ମଧ୍ୟ ୭୦ ହଜାରରୁ ୧ ଲକ୍ଷ ଟଙ୍କା କରାଯାଇଛି।

**ଟି-୨୦ ଅନ୍ତର୍ଜାତୀୟରେ ଇତିହାସ ରଚିଲେ ବ୍ରାଜିଲ୍ କ୍ରିକେଟର୍ ଲାରା କାର୍ଡୋସା**

# ଇନିଂସ୍‌ରେ ୯ ୱିକେଟ୍ ନେବାରେ ପ୍ରଥମ ଖେଳାଳି

**ଗାବୋରୋନ୍,୯।୪/ଏଜେନ୍ସି:** ବ୍ରାଜିଲ୍‌ର ଲାରା କାର୍ଡୋସା ଟି-୨୦ କ୍ରିକେଟ୍‌ର ରେକର୍ଡ ବୁକ୍‌ରେ ନିଜ ନାମ ରେକର୍ଡ କରିବା ସହିତ ଏକ ଐତିହାସିକ ବୋଲିଂ ପ୍ରଦର୍ଶନ କରିଛନ୍ତି। ବିସିଏ କାଲହାରୀ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟ ୨୦୨୬ରେ ବ୍ରାଜିଲ୍ କ୍ୟାପ୍ଟେନ୍ ଏହି ଫର୍ମାଟ୍‌ରେ ବର୍ତ୍ତମାନ ସୁଦ୍ଧା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଲାସୋଥୋ ବିପକ୍ଷରେ ମାତ୍ର ତିନି ଓଭର୍‌ରେ ୪ ରନ୍ ଦେଇ ୯ଟି ୱିକେଟ୍ ଅକ୍ତିଆର କରିଛନ୍ତି। ଏହା ସହିତ ସେ ପୁରୁଷ ଓ ମହିଳା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଗୋଟିଏ ଇନିଂସ୍‌ରେ ୯ ୱିକେଟ୍ ନେବାରେ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ପୁରୁଷ ଟି-୨୦ ଅନ୍ତର୍ଜାତୀୟରେ ଗତ ରେକର୍ଡ ସୋନମ୍ ୟେଶେଙ୍କ ନାମରେ ଥିଲା। ସେ ୨୦୨୫ରେ ମିଆଁମାର ବିପକ୍ଷରେ ୮/୭ର ପ୍ରଦର୍ଶନ କରିଥିଲେ। ସେହିପରି ମହିଳା



କ୍ରିକେଟ୍‌ରେ ରୋହମାଲିୟା ରୋହମାଲିୟା ୨୦୨୪ରେ ମଙ୍ଗୋଲିଆ ବିପକ୍ଷରେ ୭/୦ର ରେକର୍ଡ କରିଥିଲେ। କାର୍ଡୋସ ନିଜର ଚମତ୍କାର ସ୍ପେଲ୍‌ରେ ଏହି ଦୁଇ ରେକର୍ଡ ଭଙ୍ଗ କରିଛନ୍ତି। ତାଙ୍କର ଏହି ପ୍ରଦର୍ଶନକୁ ଏହି ଫର୍ମାଟ୍‌ର ଇତିହାସରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଭାବେ ସ୍ମରଣ କରାଯିବ।

କାର୍ଡୋସ୍ ନିଜ ପ୍ରଥମ ଓଭର୍‌ରେ ହ୍ୟାଟ୍ରିକ୍ ଅର୍ଜନ କରି ବ୍ରାଜିଲ୍ ବିଜୟର ମୂଳଦୁଆ ସ୍ଥାପନ କରିଥିଲେ। ଏହାପରେ ନିଜ ପରବର୍ତ୍ତୀ ଓଭର୍‌ରେ ଆଉ ୪ ୱିକେଟ୍‌ରେ ମୋଟ ୭ ୱିକେଟ୍ ପୂରା କରିଥିଲେ। ପୁଣି ତୃତୀୟ ଓଭର୍‌ରେ ଦୁଇଟି ୱିକେଟ୍ ଅକ୍ତିଆର କରି ମୋଟ ୯ ୱିକେଟ୍ ନେବାର ଅଭୂତପୂର୍ବ କୀର୍ତ୍ତିମାନ ସ୍ଥାପନ କରିଥିଲେ। ଲେସୋଥୋର ପୂରା ଟିମ୍ ୬.୨ ଓଭର୍‌ରେ ମାତ୍ର ୧୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। କାର୍ଡୋସ୍‌ଙ୍କ ବ୍ୟତୀତ ମାରିଏନ୍ ଆର୍ଥର୍ ବାକି ୱିକେଟ୍‌ଟି ନେଇଥିଲେ। ଫଳରେ ବ୍ରାଜିଲ୍ ଏହି ମ୍ୟାଚ୍‌ରେ ୧୮୯ ରନ୍‌ର ବିଶାଳ ବିଜୟ ହାସଲ କରିଥିଲା। ଏହା ପୂର୍ବରୁ ବ୍ରାଜିଲ୍ ୨୦୨ ରନ୍‌ର ବିଶାଳ ସ୍କୋର୍ ଛିଡ଼ା କରିଥିଲା।

**ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍**

# ଗ୍ରୀନ୍ସକୁ ହରାଇ ଫାଇନାଲ୍‌ରେ ରେଡ୍ ଷ୍ଟାର୍





**ଭୁବନେଶ୍ୱର,୯।୪/ଏଜେନ୍ସି:** ଗ୍ରୀନ୍ସ କ୍ରିକେଟ୍ ଏକାଡେମୀକୁ ୧୦୩ ରନ୍‌ରେ ହରାଇ ରେଡ୍ ଷ୍ଟାର୍ କ୍ଲବ୍ ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୭ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପ୍ରବେଶ କରିଛି। ଟିମ୍ ରବିବାରର ଫାଇନାଲ୍‌ରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ଭେଟିବ। ଗ୍ରୀନ୍ସ ଓ ରେଡ୍ ଷ୍ଟାର୍ ମଧ୍ୟରେ ପ୍ରଥମ ସେମିଫାଇନାଲ୍ ମଙ୍ଗଳବାର ବର୍ଷା କାରଣରୁ ବନ୍ଦ ରହିବା ପରେ ଆଜି ଖେଳାଯାଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରେଡ୍ ଷ୍ଟାର୍ ନିର୍ଦ୍ଧାରିତ ୩୦ ଓଭର୍‌ରେ ୮ ୱିକେଟ୍ ହରାଇ ୨୧୪ ରନ୍ କରିଥିଲା। ପ୍ରାନ୍ତିକ ନାୟକ ୫୧ ବଲ୍‌ରୁ ସର୍ବାଧିକ ୫୭ ରନ୍, ମିଧାଂଶୁ ଦାସ ୪୬ ରନ୍ କରିଥିଲେ। ପ୍ରତିପକ୍ଷର ଅଭିଷେକ ସେନାପତି ତିନିଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ୨୭.୩ ଓଭର୍‌ରେ ମାତ୍ର ୧୧୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଶୁଭଙ୍କ ମଲ୍ଲିକ୍ ସର୍ବାଧିକ ୨୪ ରନ୍ କରିଥିବା ବେଳେ ମିଧାଂଶୁ ଦାସ ଓ ମୃତ୍ୟୁଞ୍ଜୟ ଦାସ ୩-୩ ୱିକେଟ୍ ନେଇଥିଲେ। ମିଧାଂଶୁ ଦାସଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆଜିର ମ୍ୟାଚ୍‌ରେ ଅତିଥି ଭାବେ ରଣଜୀ ଖେଳାଳି ଶୁଭ୍ରାଂଶୁ ସେନାପତି ଓ ଦେବବ୍ରତ ପ୍ରଧାନ ଏବଂ ସ୍ୱର୍ଗତ ରାମକୃଷ୍ଣ ମହାପାତ୍ରଙ୍କ କ୍ୱାଇଁ ତପନ କୁମାର ପାଢ଼ୀ ଯୋଗ ଦେଇଥିଲେ। ଆୟୋଜକ ସଂଘର ସହସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା, ସୂର୍ଯ୍ୟ ତ୍ରିପାଠୀ ଓ ବିନୋଦ ବାରିକ ଉପସ୍ଥିତ ଥିଲେ।

**ଏସିଆନ୍ ବକ୍ସିଂ ଚାମ୍ପିଅନ୍‌ଶିପ୍**

# ୧୦ ପଦକ ସହ ଶୀର୍ଷରେ ଭାରତୀୟ ମହିଳା ଟିମ୍



**ନୂଆଦିଲ୍ଲୀ,୯।୪/ଏଜେନ୍ସି:** ମଙ୍ଗୋଲିଆ ରାଜଧାନୀ ଉଲାନ୍‌ବାଟର୍‌ରେ ଜାରି ଏସିଆନ୍ ବକ୍ସିଂ ଚାମ୍ପିଅନ୍‌ଶିପ୍ ୨୦୨୬ରେ ଭାରତୀୟ ମହିଳା ଟିମ୍ ଶୀର୍ଷରେ ଅଭିଯାନ ଶେଷ କରିଛି। ଟିମ୍ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୪ ବ୍ରୋଞ୍ଜ୍ ସମେତ ମୋଟ ୧୦ ପଦକ ଜିତିଛି। କୋଚ୍ ସାଣ୍ଟିଆଗୋ ନିଭାଙ୍କ ଦିଗ୍‌ଦର୍ଶନରେ ମୀନାକ୍ଷୀ (୪୮ କିଗ୍ରା), ପ୍ରୀତି (୫୪ କିଗ୍ରା), ପ୍ରିୟା (୬୦ କିଗ୍ରା) ଏବଂ ଅରୁନ୍ଧତି (୭୦ କିଗ୍ରା) ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ମୀନାକ୍ଷୀ ମଙ୍ଗୋଲିଆର ନୋମନ୍ଦାରୀ ଏନ୍‌ଖ-ଅମଗାଲନ୍‌ଙ୍କୁ ୫-୦ରେ ହରାଇ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଦେଇଥିଲେ। ଏହାପରେ ପ୍ରୀତି ଚୀନା ତାଇପେଇର ତିନି ଥରର ବିଶ୍ୱ ଚାମ୍ପିଅନ୍ ହୁଆଙ୍ଗ୍ ଶିୟାଓ-ବେନ୍‌ଙ୍କୁ ୫-୦ରେ ହରାଇଥିଲେ। ପ୍ରୀତି ପ୍ୟାରିସ୍ ଅଲିମ୍ପିକ୍ ବ୍ରୋଞ୍ଜ୍ ବିଜେତା ହୁଆଙ୍ଗ୍‌ଙ୍କ ବିପକ୍ଷରେ ଦବ୍‌ଦବା ବଜାୟ ରଖି ବିଜୟୀ ହୋଇଥିଲେ। ସେହିପରି ପ୍ରିୟା ଘନଘାସ୍ ନର୍ଥ କୋରିଆର ୱୋନ୍ ଉନ୍-ଗ୍ୟୋଙ୍ଗ୍‌ଙ୍କୁ ୩-୦ରେ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ଅରୁନ୍ଧତି ଚୌଧୁରୀ କଜାକସ୍ତାନର ବାକିତ ସେଇଦୀଶଙ୍କୁ ୪-୧ରେ ହରାଇ ଭାରତ ପାଇଁ ଚତୁର୍ଥ ସ୍ୱର୍ଣ୍ଣ ଜିତିଥିଲେ। ତେବେ ୫୭ କିଗ୍ରା ଫାଇନାଲ୍‌ରେ ଭାରତର ଜାସ୍ମିନ୍ ଲାମ୍ବୋରିଆଙ୍କୁ ଥାଇଲାଣ୍ଡର ପୁରାଭୀ ରୁଏନ୍‌ରୋସ୍ ୫-୦ରେ ହରାଇଥିବା ବେଳେ ଅଲ୍‌ଫିୟା ପଠାନ୍ (୮୦+ କିଗ୍ରା) ଫାଇନାଲ୍‌ରେ କଜାକସ୍ତାନର ଦୀନା ଇସ୍ଲାମବୋକୋଭାଙ୍କ ଠାରୁ ୦-୫ରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହା ପୂର୍ବରୁ ନିକହତ୍ ଜରୀନ୍ (୫୪ କିଗ୍ରା), ଅଂକୁଶିତା ବୋରୋ (୬୫ କିଗ୍ରା), ଲଭଲିନା ବୋରଗୋହେନ୍ (୭୫ କିଗ୍ରା) ଓ ପୂଜା ରାଣୀ (୮୦ କିଗ୍ରା) ସେମିଫାଇନାଲ୍‌ରେ ହାରି ବ୍ରୋଞ୍ଜ୍ ପଦକ ଜିତିଥିଲେ। ପୁରୁଷ ବର୍ଗରେ ବିଶ୍ୱନାଥ ସୁରେଶ (୪୮ କିଗ୍ରା) ଓ ସଚିନ୍ ସିୱାଚ୍ (୬୦ କିଗ୍ରା) ଶୁକ୍ରବାର ନିଜ ନିଜର ବର୍ଗର ଫାଇନାଲ୍ ମ୍ୟାଚ୍ ଖେଳିବେ।

## ଦେଶ ବିଦେଶ

**ସିକ୍କିମ୍‌ରେ ଭୂସ୍ଖଳନ**

# ଲାଚେନ୍‌ରେ ଫସିଥିବା ୧୬୦୦ ପର୍ଯ୍ୟଟକଙ୍କୁ ଉଦ୍ଧାର କଲା ସେନା

**ଗାଙ୍ଗଟକ୍, ୯।୪/ଏଜେନ୍ସି:** ଉତ୍ତର ସିକ୍କିମ୍‌ର ଲାଚେନରେ ଏପ୍ରିଲ ୭ ତାରିଖରୁ ପ୍ରବଳ ବର୍ଷା ଲାଗି ରହିଥିବାରୁ ଭୂସ୍ଖଳନ ଭଳି ଅଘଟଣ ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁ ରାସ୍ତାଗୁଡ଼ିକର ସ୍ଥିତି ଶୋଚନୀୟ ହୋଇଯାଇଛି। ଉତ୍ତର ସିକ୍କିମର ଲାଚେନରୁ ଜିଲ୍ଲା ମୁଖ୍ୟାଳୟ ମଙ୍ଗନ୍‌କୁ ଯୋଗାଯୋଗ କରୁଥିବା ଏକ ରାସ୍ତା ଭୂସ୍ଖଳନ ଯୋଗୁ



ସମ୍ପୂର୍ଣ୍ଣ ଖରାପ ହୋଇଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଫଳରେ ଏହି ଅଞ୍ଚଳରେ ପ୍ରାୟ ୧୬୦୦ ପର୍ଯ୍ୟଟକ ଫସି ରହିଥିଲେ। ତେବେ ବୁଧବାର ସେନା ଦ୍ୱାରା ଉକ୍ତ ସ୍ଥାନରୁ ଉଦ୍ଧାର ଅପରେସନ୍ ଆରମ୍ଭ ହୋଇଥିବା ବେଳେ ଗୁରୁବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପର୍ଯ୍ୟଟକଙ୍କୁ ଉଦ୍ଧାର କରିନିଆଯାଇଛି। ବିଶେଷକରି ବରଫପାତ ଯୋଗୁ ମଧ୍ୟ ସ୍ଥିତି ଅଧିକ ବିଗିଡ଼ି ଯାଇଛି। ଭାରତୀୟ ସେନାର ଇଷ୍ଟର୍ଣ୍ଣ କମାଣ୍ଡ ଅଧୀନରେ ତ୍ରିଶକ୍ତି କର୍ପ୍ସ ଯୋଗାଯୋଗ ପୁନଃସ୍ଥାପିତ କରିବାପାଇଁ ଏବଂ ଫସିଥିବା ପର୍ଯ୍ୟଟକଙ୍କୁ ସହଯୋଗ କରିବାପାଇଁ ଅପରେସନ୍ ଚଳାଇଛି। ଖରାପ ପାଗ ଏବଂ ପ୍ରବଳ ବରଫପାତ ସତ୍ତ୍ୱେ ଉଦ୍ଧାରକାରୀ ଦଳ ଉଦ୍ଧାର ଅପରେସନ୍ ଜାରି ରଖିଛନ୍ତି। ଲାଚେନ ସିକ୍କିମର ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ। ୨୦୨୩ ଅକ୍ଟୋବର ବନ୍ୟାର ପ୍ରାୟ ୨ ବର୍ଷ ପରେ ଲାଚେନ୍ ପୁଣିଥରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି।

**ବରବାଦ କରିଦେଲା ୧୧ ଦିନରେ ପଇସା ଡବଲ୍ ହେବାର ଲୋଭ**

# ବୃଦ୍ଧ ଡାକ୍ତରଙ୍କଠୁ ଠକିନେଲେ ୧୨ କୋଟି

**ପୁଣେ, ୯।୪/ଏଜେନ୍ସି:** ମାତ୍ର ୧୧ ଦିନରେ ଅର୍ଥରାଶିକୁ ଦୁଇଗୁଣ କରିବାର ଲୋଭ ଜଣେ ଡାକ୍ତରଙ୍କ ପାଇଁ ଜୀବନର ସବୁଠୁ ବଡ଼ ପଶ୍ଚାତାପର କାରଣ ସାଜିଛି। ରିପୋର୍ଟ ଅନୁସାରେ ପୁଣେର ଜଣେ ବୟସ୍କ ଡାକ୍ତର (୭୫ ବର୍ଷ) ସାଇବର ଠକେଇର ଶିକାର ହୋଇ ପ୍ରାୟ ୧୨.୩୧ କୋଟି ଟଙ୍କା ହରାଇଛନ୍ତି। ଷ୍ଟକ୍ ମାର୍କେଟରେ ନିବେଶ ପୂର୍ବକ ମାତ୍ର ୧୧ ଦିନରେ ଟଙ୍କା ଦୁଇଗୁଣ କରିଦେବାର ପ୍ରଲୋଭନ ଦେଖାଇ ସାଇବର ଠକମାନେ ତାଙ୍କୁ ଲୁଟିନେଇଛନ୍ତି। ଚଳିତ ବର୍ଷ ଜାନୁଆରୀ ମାସରେ ଏହି ଡାକ୍ତରଙ୍କ ପାଖକୁ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ସେଥିରେ ଷ୍ଟକ୍ ମାର୍କେଟରେ ଅଧିକ ଲାଭ ମିଳିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ଏପରିକି ତାଙ୍କୁ "ଭିଆଇପି ଷ୍ଟକ୍ ୨୪" ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ସାମିଲ କରାଯାଇଥିଲା, ଯେଉଁଠାରେ ଆକର୍ଷଣୀୟ ନିବେଶ ଯୋଜନା ବିଷୟରେ କୁହାଯାଉଥିଲା। ଠକମାନେ ତାଙ୍କୁ ବିଶ୍ୱାସ ଦେଇଥିଲେ ଯେ ସେମାନଙ୍କ କଥା ଅନୁଯାୟୀ ୨୭ କୋଟି ଟଙ୍କାର ନିବେଶ କଲେ ମାତ୍ର ୧୧ ଦିନରେ ତାଙ୍କର ଟଙ୍କା ୫୪ କୋଟି ହୋଇଯିବ। ଏଥିପାଇଁ ତାଙ୍କୁ ଏକ ନକଲି ମୋବାଇଲ୍ ଆପ୍ ଡାଉନଲୋଡ୍ କରିବାକୁ ମଧ୍ୟ ଠକମାନେ ପ୍ରବର୍ତ୍ତାଇଥିଲେ। ଏହି ଆପ୍‌ଟି ଏକ ପ୍ରତିଷ୍ଠିତ ଆନ୍ତର୍ଜାତୀୟ ସଂସ୍ଥା ନାମରେ ରହିଥିବାରୁ ପୀଡିତ ଡାକ୍ତର ଜଣକ ଏହାକୁ ସତ ବୋଲି ଭାବିଥିଲେ। ଅନ୍ୟପକ୍ଷେ ଠକମାନେ ତାଙ୍କୁ ବାରମ୍ବାର ମିଥ୍ୟା ଲାଭ ସମ୍ପର୍କରେ ପ୍ରବର୍ତ୍ତାଉଥିଲେ।

ଶେଷରେ ଡାକ୍ତରଜଣକ ଠକମାନଙ୍କ କଥାରେ ପଡ଼ି ମାର୍ଚ୍ଚ ୭ ରୁ ମାର୍ଚ୍ଚ ୧୮ ତାରିଖ ମଧ୍ୟରେ ୮ଟି ପୃଥକ ପୃଥକ ବ୍ୟାଙ୍କ ଆକାଉଣ୍ଟକୁ ମୋଟ୍ ୧୨.୩୧ କୋଟି ଟଙ୍କା ପଠାଇଥିଲେ। ଯେତେବେଳେ ଡାକ୍ତର ଅଧିକ ଟଙ୍କା ଦେବାକୁ ମନା କଲେ, ସେତେବେଳେ ଠକମାନେ ତାଙ୍କର ସମ୍ପତ୍ତି ଜବତ କରିନେବାକୁ ଧମକ ଦେଇଥିଲେ।



ପ୍ରାୟ ତିନି ମାସ ଧରି ଟଙ୍କା ପଠାଇବା ପରେ ମଧ୍ୟ ଯେତେବେଳେ କୌଣସି ରିଟର୍ଣ୍ଣ ମିଳିଲା ନାହିଁ ଏବଂ ଠକମାନେ ଆହୁରି ଟଙ୍କା ମାଗିଲେ, ସେତେବେଳେ ସେ ଠକେଇର ଶିକାର ହୋଇଥିବା ଅନୁଭବ କଲେ। ଡାକ୍ତରଙ୍କ ଅଭିଯୋଗ ଆଧାରରେ ସାଇବର ପୁଲିସ୍ ଷ୍ଟେସନରେ ଏକ ଏଫଆଇଆର୍ ରୁଜୁ କରାଯାଇଛି। ପୁଲିସ୍ ବର୍ତ୍ତମାନ ଟଙ୍କାର କାରବାର ଏବଂ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

# ୨୦୨୮ ସିଓପି୩୩ ଆୟୋଜନରୁ ଦୂରେଇଲା ଭାରତ

**ନୂଆଦିଲ୍ଲୀ, ୯।୪/ଏଜେନ୍ସି:** ୨୦୨୮ରେ ଜାତିସଂଘର ବାର୍ଷିକ ଜଳବାୟୁ ସମ୍ମିଳନୀ (ସିଓପି୩୩) ଆୟୋଜନ କରିବାର ପ୍ରସ୍ତାବକୁ ଭାରତ ପ୍ରତ୍ୟାହାର କରିନେଇଛି। ଭାରତ କାହିଁକି ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରୁ ଓହରି ଯାଇଛି ଯଦିଓ ତାହା ସ୍ପଷ୍ଟ ହୋଇନାହିଁ, କିନ୍ତୁ ଏହାକୁ ଭାରତର କୂଟନୈତିକ ନିଷ୍ପତ୍ତି ଭାବେ ଅଭିହିତ କରାଯାଉଛି। ପ୍ରକାଶ, ଏସିଆ-ପାସିଫିକ୍ ଗ୍ରୁପ୍‌ର ଅଧ୍ୟକ୍ଷଙ୍କୁ ଭାରତୀୟ ଅଧିକାରୀ ରଜତ ଅଗ୍ରୱାଲ ଲେଖିଥିବା ଚିଠି ଅନୁସାରେ, ୨୦୨୮ରେ ସିଓପି୩୩ ଆୟୋଜନ କରିବା ନେଇ ନିଜ ପ୍ରତିଶ୍ରୁତିର ସମୀକ୍ଷା କରିବା ପରେ ଭାରତ ଏବେ ଏହାକୁ ପ୍ରତ୍ୟାହାର କରିନେଇଛି। ଚିଠିରେ ଉଲ୍ଲେଖ କରାଯାଇଥିବା ୪ ପାରାଗ୍ରାଫ୍‌ରେ କୁହାଯାଇଛି ଯେ, ଜଳବାୟୁ କାର୍ଯ୍ୟାନୁଷ୍ଠାନ ଉପରେ ଭାରତ ଅନ୍ତର୍ଜାତୀୟ ସମୁଦାୟ ସହିତ ଗଠନମୂଳକ ଭାବରେ କାର୍ଯ୍ୟ ଜାରି ରଖିବ ଏବଂ ପ୍ରାର୍ଥିତ୍ୱ ପାଇଁ ଏସିଆ-ପ୍ରଶାନ୍ତ ଦେଶଗୁଡ଼ିକର ସମର୍ଥନ ଓ ଏକତାକୁ ପ୍ରଶଂସା କରୁଛି। ପିଟିଆଇ ଅନୁଯାୟୀ, ଜୁଲାଇ ୨୦୨୫ରେ, ଭାରତର ପରିବେଶ ମନ୍ତ୍ରଣାଳୟ ୨୦୨୮ ଶିଖର ସମ୍ମିଳନୀ ପାଇଁ ବୃତ୍ତିଗତ ଓ ଲଜିଷ୍ଟିକ୍





ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ଉତ୍ସର୍ଗୀକୃତ ସିଓପି୩୩ ସେଲ୍ ଗଠନ କରିଥିଲା। ୨୦୨୩ରେ ଦୁବାଇରେ ୨୮ତମ ଜାତିସଂଘ ଜଳବାୟୁ ସମ୍ମିଳନୀ (ସିଓପି୨୮)ରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୮ରେ ଭାରତକୁ ସିଓପି୩ର ଆୟୋଜକ ଭାବରେ ପ୍ରସ୍ତାବ ଦେଇଥିଲେ। ମୋଦୀ ନିଜ ଭାଷଣ ମାଧ୍ୟମରେ ୟୁଏଇ ସହିତ ଗ୍ଲୋବାଲ୍ ଗ୍ରିନ୍ କ୍ରେଡିଟ୍ ଇନିସିଏଟିଭ୍ ଆରମ୍ଭ କରି ଜଳବାୟୁ କାର୍ଯ୍ୟକୁ ମଧ୍ୟ ସମର୍ଥନ କରିଥିଲେ। ଗ୍ଲୋବାଲ୍ ସାଉଥ୍‌କୁ ଜଳବାୟୁ ଅର୍ଥ ଓ ପ୍ରଯୁକ୍ତିବିଦ୍ୟା ଯୋଗାଇବାକୁ ସେ ବିକଶିତ ଦେଶମାନଙ୍କୁ ମଧ୍ୟ ଅନୁରୋଧ କରିଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra